# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, March 7/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 103 | ମୂଲ୍ୟ ₹୭/-



DSPL - 410



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଘରେ ଘରେ ସୁଭଦ୍ରା ଦୀପ ଜାଳିବା
## ମହିଳା ସଶକ୍ତୀକରଣ ପର୍ବ ପାଳିବା



**୭ ମାର୍ଚ୍ଚ ୨୦୨୫**

# ଘରେ ଘରେ ସୁଭଦ୍ରା

OIPR-33001/13/0077/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

## ସାଂସଦ ଆଞ୍ଚଳିକ ଉନ୍ନୟନ ସୁବିଧା କେନ୍ଦ୍ର ଉଦ୍‌ଘାଟିତ



ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପରିସରରେ ସାଂସଦ ଆଞ୍ଚଳିକ ଉନ୍ନୟନ ସୁବିଧା କେନ୍ଦ୍ରକୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ବିଶିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ବଲାଙ୍ଗୀର ସଦର ପଞ୍ଚାୟତ ସମିତି ପକ୍ଷରୁ ଏହା ତିଆରି କରାଯାଇଥିବା ସୂଚନା ଦିଆଯାଇଛି।



### ସଂକ୍ଷେପରେ

## ବାହାଘର ଭୋଜି ଖାଇ ଝାଡ଼ାବାନ୍ତିରେ ୨୦ ଆକ୍ରାନ୍ତ

■ଜଣେ ମହିଳା ଗୁରୁତର
■ଗାଁରେ ସ୍ୱାସ୍ଥ୍ୟ ବିଭାଗର ଟିମ୍

ପାଟଣାଗଡ,୬।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଡାଙ୍ଗବାହାଲ ପଞ୍ଚାୟତ ଛୁଆଲିଉଦର ଗାଁରେ ବାହାଘର ଭୋଜି ଖାଇ ଗୁରୁବାର ୨୦ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ମହିଳା ଗୁରୁତର ହୋଇ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି । ଗୁରୁତର ମହିଳା ଜଣକ ହେଲେ ଉକ୍ତ ଗ୍ରାମର ସୁରେଖା ପଧାନ (୪୦) । ଖବରପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି । ପ୍ରକାଶ ଯେ, ବୁଧବାର ରାତିରେ ଛୁଆଲିଉଦର ଗାଁର ଗଙ୍ଗାଧର ପ୍ରଧାନଙ୍କ ଝିଅ ବାହାଘର ଥିଲା । ଏହି ବାହାଘର ଭୋଜି ଖାଇଥିବା ୨୦ ଜଣ ବ୍ୟକ୍ତିଙ୍କୁ ଗୁରୁବାର ସକାଳୁ ଝାଡ଼ାବାନ୍ତି ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିବା ପରେ କେତେଜଣଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ଫାର୍ମାସିଷ୍ଟ ମନୋଜ ଆଚାର୍ଯ୍ୟଙ୍କ ଠାରୁ ଜଣାପଡିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଚିନ୍ମୟ ପାଠୀ, ପିଏଚଇଓ ଗୋପୀନାଥ ନାଏକ, ଶ୍ରୀକାନ୍ତ ମିଶ୍ର, ଫାର୍ମାସିଷ୍ଟ ଦିଲିପ ସିଂ ରାଉତ, ମୋହନ ମହାମଲ୍ଲିକଙ୍କ ସହ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରୁଥିବା ଜଣାପଡିଛି।

# ବଲାଙ୍ଗୀର ବହିହାଟ ଉଦ୍‌ଯାପିତ

## ଗାଳ୍ପିକା ଡା. ମଞ୍ଜୁବାଳା ପଣ୍ଡାଙ୍କୁ ବହିହାଟ ସମ୍ମାନ

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)



ବହିହାଟ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ଜିଲା ଲେଖକ ପରିଷଦ ପକ୍ଷରୁ ୧୭ତମ ବଲାଙ୍ଗୀର ବହିହାଟ ୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ପରିଷଦ ସଭାପତି ମଳୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବହିହାଟର ମୁଖ୍ୟ ସଂଯୋଜକ ଡ. ଶ୍ରୀକର ମିଶ୍ର ଯୋଗଦାନ କରିଥିଲେ। ବହିହାଟର ଆୟୋଜନ ଏକ ମହତ କାର୍ଯ୍ୟ ଏବଂ ଏ ଦିଗରେ ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦ ଉପସଭାପତି ମୁରଲୀଧାରୀ ପତି, ସମ୍ପାଦକ କପିଳେଶ୍ୱର ଖମାରୀ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ, ସହସମ୍ପାଦକ ରଘୁନନ୍ଦନ ସିଂ, ବଲାଙ୍ଗୀର ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା, ଗୀତିକାର କୃଷ୍ଣଚନ୍ଦ୍ର ବାରିକ ଅଭିଭାଷଣ ଦେଇଥିଲେ। ସଭାକୁ ଧୀରେନ୍ଦ୍ର ନାରାୟଣ ସିଂଦେଓ ସଂଯୋଜନା କରିଥିଲେ। କବୟତ୍ରୀ ଉଷାରାଣୀ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଅନୁପ୍ରିୟା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟଗୁରୁ ସ୍ୱର୍ଗତ କୃତ୍ତିବାସ ମେହେରଙ୍କୁ ମରଣୋତ୍ତର ସମ୍ମାନ, ମହିଳା ଜ୍ୟୋତିଷ ମିତାଲି ମଧୁମିତା ମିଶ୍ରଙ୍କୁ ବିଶେଷ ସମ୍ମାନ ଓ ସୁଲେଖିକା ତଥା ଗାଳ୍ପିକା ଡା. ମଞ୍ଜୁବାଳା ପଣ୍ଡାଙ୍କୁ ଚଳିତବର୍ଷ ବହିହାଟ ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିନେତା ହିମାଂଶୁ ଖମାରୀ ମାନପତ୍ର ପାଠ କରିଥିଲେ। ସଭା ଶେଷରେ ସିଂଦେଓ ଧନ୍ୟବାଦ ଦେଇଥିଲେ।

## ସୁଭଦ୍ରା ପଥପ୍ରାନ୍ତ କାର୍ଯ୍ୟକ୍ରମ

ଦେଓଗାଁ,୬।୩ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ଥାନୀୟ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସୁଭଦ୍ରା ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମିନତୀରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଏବିଇଓ ଅଜିତ କୁମାର ମିଶ୍ର, ବିଏସଏସଓ ସିଦ୍ଧାର୍ଥ ସେଠ ଯୋଗଦେଇ ସୁଭଦ୍ରା ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମମତା ସିଂ ନିନାଙ୍କ ସଫଳ କାହାଣୀ ଓ ଜୟନ୍ତୀ ହରପାଲଙ୍କ ଦ୍ୱାରା ସୁଭଦ୍ରା ଯୋଜନା ସମ୍ପର୍କିତ ଗୀତ ମନଛୁଆଁ ହୋଇଥିଲା। ଶମ୍ଭୁଭୂଷଣ ବାଗଙ୍କ ଦ୍ୱାରା ସଂଚାର ନୃତ୍ୟ ମାଧ୍ୟମରେ ସୁଭଦ୍ରା ଯୋଜନା ବିଷୟରେ ସଚେତନତାମୂଳକ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସିଆରପି, ଅଙ୍ଗନୱାଡି କର୍ମୀ, ସୁଭଦ୍ରା ହିତାଧିକାରୀମାନେ ଯୋଗ ଦେଇଥିଲେ ।



ଦେଓଗାଁ ବ୍ଲକ ପରିସରରେ ଶମ୍ଭୁଭୂଷଣ ବାଗ ଓ ସାଥୀଙ୍କ ଦ୍ୱାରା ସୁଭଦ୍ରା ପଥପ୍ରାନ୍ତ କାର୍ଯ୍ୟକ୍ରମ ଚାଲିଛି।

## ଲୋଇସିଂହା ବ୍ଲକ: ଶାନ୍ତିଶୃଙ୍ଖଳାରେ ମାଟ୍ରିକ ପରୀକ୍ଷା ଶେଷ



ପରୀକ୍ଷା ଦେଇସାରି ଛାତ୍ରୀମାନେ ଖୁସି ମନରେ ବାହାରୁଛନ୍ତି।

ଲୋଇସିଂହା,୬।୩(ସୁଶାନ୍ତ ବାରିକ)

ଫେବୃଆରୀ ୨୧ ତାରିଖରୁ ଚାଲିଥିବା ମାଟ୍ରିକ ପରୀକ୍ଷା ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୭ଟି କେନ୍ଦ୍ରରେ ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ଗୁରୁବାର ସମ୍ପନ୍ନ ହୋଇଛି । ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସମସ୍ତ ପରୀକ୍ଷା ଦିନରେ ସବୁ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ । କୁଶଙ୍କ କେନ୍ଦ୍ରରେ ପ୍ରଥମରୁ ଶେଷ ଦିବସ ଯାଏ ସର୍ବାଧିକ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ବ୍ଲକର ୭ଟି ପରୀକ୍ଷା କେନ୍ଦ୍ର ପାଇଁ ୯୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସମସ୍ତ ୮୯ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ । ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ କେନ୍ଦ୍ରରେ ୧୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ମାତ୍ର ଛାତ୍ର ଅନୁପସ୍ଥିତ ରହିଥିଲେ । ଯୋଗୀସର୍ଡା କେନ୍ଦ୍ରରେ ୧୧୭ ରୁ ୧୧୩ ପରୀକ୍ଷାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଥିବା ବେଳେ ୪ ଜଣ ଅନୁପସ୍ଥିତ ରହିଥିଲେ । ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲ କେନ୍ଦ୍ରରେ ୧୪୩ ପରୀକ୍ଷାର୍ଥଙ୍କ ମଧ୍ୟରୁ ପ୍ରଥମ ଦିବସରେ ୨ ଜଣ ,ଦ୍ୱିତୀୟ ଓ ତୃତୀୟ ଦିବସରେ ୩ ଜଣ ,ବାକି ଦିବସରେ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । କୁଶଙ୍ଗ କେନ୍ଦ୍ରରେ ୧୦୪ ରୁ ୯୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ଏହି କେନ୍ଦ୍ରରେ ପ୍ରଥମରୁ ଶେଷ ଯାଏ ୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ । ସରଗାଡ କେନ୍ଦ୍ରରେ ୧୭୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏଠାରେ ପ୍ରଥମ ଓ ଦ୍ୱିତୀୟ ଦିବସରେ ୨ ଜଣ ଏବଂ ବାକି ଦିନଗୁଡିକରେ ୩ ଜଣ ଛାତ୍ର ଅନୁପସ୍ଥିତ ରହିଥିଲେ । କୁଟୁରାପାଲି କେନ୍ଦ୍ରରେ ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ତୃତୀୟ ଓ ଚତୁର୍ଥ ଦିବସରେ ୨ ଜଣ ଏବଂ ବାକି ଦିବସରେ ଜଣେ ମାତ୍ର ଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି । ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଇଥିବା ଯୋଗୀସର୍ଡା ସ୍କୁଲ ତଥା ଭାଲିଆମୁଣ୍ଡା ଗ୍ରାମର ଛାତ୍ରୀ ବୀଣାରାଣୀ ନାଗ କହିଛନ୍ତି, ପରୀକ୍ଷାରେ ଭଲ ହୋଇଛି । ବିନା ଭୟରେ ପରୀକ୍ଷା ଦେଇଛି । ଶେଷ ଦିବସରେ ଦେଇଥିବା ମଲଟି ସ୍କିଲ ପରୀକ୍ଷା ଶତପ୍ରତିଶତ ଭଲ ହୋଇଛି । ବିଜ୍ଞାନ ବିଷୟରେ ଖରାପ ହୋଇଥିଲେ ସୁଦ୍ଧା ବି ୨ରେ ପାସ ହେବାକୁ ଆଶା ରଖିଛି । ସେହିପରି ଭାଲିଆମୁଣ୍ଡା ଗ୍ରାମର ଛାତ୍ର ଶୁଭେନ୍ଦୁ ଶେଖର ବାଗ କହିଛନ୍ତି, ଗ୍ରେଡ ହିସାବ କରିନାହିଁ। ପରୀକ୍ଷା ଭଲ ହୋଇଛି। କପିର ପ୍ରଶ୍ନ ନଥିଲା ବୋଲି ସେ କହିଛନ୍ତି।

## ଅନାସ୍ଥା ନୋଟିସ ଖାରଜ କଲେ ଉପଜିଲାପାଳ

ଟିଟିଲାଗଡ,୬।୩(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଛି। କେତେଜଣ ସରପଞ୍ଚ ଏବଂ ସମିତି ସଭ୍ୟା ସଭ୍ୟ ଗତ ମାସ ୨୭ ତାରିଖରେ ଭାଜପା ନେତା ଅଙ୍କୁର ଅଗ୍ରୱାଲ, ପବିତ୍ର ସାହୁ, ସୁଧୀର ଘଡେଇଙ୍କ ସହ ଉପଜିଲାପାଳ ରେହାନ ଖତ୍ରୀଙ୍କୁ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନୋଟିସ ଦେଇଥିଲେ। ଏନେଇ ଉପଜିଲାପାଳ ଦସ୍ତଖତ ମେଳ ପାଇଁ ସରପଞ୍ଚ ଏବଂ ସମିତି ସଭ୍ୟା ସଭ୍ୟଙ୍କୁ ଡ଼ାକିଥିବା ବେଳେ ଅନେକ ସେମାନଙ୍କ ଦସ୍ତଖତ ନକଲି ଥିବା ସ୍ୱୀକାର କରିଥିଲେ। ଏନେଇ ଟିଟିଲାଗଡ଼ ବିଡ଼ିଓ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ଅନେକ ସରପଞ୍ଚ ଏବଂ ସମିତି ସଭ୍ୟ ନିଜେ ପ୍ରଶାସନ ନିକଟରେ ହାଜର ହୋଇ ନିଜ ବୟାନ ଲିପିବଦ୍ଧ କରିଥିବା ବେଳେ ସୁରଡ଼ା ସମିତି ସଭ୍ୟ କମଲେଶ ସୁନା ଲିଖିତ ଭାବରେ ତାଙ୍କ ଦସ୍ତଖତ ନକଲି ବୋଲି ଉପଜିଲାପାଳଙ୍କୁ ଜଣାଇଥିଲେ । ଏନେଇ ଆଇନ ମୁତାବକ ଉପଜିଲାପାଳ ଆବଶ୍ୟକ ସଂଖ୍ୟକ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ଦସ୍ତଖତ ନ ଥିବାରୁ ଗୁରୁବାର ନୋଟିସକୁ ଖାରଜ କରି ଦେଇଛନ୍ତି । ଏହାକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ୭୨ ଲିଟର ବିଦେଶୀ ମଦ ଜବତ, ୨ କୋର୍ଟ ଚାଲାଣ

ଖପ୍ରାଖୋଲ,୬।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ପୋଲିସ ଗୁରୁବାର ମଧ୍ୟାହ୍ନ ରେ ପାଟ୍ରୋଲିଂ କଲାବେଳେ ଖପ୍ରାଖୋଲ ପାଟଣାଗଡ ରାସ୍ତାର ଗମ୍ଭାରୀ ଛକଠାରେ ଚଡାଉ କରି ୭୨ ଲିଟର ବିଦେଶୀ ମଦ ଜବତ କରିଛି। ମଦ ଚୋରାଚାଲାଣରେ ବ୍ୟବହୃତ ମୋଟର ସାଇକେଲ ଜବତ ହୋଇଛି। ଏହି ଘଟଣାରେ ଝାରଖଣ୍ଡ ଲଟେହର ଜିଲାର ଗୋବର୍ଦ୍ଧନ ସିଂ (୨୬) ଓ ପାଟଣାଗଡର ଶଙ୍କର ଯୁଗୁନିଆ (୪୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (୫୫/୨୫) ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

## ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଦାବି ଜଣାଇଲେ ଚାନ୍ଦଲିପାହାଡ଼ କମିଟି ସଦସ୍ୟ



ବଲାଙ୍ଗୀର ସର୍କିଟ ହାଉସଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହ କମିଟି ସଦସ୍ୟ ବୃନ୍ଦ ଆଲୋଚନା କରୁଛନ୍ତି।

ଦେଓଗାଁ,୬।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଷଣ୍ଡସ୍ଥିତ ନୂତନ ଭାବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଚାନ୍ଦଲି ପାହାଡର ସାମଗ୍ରିକ ବିକାଶ ପାଇଁ ବଲାଙ୍ଗୀର ସର୍କିଟହାଉସଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ମନ୍ତ୍ରୀଙ୍କୁ ଭେଟି ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲା ପ୍ରଶାସନ ପଠାଇଥିବା ବିସ୍ତୃତ ପ୍ରକଳ୍ପ ବିବରଣୀ( ଡିପିଆର) ବିଷୟରେ ଅବଗତ କରିବା ସହ ଶୀଘ୍ର ଅନୁଦାନ ମଞ୍ଜୁର କରିବା ପାଇଁ ଦାବି ରଖିଥିଲେ । ମନ୍ତ୍ରୀ ଖୁଣ୍ଟିଆ ଏହି ପ୍ରସ୍ତାବକୁ ଅନୁଧ୍ୟାନ କରି ଅର୍ଥ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟତଃ ଚାନ୍ଦଲିପାହାଡ ପାଦଦେଶରେ ରହିଥିବା ଭୁଲିଆକଟାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବାକୁ ଦାବି କରାଯାଇଥିଲା। ଏହାଛଡା ସ୍ଥାନୀୟ ବିଧାୟକ ମଧ୍ୟ ଏହିସ୍ଥଳୀର ବିକାଶ ପାଇଁ ପ୍ରସ୍ତାବ ରଖିଥିବା ୧୦ କୋଟି ଟଙ୍କା ଅନୁଦାନ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ଜିଲା ଦାୟିତ୍ୱରେ ଥିବା ସୋନପୁର ବନଖଣ୍ଡ ଅଧିକାରୀ ମଦନ ଶର୍ମା, ଏସିଏଫ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କମିଟିର ସଦସ୍ୟ ଘାସିରାମ ରଣା, ପ୍ରଦ୍ୟୁମ୍ନ ଷଡଙ୍ଗୀ, ରାଧେଶ୍ୟାମ ମେହେର, ସନ୍ତୋଷ ମେହେର, ଅଶୋକ ସାଏ, ଚନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗିରଫ ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

### ଗୁଣିଗାରେଡ଼ି ସନ୍ଦେହରେ ଆଟଗାଁରେ ହତ୍ୟା ମାମଲା

ବଲାଙ୍ଗୀର/ଗୁଡଭେଲା, ୬।୩
(ବୀରେନ୍ଦ୍ର କୁମାର ଝାଙ୍କର/ମନୋଜ ଜୈନ)

ତୁଷରା ଥାନା ଅନ୍ତର୍ଗତ ଆଟଗାଁ ଠାରେ ଗୁଣିଗାରେଡି ସନ୍ଦେହରୁ ମଙ୍ଗଳବାର ରାତିରେ ଶ୍ୟାମ ସୁନ୍ଦର ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବଲାଙ୍ଗୀର ପୋଲିସ ବୁଧବାର ୫ ଜଣଙ୍କୁ ଗିରଫ କରିଥିଲା। ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଶରତ ରଣା ଓ ସୁଶୀଳ ରଣାଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ତ୍ରିପୁରା ରଣା ଓ ବାଳଗୋପାଳ ରଣା ଆହତ ଥିବାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଜଣେ ନାବାଳକ ବୋଲି ଜାଣିବା ପରେ ପୋଲିସ ତାଙ୍କୁ ଜୁଭେନାଇଲ ବୋର୍ଡରେ ହାଜର କରିଥିବା ଜଣାପଡିଛି। ଗୁଣିଗାରେଡି ସନ୍ଦେହ କରି ରଣା ପରିବାର ବାଗ ପରିବାର ଉପରେ ଆକ୍ରମଣ କରିଥିଲେ। ଏଥିରେ ଶ୍ୟାମ ବାଗଙ୍କ ମୃତ୍ୟୁ ଘଟିଥିଲା। ଉଭୟ ପରିବାରର ଅନ୍ୟ ୪ ଜଣ ସଦସ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି।

## ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୬।୩(ସୁଶାନ୍ତ ବାରିକ)

ବିଶ୍ୱ ମହିଳା ଦିବସ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଗୁରବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ସୁଭଦ୍ରା ଯୋଜନା ସମ୍ପର୍କରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତର ସମସ୍ତ ଅଙ୍ଗନବାଡି, ଆଶା କର୍ମୀ, କିଶୋରୀ ବାଳିକା,ଏସଏଚଜି ମହିଳା ଗୋଷ୍ଠୀ ,ଜନପ୍ରତିନିଧି ଭାଗ ନେଇଥିଲେ। କୁନ୍ତି ପୁରୋହିତ, ଲବଙ୍ଗଲତା ପାଣ୍ଡେ, ବିଳାସ କଲତା, ସପୁର ପାତ୍ର, ଜୟକୁମାରୀ ପଟ୍ଟନାୟକ,ପ୍ରଭାସିନୀ ସେଠ,ପ୍ରଜ୍ଞା ପ୍ରିୟଦର୍ଶନୀ ପଧାନ, ଟେରାବତୀ ସାହୁ, ପପିତା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସୁଭଦ୍ରା ଯୋଜନା, ନାରୀ ସଶକ୍ତିକରଣ, ବାଲ୍ୟ ବିବାହ ବନ୍ଦ, ସ୍ୱାସ୍ଥ୍ୟ ଓ ପୁଷ୍ଟିକରଣ ଯୋଜନା ସମ୍ବନ୍ଧରେ ସ୍ଲୋଗାନ ଦେଇ ଗ୍ରାମରେ ଜନ କାଗରଣ ସୃଷ୍ଟି କରାଯାଇଥିଲା।



ବୈଠକରେ ଉପସ୍ଥିତ କର୍ମୀ।

## ନୁନହାଡ଼ ସ୍କୁଲର ବାର୍ଷିକ ଉତ୍ସବ

ବେଲପଡା,୬।୩(ମନୋଜ କୁମାର ମିଶ୍ର)



ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ନୁନହାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ବେଲପଡା ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଳାସିନୀ ମେହେର, ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡା. ରବିନ୍ଦ୍ର ମେହେର, ଜ୍ୟୋତି ରଥ, ମହେଶ୍ୱର ସାହୁ, ଜିତେନ୍ଦ୍ର ସାହୁ, ସୁରେଶ ମେହେର ଓ ସ୍କୁଲ ସଭାପତି ସୁରେଶ ମଲ୍ଲିକ ମଞ୍ଚାସୀନ ଥିଲେ।

ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାନୁଟ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ୟାମ କୁମାର କୁଅଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନିକାନ୍ତି ପାଣିଗ୍ରାହୀ,ସିଆରସିସି କେଦାର ବଲ୍ଲଭ ପାଣିଗ୍ରାହୀ ଓ ଲୋହିତ ଗଡ଼ତିଆ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କୁଅଁର ଛାତ୍ରୀଛାତ୍ର ମନ ଲଗାଇ ପାଠ ପଢ଼ି ଦେଶ ଓ ସମାଜ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷକ ବରୁଣ ମାଝୀ, ଗନ୍ଧର୍ବ ମାଝୀ ଓ ଚିତ୍ରକଳା ନନ୍ଦୁ ତାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସ୍କୁଲର ହେମାଙ୍ଗିନୀ ସାହୁ,ସାଗରିକା ଖମାରି, ଜ୍ୟୋତ୍ସ୍ନା ସାହୁ, କୁମୁଦିନୀ ମେହେର, ପ୍ରମୋଦ ମେହେର, ଭୂମିସୁତା ସାହୁ, ମମତା ମାଝୀ ଓ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଞ୍ଚକୁ ଖଗେନ୍ଦ୍ର ପାତ୍ର ଓ ଗୋବିନ୍ଦ ମେହେର ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ପ୍ରତିବାଦ ସଭା

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)



ବିଜେଡି ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତୃବୃନ୍ଦ।

ଭାଜପା ସରକାର ପ୍ରବାଦ ପୁରୁଷ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରିଛି। ଓଡିଶାର ଜନସାଧାରଣ ଭାଜପା ସରକାରଙ୍କୁ କ୍ଷମା କରିବେ ନାହିଁ। ବିଜେଡି ପକ୍ଷରୁ ସରକାରଙ୍କ ଏଭଳି ଅସମ୍ମାନର ତୀବ୍ର ବିରୋଧ କରାଯିବ ବୋଲି ବଲାଙ୍ଗୀର ବିଜେଡି ପକ୍ଷରୁ ପ୍ରତିବାଦ ସଭାରେ କୁହାଯାଇଛି। ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ ବିଜେଡି ନେତ୍ରୀ, ନେତାମାନେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ଭାଜପା ସରକାରକୁ କଡା ସମାଲୋଚନା କରିଥିଲେ। ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତାଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଜିଲା ମହିଳା ବିଜେଡି ସଭାନେତ୍ରୀ ଦମୟନ୍ତୀ ବାଗ, ବରିଷ୍ଠ ନେତା ଅଶୋକ ମହାନ୍ତି, ଲକ୍ଷ୍ମଣ କୁମାର ମେହେର, ସତ୍ୟ ନାରାୟଣ ଭୋଇ, ବିଧୁଭୂଷଣ ତ୍ରିପାଠୀ, ପାଣ୍ଡବ କୁମ୍ଭାର, ଅସୀମ ପଟ୍ଟନାୟକ, ଇସମତ ଆରାଖାନ, ଜିଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଗୋଲାପ ବାଗ ଯୋଗଦେଇ କଡା ସମାଲୋଚନା କରିଥିଲେ। ପ୍ରତିବର୍ଷ ଓଡିଶା ସରକାର ମାର୍ଚ୍ଚ ୫ ତାରିଖ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଥିଲେ। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଏହାକୁ ବାତିଲ କରିଦେଇଛନ୍ତି। ବିଜୁବାବୁ ଓଡିଶାବାସୀଙ୍କ ହୃଦୟରେ ରହିଛନ୍ତି। ତାଙ୍କୁ ଅସମ୍ମାନ କରିବା ଅର୍ଥ ଓଡିଶାବାସୀଙ୍କୁ ଅସମ୍ମାନ କରିବା । ଏଭଳି ଅସମ୍ମାନକୁ ଓଡିଶାବାସୀ ସହିବେନି ବୋଲି ବିଜେଡି ନେତ୍ରୀ ଓ ନେତାମାନେ କହିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରିବାରେ ସ୍ୱର୍ଗତ ବିଜୁବାବୁଙ୍କ ବଳିଷ୍ଠ ଭୂମିକା ରହିଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ସ୍ଥାନ ସଂରକ୍ଷଣରେ ମଧ୍ୟ ବିଜୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୯୯୩ ମସିହାରୁ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଇଆସୁଥିଲା। ମାତ୍ର ଏହି ଧାରାକୁ ଭାଜପା ସରକାର ଭାଙ୍ଗି ଦେଇଛନ୍ତି। ସଭାରେ ଶତାଧିକ ବିଜେଡି ନେତାନେତ୍ରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଟୋ ରିକ୍ସା ମାଲିକ ସଂଘର ବୈଠକ

ବରଗଡ଼, ୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଟୋ ରିକ୍ସା ମାଲିକ ସଂଘର ଏକ ସାଧାରଣ ସଭା ବୁଧବାର ଲୋକମଣ୍ଡପ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସର୍ଦ୍ଦାର ପ୍ରୀତମ ସିଂ ଏଥିରେ ସଭାପତିତ୍ୱ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଟୋ ଚାଳକମାନେ ତାଙ୍କ ପାଇଁ ସ୍ଥାୟୀ ଷ୍ଟାଣ୍ଡ ତିଆରି କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବରଗଡ଼ ସହରର ରାସ୍ତାଘାଟର ନିର୍ମାଣ ତଥା ବିକାଶ ପାଇଁ କୋଟିକୋଟି ଟଙ୍କା ଅନୁଦାନ ଆସିଛି। ବିଭିନ୍ନ ସ୍ଥାନରେ ସ୍ଥାୟୀ ଷ୍ଟାଣ୍ଡ ନିର୍ମାଣ କରିବା ତାଙ୍କ ଦାୟିତ୍ୱ ବୋଲି ବିଧାୟକ କହିଥିଲେ। ବୈଠକରେ ସଂଘର ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଉପସଭାପତି ସାରଥି ମେହେର, ସହ ସମ୍ପାଦକ ପ୍ରଶାନ୍ତ କୁମ୍ଭାର, କୋଷାଧ୍ୟକ୍ଷ ଶ୍ରୀ ଜୟ ତାଣ୍ଡି ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ମାଗଣା ପ୍ରାଣୀ ଚିକିତ୍ସା, ଟିକାକରଣ ଶିବିର

ପାଇକମାଲ,୬।୩(ବଡ଼ ଶତପଥୀ)

ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ଭୂଇଁଖାର ଗାଁରେ ଗୁରୁବାର ନୃସିଂହନାଥ ବନାଞ୍ଚଳ ବରଗଡ଼ ବନଖଣ୍ଡ, ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଆନୁକୂଲ୍ୟରେ ଜାମସେଠ ସେକ୍ସନ ବନପାଳ ରମେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାଗଣା ପ୍ରାଣୀ ଚିକିତ୍ସା ଓ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୨୨୦ ଗାଈଗୋରୁ ସମେତ ୧୭୫ ଛେଳିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଟିକାକରଣ କରାଯାଇଥିଲା। ଶିବିରରେ ପାଇକମାଲ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡଃ ପ୍ରବୋଧ ନଳିନୀ ମାହନ୍ତ, ପ୍ରାଣୀ ସହାୟକ ମଇନୁଦ୍ଦିନ ଅଲ୍ଲୀ, ସଭାପତି ବିଜୟ କୁମାର ସିଂ ଭୂଏ ସମେତ ଭୂଇଁଖାର ଓ ଆଖପାଖ ଗାଁର ଗୃହପାଳିତ ପଶୁ ରଖିଥିବା ଚାଷୀମାନେ ଉପସ୍ଥିତ ଥିଲେ।

### ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା

ପାଇକମାଲ,୬।୩(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଲ ଥାନା ପରିସରରେ ଗୁରୁବାର ସନ୍ଧ୍ୟାରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଲ ନାଗରିକ କମିଟି, ବଣିକ ସଂଘ, ମାରୱାଡ଼ି ଯୁବା ମଞ୍ଚ, ହେପି ପାଇକମାଲ ତଥା ସଚେତନ ନାଗରିକ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ବିଭିନ୍ନ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଓକିଲ ରାମରତନ ପୁରୋହିତ ଦିଗଦର୍ଶନ ଦେଇଥିବା ବେଳେ ପାଇକମାଲ ଥାନା ଭାରପ୍ରାପ୍ତ ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏ ନେଇ ଏସଆଇ ପଞ୍ଚାନନ ଖୁଆସ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଥିରେ ନୀଳମଣି ପଣ୍ଡା, ଓକିଲ ମନୋଜ ତ୍ରିବେଦୀ, ଓକିଲ ରାଜକୁମାର ସାହୁ, ସାମ୍ବାଦିକ ବଡ଼ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ବୀରେନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ବିନା ସମାଜର ଅଗ୍ରଗତି ଅକଳ୍ପନୀୟ

ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)



ମହିଳା ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ନାରୀ ଜାଗରଣ କେନ୍ଦ୍ରରେ ବିଶ୍ୱ ମହିଳା ସପ୍ତାହ ପାଳିତ**

ନାରୀ ଭଗବାନଙ୍କ ଶ୍ରେଷ୍ଠ ଅବଦାନ। ନାରୀ ଜନ୍ମଦାତ୍ରୀ, ତେଣୁ ସେ ବନ୍ଦନୀୟା, ପୂଜନୀୟା। ନାରୀ ବିନା ସମାଜର ଅଗ୍ରଗତି ଅକଳ୍ପନୀୟ। ତେଣୁ ନାରୀ ଜାତିକୁ ସମାଜରେ ଉପଯୁକ୍ତ ସମ୍ମାନ ଦେବା ହେଉଛି ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସୁବର୍ଣ୍ଣପୁର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ବିଶ୍ୱ ମହିଳା ସପ୍ତାହ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଥିଲେ।

ଆୟୋଜିତ ସାଧାରଣ ସଭାରେ ସୁବର୍ଣ୍ଣାର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅଧ୍ୟାତ୍ମବାଦୀ ପଙ୍କଜ କୁମାର ମେହେର, ମହିମାଧର୍ମୀ ଦୁର୍ଗା କଳତା, ରାମଗୋପାଳ ବାଘ, ସୁଧୀର କୁମାର ଜଗଦଳା, ପିତାମ୍ବର କୁମ୍ଭାର, ସମାଜସେବୀ ଦିଲ୍ଲୀପ କୁମାର ରଥ, ଗୋରେଖନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ଦିବସ ଓ ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତାଭାବେ ସୁନନ୍ଦା ସାହୁ, ଭଗବତୀ ରାୟଗୁରୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ଗୀତା ବହିଦାର, କଳ୍ପନା ମେହେର, ମଞ୍ଜୁଳା ଝାଙ୍କର ଓ ବାସନ୍ତୀ ପାତ୍ର ପ୍ରମୁଖ ଯୋଗଦେଇ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବର୍ଣ୍ଣା ସମ୍ପାଦିକା ମଞ୍ଜୁଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ଅମରପାଲି,୬।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଜଉଁରାଭଉଁରା ଗ୍ରାମ ପଞ୍ଚାୟତରେ ଥିବା ୧୪ଟି କେନ୍ଦ୍ରର ଶତାଧିକ ବାଳିକାଙ୍କୁ ନେଇ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଜଉଁରା ଭଉଁରା କେନ୍ଦ୍ରରେ ଅନୁଷ୍ଠିତ ହୋଯାଇଛି। ସୁପରଭାଇଜର ମମତା କୁମ୍ଭାରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏଇ ମେଳାରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର କିଶୋରୀ କିଭଳି ଅଗାମୀ ପୀଢ଼ିର ଜନ୍ମଦାତ୍ରୀ ହୋଇ ଦେଶ ଓ ଜାତିକୁ ଗଢିବେ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସ୍ୱାଧୀନ ପ୍ରଧାନ, ପୁରନ୍ଦର ମେହେର, ଆଶିଷ କୁମାର୍ ପର୍ଡିଆ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଅଭିଭାଷଣ ରଖିଥିଲେ। ଢେଲେଇର କର୍ମୀ ସନ୍ଧ୍ୟାରାଣୀ ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସୁଜାତା ଦେହୁରୀ। ପରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ପାୟଲ ଭୋଇ, ଦୀପାଞ୍ଜଳି ମହାନନ୍ଦ, ଶର୍ମିଷ୍ଠା ବାଘ ରେଶ୍ମା ଲୁହା, ମମତା ସିଂ, ବିଶି ବବଲି କୁମ୍ଭାର, ଅମ୍ରିତା ମୁଣ୍ଡା ପ୍ରମୁଖ କିଶୋରୀମାନେ ବିଜୟୀ ହୋଇ ପ୍ରମାଣପତ୍ର ଓ ଟ୍ରଫି ହାସଲ କରିଥିଲେ। ଏହି ଅବସରରେ ଏକ ପୁଷ୍ଟିକର ଖାଦ୍ୟମେଳା ପ୍ରଦର୍ଶିତ ହୋଇଥିଲା। ଏଥିରେ ମହେନ୍ଦ୍ରୀ ଭୋଇ, ସତ୍ୟବତୀ ଭୋଇ, ଭାଗ୍ୟସିନି ଛନ୍ଦ, ରଶ୍ମିତା ଷାଣ୍ଢ, ସୁରଭି ଲାକ୍ରା, ଜୟନ୍ତୀ ପାତ୍ର, ମିନାକ୍ଷୀ ମୁଣ୍ଡା, ସତ୍ୟଭାମା ମହାକୁର, ସୁକାନ୍ତି ଟପ୍ପୋ, ସିଲ୍ଲାନୀ ଜୋଜୋ, ଶୈଲ୍ୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ। କମଳିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ କିଶୋରୀଙ୍କୁ ପୁରସ୍କୃତ କରାଯାଉଛି।

# ୨ ବଡ଼ଭାଇଙ୍କୁ ଆଜୀବନ କାରାଦଣ୍ଡ

ବୌଦ୍ଧ, ୬।୩(ଅଜିତ କୁମାର ବାରିକ)

**ସାନ ଭାଇ ହତ୍ୟା ମାମଲା**

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ୨ ବଡ଼ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ସାର୍ଥକ ଜାନୀ ଓ ପ୍ରମୋଦ ଜାନୀ।

ମଲିକପଡ଼ା ଗ୍ରାମର ସାର୍ଥକ ଜାନୀ, ପ୍ରମୋଦ ଜାନୀ ଓ ସନ୍ତୋଷ ଜାନୀ ତିନିଭାଇ। ଉକ୍ତ ମାମଲା ପୂର୍ବରୁ ଏକ ହତ୍ୟା ମାମଲାରେ ପ୍ରମୋଦ ଜାନୀ ଜେଲରେ ଥିଲେ। ପ୍ରମୋଦଙ୍କୁ ସାନଭାଇ ସନ୍ତୋଷ ଜାମିନରେ ଆଣିଥିଲେ। ପ୍ରମୋଦ ଜାମିନରେ ଆସିବା ପରେ ତାଙ୍କ ସ୍ତ୍ରୀଙ୍କ ସହିତ ସାନଭାଇ ସନ୍ତୋଷର ସମ୍ପର୍କ ଥିବା ନେଇ ସେ ସନ୍ଦେହ କରିଥିଲେ। ଏଥିପାଇଁ ପ୍ରମୋଦ ବଡ଼ଭାଇ ସାର୍ଥକଙ୍କ ସହିତ ମିଶି ସାନଭାଇ ସନ୍ତୋଷକୁ ହତ୍ୟା କରିଥିଲେ। ଏ ନେଇ ଗତ ୩.୧.୨୧ରେ ମୃତ ସନ୍ତୋଷଙ୍କ ସ୍ତ୍ରୀ ସଙ୍ଗିତା ଜାନି ଓରଫ କହଁର ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ସାର୍ଥକ ଓ ପ୍ରମୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରିବର୍ତ୍ତୀ ସମୟରେ ମାମଲାଟି ଜିଲାଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ. ୩୬/୨୧ରେ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୫ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତିକରି ଅଦାଲତ ଅଭିଯୁକ୍ତ ସାର୍ଥକ ଓ ପ୍ରମୋଦଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

### ଓଭର୍ ଲୋଡ଼ିଂ ଗାଡ଼ିକୁ ୪୬.୧ ହଜାର ଜରିମାନା

ପାଇକମାଲ,୬।୩(ବଡ଼ ଶତପଥୀ)

ପାଇକମାଲ ପୋଲିସ ସବୁ ଦିନ ପରି ଗତ ୪ ତାରିଖ ରାତିରେ ପାଟ୍ରୋଲିଂ କରିବା ବେଳେ ଏକ ଗେଟି ବୋଝେଇ ହାଇୱା ଗାଡ଼ିକୁ ଓଭର ଲୋଡିଂ ସନ୍ଦେହରେ ଅଟକ ରଖି ବରଗଡ଼ ଏମ୍‌ଭିଆଇକୁ ଖବର ଦେଇଥିଲା। ଗୁରୁବାର ଏମ୍‌ଭିଆଇ ଏକେ ପାଣିଗ୍ରାହୀ ପାଇକମାଲ ଥାନାକୁ ଆସି ଗାଡ଼ିକୁ ଓଭର ଲୋଡିଂ ତନଖି କରି ୪୬.୧୦୦ ଟଙ୍କା ଜରିମାନା କଲାପରେ ଗାଡ଼ି ଛଡ଼ା ଯାଇଛି ବୋଲି ପାଇକମାଲ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଲାୟନ୍ସ କ୍ଲବର ସାଧାରଣ ସଭା

ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ବରଗଡ଼ ଲାୟନ୍ସ କ୍ଲବର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କିଶନଲାଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲାୟନ୍ସ ଓମ ପ୍ରକାଶ ଲାଠ ଓ ଡା. ସ୍ୱାଧିନ ଶର୍ମା ଯୋଗଦେଇ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଲାୟନ୍ସ ଅଭୟ କୁମାର ଭୋଇ ଗତ ୩ ମାସର ବିବରଣୀ ପାଠ କରିଥିଲେ। ଗତ ଫେବୃଆରୀ ମାସରେ ପୂର୍ବତନ ସଭାପତି ଲାୟନ୍ସ ସୁବାଷ ଅଗ୍ରୱାଲଙ୍କ ଦେହାନ୍ତ ପରେ ଖାଲିଥିବା ସଭାପତି ପଦ ପାଇଁ ଲାୟନ୍ସ ମନୋଜ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା ଏବଂ ଲାୟନ୍ସ ପ୍ରଦୀପ ତୟାଲ ତାଙ୍କୁ ଶପଥ ପାଠ କରାଇଥିଲେ। ସ୍ୱର୍ଗତ ଅଗ୍ରୱାଲଙ୍କ ଆତ୍ମାର ଶଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ନୂତନ ସଭାପତି ତାଙ୍କର ଅଭିଭାଷଣରେ ଲାୟନ୍ସ ହସ୍ପିଟାଲ ଓ ଜମୁର୍ଡା ନିକଟସ୍ଥ କୁଷ୍ଟାଶ୍ରମର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅମରଜିତ୍ ସିଂ, ରାମ ଗୋପାଲ ଶର୍ମା, ଆୟୁଷ ଗୁପ୍ତା, ମହେଶ ଅଗ୍ରୱାଲ, ଜୟନ୍ତୀ ବେହେରା, ପ୍ରତାପ ନାୟକ, ବିନୋଦ ଜିନ୍ଦଲ, ରମେଶ କୁମାର ବର୍ମା, ଶୁଶାନ୍ତ ତ୍ରିପାଠୀ, ସି.ଏମ ରାଓ ସଞ୍ଜୟ ମେହେର, ବିକାଶ ଅଗ୍ରୱାଲ, ସଞ୍ଜୟ ମିତ୍ତଲ ଯୋଗଦାନ କରିଥିଲେ।

# ଭୀମ ଭୋଇଙ୍କ ମୂର୍ତ୍ତି ପୁନଃସ୍ଥାପନ ଦାବି

ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)

**ଗଣଧାରଣାରେ ବସିଲେ ମହିଳା, ସାଧୁ ସନ୍ଥ ଓ ବୁଦ୍ଧିଜୀବୀ**

ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ଆହ୍ୱାନରେ ସନ୍ଥ କବି ଭୀମଭୋଇଙ୍କ ମୂର୍ତ୍ତି ସୁବର୍ଣ୍ଣପୁର ସହରର ବ୍ଲକ ଛକରେ ପୁନଃସ୍ଥାପନ ପାଇଁ ଦାବି ହୋଇଛି। ଏଥିପାଇଁ ଶତାଧିକ ମହିଳା, ମହିମା ଧର୍ମର ସାଧୁସନ୍ଥ ଓ ବୁଦ୍ଧିଜୀବୀ ଗୁରୁବାର ବ୍ଲକ ଛକରେ ଧାରଣା ଦେଇଥିଲେ। ଏଥିରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା, ସମ୍ପାଦିକା ମଞ୍ଜୁଳା ମିଶ୍ର, ଉପ ସଭାନେତ୍ରୀ ଭଗବତୀ ରାୟଗୁରୁଙ୍କ ସମେତ ବହୁ ସଂଖ୍ୟକ ସଭ୍ୟା, କୋସଳ ସାହିତ୍ୟ ସଂସ୍କୃତି ଏକାଡେମୀର ବ୍ରଜମୋହନ ଦାନୀ, ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟ ସଭାପତି ଗୋରେଖନାଥ ସାହୁ, ବୈଦିକ ବିଚାର ମଞ୍ଚ ସଭାପତି ପଙ୍କଜ କୁମାର ମେହେର, ଯୋଗେଶ୍ୱର ମନ୍ଦିର ଟ୍ରଷ୍ଟ ସମ୍ପାଦକ ଦିଲ୍ଲୀପ କୁମାର ରଥ, ମହାନଦୀ ସାହିତ୍ୟ ସଂସଦ ସଭାପତି ଶ୍ୟାମା ଓଁ ପ୍ରସାଦ ମିଶ୍ର, ଆଇନଜୀବୀ ବଳଦେବ ବେଦବାକ, ପ୍ରଦୀପ କୁମାର ପୁରୋହିତ, ସତ୍ୟ ମହିମା ଧର୍ମର ଦୁର୍ଗା କଳତା, ରାମଗୋପାଳ ବାଘ, ସୁଧୀର କୁମାର ଜଗଦଳା, ପିତାମ୍ବର କୁମ୍ଭାର, ସମାଜସେବୀ ତଥା ନାଟ୍ୟକାର ଗଦାଧର ବାରିକ, ବୈକୁଣ୍ଠ ଶତପଥି, ମନୋଜ ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ପୂର୍ଣ୍ଣିମା ସା ଓ ଗାୟତ୍ରୀ ପରିବାରର ଅମ୍ବିକା କଳତା ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ପରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ତରଫରୁ ଏକ ସ୍ମାରକପତ୍ର ସୁବର୍ଣ୍ଣପୁର ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ରଷି ମାଝିଙ୍କୁ ପ୍ରଦାନ କରାଯାଇଥିଲା। ଯାହାର ଏକକିତା ନକଲ ସ୍ଥାନୀୟ ପୁଲିସ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଭୀମ ଭୋଇଙ୍କ ମୂର୍ତ୍ତି ପୁନଃ ପ୍ରତିଷ୍ଠା କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଭୀମଭୋଇଙ୍କ ମୂର୍ତ୍ତି ସ୍ଥାପନ ଦାବିରେ ବ୍ଲକ ଛକରେ ଧାରଣା ଦିଆଯାଇଛି।

# ବିଜେଡିର ପ୍ରତିବାଦ ସଭା, ଦାବିପତ୍ର ପ୍ରଦାନ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡି ନେତୃବର୍ଗ।

ତରଭା, ୬।୩(ମାନଭଞ୍ଜନ ମିଶ୍ର)

ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସଭାବେ ପାଳନ ନକରି ଓଡ଼ିଶାର ସ୍ୱାଭିମାନକୁ କୁଠାରଘାତ କରିଥିବା ରାଜ୍ୟର ମୋହନ ମାଝୀ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଗୁରୁବାର ତରଭା ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତରଭା ବ୍ଲକ ଓ ଏନଏସି ତରଫରୁ ଆୟୋଜିତ ପ୍ରତିବାଦ ସଭାରେ ବିଜେଡି ନେତାମାନେ ଭାଜପା ସରକାରଙ୍କ କାର୍ଯ୍ୟକଳାପର ତୀବ୍ର ନିନ୍ଦା କରିଥିଲେ। ଶତ୍ରୁଘ୍ନ ପୃଷ୍ଟି, ହେମନ୍ତ ସାହୁ, ଗଗନ ଅଗ୍ରୱାଲ, ହେମନ୍ତ ମାଝୀ, ପ୍ରବୀଣ ନାଗ, ଦଶରଥ ସାହୁ, ସୁବାଷ ସେଠୀ, ଲୋକନାଥ ଦଳବେହେରା, ଅଶ୍ୱିନୀ ବିଶି, ମିତ୍ରବ୍ରତ ମିଶ୍ର, ରଞ୍ଜିତ ମହାନ୍ତି, ଗୋପାଳ କର୍ମୀ, ଅଶ୍ୱିନୀ ସାହୁ, ମୁଜଲିମିନ ମହମ୍ମଦ, ଘନଶ୍ୟାମ ଡାଙ୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତରେ ବ୍ଲକ ଫାଇନେନ୍ସ ଅଫିସର ପଦ୍ମଳୟା ମେହେରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ। ଏଣୁ ତାଙ୍କ ଜନ୍ମଦିନ ମାର୍ଚ୍ଚ ୫ ତାରିଖକୁ ସାର୍ବଜନୀନ ଭାବରେ ଓଡ଼ିଶାର ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବା ପୂର୍ବକ ସରକାରୀ ଛୁଟି ଭାବେ ପୂର୍ବ ସରକାର ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ସରକାରୀ ସ୍ତରରେ ବନ୍ଦକରି ଅତି ନିମ୍ନସ୍ତରର ରାଜନୈତିକ ଅସହିଷ୍ଣୁତା ପ୍ରଦର୍ଶନ କରିଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟ ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି। ଏଣୁ ଆଗାମୀ ଦିନରେ ପୂର୍ବ ପରମ୍ପରା ବଜାୟ ରଖିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ସେମିରେ ବକ୍ସର ବିହାର

ବୌଦ୍ଧ, ୬।୩(ଅଜିତ କୁମାର ବାରିକ)

**ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସ**


ଫୁଟ୍‌ବଲ ମ୍ୟାଚ୍‌ର ଏକ ଦୃଶ୍ୟ।

ବୌଦ୍ଧ ଜିଲା ଫୁଟବଲ୍ ଆସୋସିଏଶନ ଦ୍ୱାର ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିନ ଖେଳ। ପଞ୍ଚମ ଦିନରେ ଏମ୍‌କେଏସ୍‌ସି ବକ୍ସର ବିହାର ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭାଜପା ନେତା ସୁଶାନ୍ତ କୁମାର ପ୍ରଧାନ, ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ଡି.ଏସ୍ କପ୍ ଆବାହକ ଓମପ୍ରକାଶ ମିଶ୍ର, ବରିଷ୍ଠ ଫୁଟବଲ ଖେଳାଳୀ ତୃପ୍ତି ରନ ଦାନୀ ଯୋଗଦେଇଥିଲେ। ଖେଳରେ ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବକ୍ସର ବିହାର ଗୋଲଟିଏ ଦେଇ ଖେଳକୁ ସମାନ ସ୍ଥିତରେ ରଖିଥିଲା। ଶେଷରେ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ବକ୍ସର ବିହାର ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଏହି ଫୁଟ୍‌ବଲ୍ ଖେଳକୁ ମୁଖ୍ୟରେଫରୀ ଶିବଶଙ୍କର ପଣ୍ଡା ପରିଚାଳନା କରିଥିବାବେଳେ ଲାଇନରେ ଦିଲ୍ଲୀପ କୁମାର ରାଉତ ଏବଂ ଶଶିକାନ୍ତ ଦାସିଆ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ତରୁଣ କୁମାର ବିଶ୍ୱାସ ଓ ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଖେଳ ଫାଓ କଟକ ଓ ବକ୍ସର ବିହାର ମଧ୍ୟରେ ଅନୁଷ୍ଠିତ ହେବ।

### ସୁବର୍ଣ୍ଣପୁରରେ ଆର୍ଯ୍ୟ ସମାଜର ବୈଠକ

ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)

ଆର୍ଯ୍ୟସମାଜ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ବଲାଙ୍ଗୀର ବିଭାଗର ବୈଠକ ସୁବର୍ଣ୍ଣପୁର ସହର ପଟାଭଡ଼ିସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମାଜର ଶତାଧିକ ସକ୍ରିୟ ସଦସ୍ୟ ଯୋଗଦେଇ ଆର୍ଯ୍ୟସମାଜର ୧୫୦ତମ ପ୍ରତିଷ୍ଠା ବର୍ଷକୁ ମହା ସମାରୋହରେ ପାଳନ କରିବା ପାଇଁ ମତ ରଖିଥିଲେ। ପଦ୍ମପୁର ନବପ୍ରଭାତ ଆଶ୍ରମର ଆଚାର୍ଯ୍ୟ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସଭାପତି ପଣ୍ଡିତ ବୃହସ୍ପତି ଶାସ୍ତ୍ରୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ରାଜ କୁମାର ବରାଡ ସଭାକୁ ସଂଯୋଜନା କରିଥିଲେ। ପଣ୍ଡିତ ଦୀନମଣି ବାରିକ ବୈଠକ ଓ ଯଜ୍ଞ ପରିଚାଳନା କରିଥିଲେ। ବୈଠକରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ପୂର୍ବତନ ସମ୍ପାଦକ ଆନନ୍ଦ କୁମାର ଶାସ୍ତ୍ରୀ, ପୂର୍ଣ୍ଣାନନ୍ଦ ଶାସ୍ତ୍ରୀ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଧର୍ମାନ୍ତରଣ, ଅନ୍ଧବିଶ୍ୱାସ ଓ ଜନ୍ମଗତ ଜାତିପ୍ରଥାର ବିରୋଧରେ ଆର୍ଯ୍ୟସମାଜ ସର୍ବଦା ଜାଗ୍ରତ ଥାଏ ବୋଲି କର୍ମକର୍ତ୍ତା ଆଲୋଚନା କରିଥିଲେ।

# ପଞ୍ଚାୟତିରାଜ ଦିବସ ବାତିଲ ପ୍ରତିବାଦରେ ଗଣଧାରଣା



ପ୍ରତିବାଦ ସଭାରେ ବିଜେଡିର ବରିଷ୍ଠ ନେତା ଓ କର୍ମୀ।

ବୌଦ୍ଧ, ୬।୩(ଅଜିତ କୁମାର ବାରିକ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସକୁ ବିଜେଡି ପକ୍ଷରୁ ଦୀର୍ଘବର୍ଷ ହେଲା ସାରା ରାଜ୍ୟରେ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରାଯାଇଆସୁଛି। କିନ୍ତୁ ଏହି ପଞ୍ଚାୟତିରାଜ ଦିବସକୁ ଭାଜପା ବାତିଲ କରିବା ପ୍ରତିବାଦରେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପି ପ୍ରତିକ୍ରିୟା ପ୍ରକାଶ କରାଯିବାସହିତ ବୌଦ୍ଧରେ ପୂର୍ବତନ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ଗଣଧାରଣା ଦିଆଯାଇଛି। ବରିଷ୍ଠ ଆଇନଜିବୀ ଧୂରୀଣ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଏନ୍‌ଏସି ଉପାଧ୍ୟକ୍ଷା ସୁବାସିନୀ ସେଠୀ, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ବରିଷ୍ଠ ନେତା ଅଶୋକ କୁମାର ସାହୁ, ସୁବୋଧ କୁମାର ପ୍ରଧାନ, ଅବକାଶ ସାହୁ, ମାନସ ପୁରୋହିତ, ଯୋଗେଶ୍ୱର ମହାକୁଡ, ଶିତାଂଶୁ ମହାକୁଡ, ବିଦ୍ୟାଧର ସ୍ୱାଇଁ, ଅଶୋକ ମେଣ୍ଡୁଲି ଓ ସୁବାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ଏହିଭଳି ମାନସିକତାର ଦୃଢ଼ ନିନ୍ଦା କରିବା ସହିତ ସରକାର ନିଜ ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ବିଜୁବାବୁଙ୍କ ପ୍ରତି ଏହି ଅପମାନର ଜବାବ ଆଗାମି ଦିନରେ ରାଜ୍ୟବାସୀ ଭୋଟବାକ୍ସରେ ଦେବା ପାଇଁ ଦଳୀୟ ନେତାମାନେ ମଞ୍ଚରୁ ଆହ୍ୱାନ ଜଣାଇଥିଲେ। ଏହି ଗଣଧାରଣାରେ ବହୁ ବିଜେଡି ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବାଲିଘାଟରେ ଚଢ଼ାଉ, ୩ ଟ୍ରକ୍ ଜବତ

**ରାଉରକେଲା,୬।୩(ଦିନେଶ ମିଶ୍ର):** ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ନେତୃତ୍ୱରେ ପାନପୋଷ ଉପଖଣ୍ଡ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବୁଧବାର ବିଳମ୍ବିତ ରାତିରେ ଡୁମକେଲା, ବିଜୁବନ୍ଧ, ତରକେରା ଓ ଅଟାଘାଟ ବାଲିଘାଟରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ବେଆଇନ ବାଲି ଚାଲାଣ କରାଯାଉଥିବାବେଳେ ୩ଟି ବାଲି ଭର୍ତ୍ତି ଟ୍ରକ୍‌କୁ ଜବତ କରାଯାଇଛି। ଉକ୍ତ ଗାଡ଼ିଗୁଡ଼ିକ ହେଲା ନଂ.ଓଆର୍ ୧୪ଆର୍/୬୭୮୬, ନଂ.ଓଆର୧୪ପି/୦୪୬୫ ଏବଂ ନଂ.ଓଆର୧୪ଡବ୍ଲ୍ୟୁ/୨୭୮୪)। ଜବତ ଟ୍ରକ୍‌ଗୁଡ଼ିକୁ ଲାଠିକଟା ଥାନାରେ ରଖାଯାଇଛି। ଏହି ସ୍କ୍ୱାଡ୍‌ରେ ଡେପୁଟି ଡାଇରେକ୍ଟର (ମାଇନିଂ) ବିଦ୍ୟାଧର ସେଠୀ, ତହସିଲଦାର ନିବେଦିତା ପ୍ରଧାନ, ଏସ୍‌ଡ଼ିପିଓ ପାନପୋଷ ଅମିତ ମହାନ୍ତି, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ଓ ଅମୂଲ୍ୟ ରତନ ସାହୁଙ୍କ ସମେତ ଉକ୍ତ ଅଞ୍ଚଳର ଥାନାଧିକାରୀ ସାମିଲ ହୋଇଥିଲେ।

### ୨୯ରେ ରାଉରକେଲା ଓକିଲ ସଂଘ ନିର୍ବାଚନ

**ରାଉରକେଲା, ୬।୩(ସଙ୍ଗୀତା ଜେନା):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶକ୍ରମେ ଓଡ଼ିଶାର ସମସ୍ତ ଓକିଲ ସଂଘମାନଙ୍କର ଏକ ବାର୍-ଏକ ଭୋଟ୍-ଏକ ଦିନ ଅନୁଯାୟୀ ୨୦୨୫-୨୬ ବର୍ଷ ପାଇଁ ମାର୍ଚ୍ଚ ୨୯ ତାରିଖରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ଆଇନଜୀବୀ ପରିଷଦର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ରାଉରକେଲା ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ବରିଷ୍ଠ ସଦସ୍ୟ ମହମ୍ମଦ ୟାମୁନ ନବୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ନବୀ ନିବାଚନ ଅଧିକାରୀ ଦାୟିତ୍ୱ ନେବା ପରେ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁସାରେ ମାର୍ଚ୍ଚ ୫ରୁ ୭ ତାରିଖ ନାମାଙ୍କନପତ୍ର ଦାଖଲ, ୮ରେ ପ୍ରାର୍ଥୀ ତାଲିକା ପ୍ରକାଶ, ୯ରେ ପ୍ରାର୍ଥିପତ୍ର ଯାଞ୍ଚ, ୧୦ରେ ପ୍ରାର୍ଥୀ ତାଲିକା ପ୍ରକାଶ, ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୩ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ୨୯ ତାରିଖ ସକାଳ ୭ଟା ୩୦ ମିନିଟରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିରଜାପାଲିସ୍ଥିତ ସଂଘ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୪ଟା ପରେ ଭୋଟ ଗଣତି ହୋଇ ଉକ୍ତ ଦିନ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ନବୀ ସୂଚନା ଦେଇଛନ୍ତି।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଆର୍‌ଏସ୍‌ପି ପକ୍ଷରୁ ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ କଳାକାରମାନେ ଅଂଶଗ୍ରହଣ କରିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ପ୍ରତିଯୋଗିତା

ରାଉରକେଲା,୬।୩(ଦିନେଶ ମିଶ୍ର)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାଗୁଡ଼ିକ 'ସମସ୍ତ ମହିଳା ଏବଂ ବାଳିକାଙ୍କ ପାଇଁ: ଅଧିକାର, ସମାନତା ଓ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ଆଧାରିତ ଥିଲା ଏବଂ ଦଳଗତ କାର୍ଯ୍ୟ, ଅନ୍ତର୍ଭୁକ୍ତୀକରଣ ଏବଂ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିଥିଲା। ଗତ ୩ ତାରିଖରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଦୁଇ ଜଣିଆ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ଅତି କମ୍‌ରେ ଜଣେ ମହିଳା ସଦସ୍ୟ ରହିଥିଲେ। ପ୍ରତିଯୋଗିତାରେ ପ୍ରାରମ୍ଭିକ ଏବଂ ଶେଷ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା। ଏଥିରେ ମହିଳା ଅଧିକାର, ସମାନତା ଏବଂ ସଶକ୍ତୀକରଣ ଉପରେ ଅଂଶଗ୍ରହଣକାରୀଙ୍କ ଜ୍ଞାନ ପରୀକ୍ଷା କରାଯାଇଥିଲା। ଏହାକୁ କୋକ୍ ଓଭେନ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ଦିବ୍ୟା ଦାଶ ପରିଚାଳନା କରିଥିଲେ। ଗତ ୪ ତାରିଖରେ କର୍ମଚାରୀମାନେ ଜଣେ ମହିଳା ସହକର୍ମୀ କିମ୍ବା ସେମାନଙ୍କ ସହଧର୍ମିଣୀଙ୍କ ସହିତ ଦଳ ଗଢି 'ଫନାଥନ'- ଡ୍ରପ୍ ଜୋନ୍, ମାର୍ବଲ୍ ମାନିଆ, ରିଚ୍ ଫର୍ ଦି ବକେଟ୍, ବେଲୁନ୍ ଷ୍ଟାକ୍ ଆଟାକ୍ ଏବଂ ବୁମ୍ ୱାକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଜିଏମ୍ (ଏଚ୍‌ଆର୍-ଏଲ୍ ଆଣ୍ଡ୍ ଡି) ସୁଶ୍ରୀ ଚୈତାଳି ଦାସ ଯୋଗ ଦେଇଥିଲେ। ସେହିପରି ୫ ତାରିଖରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିବା ଏବଂ ଲିଙ୍ଗଗତ ସମାନତାର ଗୁରୁତ୍ୱକୁ ସୁଦୃଢ଼ କରିବା ପାଇଁ ୧୦ ମିନିଟର 'ନାଟକ ପ୍ରତିଯୋଗିତା' ଆୟୋଜନ କରାଯାଇଥିଲା। ଏହି ଚାରୋଟି ଗୋଷ୍ଠୀରେ ୩ରୁ ୫ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଏଚ୍‌ଆର୍-ଏଲ୍ ଆଣ୍ଡ୍ ଡି ବିଭାଗର ସିଜିଏମ ପି. କେ. ସାହୁ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା କାର୍ଥା ଏବଂ ଲୋକ ସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଯୋଗ ଦେଇଥିଲେ। ବିଜେତା ଦଳ ସେଲ୍ ସ୍ତରୀୟ ନାଟକ ପ୍ରତିଯୋଗିତାରେ ଆର୍‌ଏସ୍‌ପିର ପ୍ରତିନିଧିତ୍ୱ କରିବ ବୋଲି ଜଣାପଡିଛି।

# ଯାଞ୍ଚକୁ ବର୍ଷେ ପୂରିଲା, ମିଳିଲାନି ସହାୟତା

ରାଉରକେଲା,୬।୩(ସଙ୍ଗୀତା ଜେନା)

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ଉପଲବ୍ଧ କଲ୍ୟାଣମୂଳକ ଯୋଜନାରେ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ନିୟମ ରହିଛି। ପୂର୍ବରୁ ସ୍ଥାନୀୟ କାର୍ଯ୍ୟାଳୟରେ ପ୍ରତ୍ୟକ୍ଷ ଭାବେ ଏହି ସହାୟତା ପାଇଁ ଆବେଦନ କରାଯାଉଥିବାବେଳେ ଏବେ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟରେ ଏହି ଆବେଦନ ପ୍ରକ୍ରିୟା ଅନ୍‌ଲାଇନ୍ କରାଗଲା। ହିତାଧିକାରୀମାନେ ଅନ୍‌ଲାଇନ୍ ଆବେଦନ କରିବା ପରେ ଉକ୍ତ ଦରଖାସ୍ତଗୁଡ଼ିକର ସ୍ୱତନ୍ତ୍ର ଶ୍ରମ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଉଥିଲା। ଆବେଦନର ୬୦ ଦିନରେ ସହାୟତା ରାଶି ମିଳିବା ନିୟମ ମଧ୍ୟ ରହିଛି। ତେବେ ସୁନ୍ଦରଗଡ଼ ସମେତ ରାଉରକେଲା, ବଣେଇ ଆଦି ଅଞ୍ଚଳରେ କାର୍ଯ୍ୟରତ ଅନେକ ନିର୍ମାଣ ଶ୍ରମିକ ଉକ୍ତ ସହାୟତା ରାଶି ପାଇ ନ ଥିବା ଅଭିଯୋଗ ହୋଇଛି।

ବିଶ୍ରା ବ୍ଲକ ଉଡ଼ସୁ ଗ୍ରାମର ଜଣେ ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ବର୍ଷେ ତଳେ ସେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଶ୍ରମ କାର୍ଯ୍ୟାଳୟରୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ମଧ୍ୟ ସମ୍ପନ୍ନ ହୋଇଥିଲା। ୨୦୨୪ରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଯୋଗୁ ଏଥିରେ ବିରାମ ଲାଗିଥିଲା। ପରେ ଜୁନ୍ ମାସରେ ଆଚରଣ ବିଧି ଉଠିବା ପରେ ବୋର୍ଡ ଗଠନ ହୋଇ ନ ଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ସହାୟତା ରାଶି ଅପେକ୍ଷାରେ ଗୋଟିଏ ବର୍ଷ ବିତିଯାଇଥିଲା। ୨୦୨୫ ଫେବୃଆରୀରେ ସହାୟତା ରାଶି ବଣ୍ଟନ ପାଇଁ ତାଲିକା ପ୍ରସ୍ତୁତ କରାଗଲା। ପୂର୍ବରୁ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ସତ୍ତ୍ୱେ ଏଥରକ ସହାୟତା ରାଶି ମିଳିଲା ନାହିଁ ବୋଲି ଉକ୍ତ ମୃତ୍ୟୁକାଳୀନ ସହାୟତା ରାଶି ହିତାଧିକାରୀ ଜଣଙ୍କ କହିଥିଲେ। ସେହିପରି ଲାଠିକଟା, ବଣେଇ, ନୂଆଗାଁ, ବିଶ୍ରା ବ୍ଲକର ଆବେଦନ କରିଥିବା ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଏପରି ସମାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୁଗ୍ମ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟର ଡିଏଲ୍‌ଓ ଗୋପାଳ ଚନ୍ଦ୍ର ମଙ୍ଗରାଜଙ୍କୁ ପଚରାଯିବାରୁ ସେ କହିଲେ, ପୂର୍ବତନ ଅଧିକାରୀ ଏ ସମ୍ପର୍କରେ ବିସ୍ତୃତ ଭାବେ କହିପାରିବେ। ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଚଳିତ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଆମେ ଆୟୋଜନ କରିଥିଲୁ। କୌଣସି ପେଣ୍ଡିଂ ମାମଲା ନ ଥିବା ଜଣାଯାଇଛି। ତେବେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଏଲ୍‌ଓ ମଙ୍ଗରାଜ କହିଥିଲେ।

ସୂଚନାଯୋଗ୍ୟ, ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ଶିକ୍ଷା କ୍ଷେତ୍ରରେ ଝିଅ ପାଇଁ ୬ଷ୍ଠରୁ ତଦୂର୍ଦ୍ଧ୍ୱ ଓ ପୁଅ ପାଇଁ ୯ମରୁ ତଦୂର୍ଦ୍ଧ୍ୱ ବାର୍ଷିକ ୨ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ସହାୟତା ପ୍ରଦାନ କରାଯାଉଛି। ସରକାରୀ ଶିକ୍ଷାନୁଷ୍ଠାନରେ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଶିକ୍ଷା ପାଇଁ ସମସ୍ତ ଆର୍ଥିକ ସହାୟତା, ସର୍ବାଧିକ ୨ଟି କନ୍ୟା ସନ୍ତାନ, ପଞ୍ଜୀକୃତ ଅବିବାହିତା ଶ୍ରମିକଙ୍କୁ ବିବାହ ସହାୟତା, ସର୍ବାଧିକ ୨ଟି ସନ୍ତାନ ପ୍ରସବ ପାଇଁ ପ୍ରସୂତିକାଳୀନ ସହାୟତା, ସ୍ୱାଭାବିକ ମୃତ୍ୟୁକ୍ଷେତ୍ରରେ ଏକକାଳୀନ ୩ ଲକ୍ଷ ଟଙ୍କା ତଥା କାର୍ଯ୍ୟସ୍ଥଳୀରେ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଏକକାଳୀନ ୬ଲକ୍ଷ ଟଙ୍କା ପ୍ରଦାନ କରାଯିବା ନିୟମ ରହିଛି। ସେହିପରି ୬୦ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦ ଏକକାଳୀନ ୫ ହଜାର, କାର୍ଯ୍ୟସ୍ଥଳୀରେ ଦୁର୍ଘଟଣାଜନିତ ଅକ୍ଷମତା କ୍ଷେତ୍ରରେ ୧ଲକ୍ଷ ୫୦ ହଜାର ଟଙ୍କା, ସହରାଞ୍ଚଳରେ ପ୍ରବାସୀ ନିର୍ମାଣ ଶ୍ରମିକଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ବା ଆଶ୍ରୟ ଯୋଜନାରେ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ ରହିଛି। ୨୦୨୪ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ଜିଲାରେ ଅନ୍‌ଲାଇନ୍ ଆବେଦନ ସଂଖ୍ୟା ୨୧୧୧ ରହିଥିଲା। ସେଥିମଧ୍ୟରୁ ମୃତ୍ୟୁକାଳୀନ ୬୨୬, ବିବାହକାଳୀନ ୩୩୬ ଏବଂ ଅନ୍ୟାନ୍ୟ ଆବେଦନ ୧୧୪୯ଟି ରହିଛି।



ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ।

# ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବେ ୩୨୧



ଶିବିରରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଉଛି।

ରାଉରକେଲା,୬।୩(ଦିନେଶ ମିଶ୍ର)

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ**

ରାଉରକେଲା ମହାନଗର ନିଗମ ଏବଂ ସୁନ୍ଦରଗଡ଼ ଜିଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ଭବନଠାରେ ଗୁରୁବାର ପୂର୍ବାହ୍ନ ସାଢେ ୧୧ଟାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ତଥା ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଦିବ୍ୟାଙ୍ଗ କଲ୍ୟାଣମୂଳକ ଯୋଜନାର ଲାଭାର୍ଥି କରାଇବା ଏହି ଅଭିଯାନର ମୂଳଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହାର ପ୍ରମାଣପତ୍ର ଦେବା ପାଇଁ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶ୍ରବଣ ଓ ବାକ୍ ସହ ଦୃଷ୍ଟିବାଧିତ, ଶାରୀରିକ ଏବଂ ମାନସିକ ଭିନ୍ନକ୍ଷମତା ଚିହ୍ନଟ କରିବା ପାଇଁ ଡାକ୍ତରୀ ଦଳ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୩୪ ଜଣ ପଞ୍ଜୀକରଣ କରାଇଥିବା ବେଳେ ୩୨୧ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏଥିରେ ଚିହ୍ନଟ ହୋଇଥିବା ୨୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ଟ୍ରାଇ ସାଇକେଲ ଓ ହ୍ୱିଲ ଚେୟାର ଭଳି ସହାୟକ ଉପକରଣ ପ୍ରଦାନ କରାଯିବ। ଏଥିସହ ୫୨ ଜଣଙ୍କୁ ବସ୍ ପାସ୍, ୧୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବିବାହ ପ୍ରୋତ୍ସାହନ ଅର୍ଥ ରାଶି, ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ମହାନଗର ନିଗମର ଉପ ପୌରାୟୁକ୍ତ ତରୁଣ କାନ୍ତ ମୁଖ୍ୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୀନୁ ତାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ୍ ଟପ୍ପୋଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

# ୨ ଶିଶୁ ଶ୍ରମିକ ଉଦ୍ଧାର, ସଖୀକୁ ହସ୍ତାନ୍ତର

ରାଉରକେଲା,୬।୩(ସଙ୍ଗୀତା ଜେନା)

ରାଉରକେଲା ଜିଆର୍‌ପି, ଚାଇଲ୍ଡ ଲାଇନ୍ ଏବଂ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ସହାୟତାରେ ରାଉରକେଲା ରେଳ ଷ୍ଟେଶନରୁ ୨ ଜଣ ନାବାଳିକା ଶ୍ରମିକଙ୍କୁ ବୁଧବାର ରାତି ପ୍ରାୟ ୧୦ଟାରେ ଉଦ୍ଧାର କରାଯାଇଛି। ପରେ ଉକ୍ତ ନାବାଳିକାଙ୍କୁ ସଖି ସେଣ୍ଟରକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ସେମାନଙ୍କୁ କାଉନସେଲିଂ କରାଯାଇଛି। ସିଡବ୍ଲ୍ୟୁସି ସଦସ୍ୟ ବାଳମୁକୁନ୍ଦ ଶୁକ୍ଳାଙ୍କ ସୂଚନା ଅନୁଯାୟୀ, ଏହି ନାବାଳିକା ଦ୍ୱୟ ବିଳାସପୁର ନିବାସୀ। ସମ୍ପର୍କରେ ଜଣେ ନାବାଳିକା ପିଯୁସୀ(୧୬) ଏବଂ ଅନ୍ୟ ଜଣେ ଝିଆରୀ(୧୫)। ବିଳାସପୁରର ଏକ ପ୍ଲେସମେଣ୍ଟ ଏଜେନ୍ସି ଦ୍ୱାରା ଉଭୟ କାମ ପାଇଥିଲେ। ସିଭିଲଟାଉନଶିପ୍‌ରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରେ ଝିଆରୀ କାମ କରୁଥିବା ବେଳେ ଅନ୍ୟ ଜଣେ ରାଞ୍ଚିସ୍ଥିତ ତାଙ୍କ ଭଉଣୀ ଘରେ କାମ କରୁଥିଲେ। ହେଲେ ଉଭୟଙ୍କ ଦରମା ପ୍ଲେସମେଣ୍ଟ ଏଜେନ୍ସିକୁ ଯାଉଥିଲା। ଯାହାଦ୍ୱାରା ଏହି ନାବାଳିକା ଦ୍ୱୟ କୌଣସି ଦରମା ପାଉ ନ ଥିଲେ। କିଛିଦିନ ତଳେ ସିଭିଲଟାଉନଶିପ୍‌ସ୍ଥିତ ବ୍ୟବସାୟୀଙ୍କ ଘରେ ବିବାହ କାର୍ଯ୍ୟ ଥିବାରୁ ଉଭୟ ନାବାଳିକା ରାଉରକେଲାରେ ଏକାଠି ହେବା ପାଇଁ ସୁଯୋଗ ପାଇଥିଲେ। ବୁଧବାର ସେମାନେ ଏଠାରୁ ଫେରାର ହେବା ପାଇଁ ଯୋଜନା କରି ରାଉରକେଲା ରେଳ ଷ୍ଟେଶନରେ ଥିବାବେଳେ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ଶୁକ୍ଳା କହିଥିଲେ।

# ରିମାଣ୍ଡରେ ଆଣିଲା ଝାଡ଼ଖଣ୍ଡ ପୋଲିସ

ରାଉରକେଲା,୬।୩(ସଙ୍ଗୀତା ଜେନା)

**ଦିଲ୍ଲୀରୁ ମହିଳା ମାଓବାଦୀ ଗିରଫ ଘଟଣା**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ୨୦୧୮, ୨୦୧୯ ଓ ୨୦୨୦ରେ ସୁରକ୍ଷାବଳ ତଥା ପୋଲିସ ଉପରେ ଆକ୍ରମଣ ମାମଲାରେ ସମ୍ପୃକ୍ତ ଜଣେ ମହିଳା ମାଓବାଦୀଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ସେ ହେଲେ ରେଣୁକା। ଉକ୍ତ ମାଓବାଦୀ ଦିଲୀ ପିତମପୁରା ଅଞ୍ଚଳରେ ଥିବା ମହାରାଣା ପ୍ରତାପ ଏନ୍‌କ୍ଲେଭ୍‌ରେ ନିଜ ପରିଚୟ ଗୋପନ ରଖି ଘରୋଇ ସହାୟିକା ଭାବେ କାମ କରୁଥିଲେ। ଏ ସମ୍ପର୍କରେ ପଶ୍ଚିମ ସିଂଭୂମ ଜିଲା ଏସ୍‌ପି ଆଶୁତୋଷ ଶେଖର ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ବୁଧବାର ଦିଲ୍ଲୀ ପୋଲିସ ରେଣୁକାଙ୍କୁ ଗିରଫ କରିବା ପରେ ଝାଡ଼ଖଣ୍ଡର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତାଙ୍କୁ ଗୁରୁବାର ପୂର୍ବାହ୍ନରେ ରିମାଣ୍ଡରେ ଆଣିଛି। ସୂଚନା ଅନୁଯାୟୀ, ରେଣୁକା ସିପିଆଇ (ମାଓବାଦୀ) ସଙ୍ଗଠନର ନେତୃତ୍ୱ ନେଇଥିବା ମାଓନେତା ରମେଶଙ୍କ ଦଳରେ ସାମିଲ ହୋଇ ୨୦୧୬ରେ ସୀମାନ୍ତ କୋଲହାନ୍ ଅଞ୍ଚଳରେ ପ୍ରଶିକ୍ଷଣ ନେଉଥିଲେ। ଉକ୍ତ ଟିମ୍‌ରେ ୪୦/୫୦ ଜଣ ମହିଳାଙ୍କ ସମେତ ୪୫୦ ମାଓବାଦୀ ଥିଲେ। ଏହି ସମୟରେ ପୋଲିସ ଓ ସୁରକ୍ଷାବଳଙ୍କ ଉପରେ ଯୋଜନାବଦ୍ଧ ଆକ୍ରମଣରେ ସେ ସାମିଲ ହୋଇଥିଲେ। ପରେ ସଙ୍ଗଠନର ନିର୍ଦ୍ଦେଶରେ ପରିଚୟ ଗୋପନ ରଖି ଅନ୍ୟତ୍ର କାମ କରୁଥିଲେ। ଏପରିକି ଅନ୍ୟତ୍ର ରହି ଝାଡ଼ଖଣ୍ଡରେ ମାଓବାଦୀ ସଙ୍ଗଠନ ପରିଚାଳନା କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ସଙ୍କୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ଥିଲେ ବିଜୁ ପଟ୍ଟନାୟକ

ରାଉରକେଲା,୬।୩(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ ପକ୍ଷରୁ ବିଜୁ ପଟ୍ଟନାୟକ ଜୟନ୍ତୀ ଓ କବିତା ପାଠୋତ୍ସବ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଐତିହାସିକ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଥିଲା ହିମାଳୟ ପରି। ବିଜୁବାବୁ ଥିଲେ ଧର୍ମୀୟ ତଥା ଆଞ୍ଚଳିକ ସଙ୍କୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ। ସାରା ଓଡିଶାକୁ ସେ ନିଜର ଘର ବୋଲି ଭାବୁଥିଲେ। ସେ ଥିଲେ ଓଡିଶାର ଶିଳ୍ପାୟନର ପ୍ରଥମ ପ୍ରବର୍ତ୍ତକ। ସାରା ଭାରତର ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ସେ ପ୍ରଥମେ ଓଡିଶାରେ ଆରମ୍ଭ କରିଥିଲେ। ତାଙ୍କ ଯୋଗୁ କଳିଙ୍ଗ ସାରା ବିଶ୍ୱରେ ପରିଚିତ ବୋଲି ମଲ୍ଲିକ ମତପୋଷଣ କରିଥିଲେ। ସଂଘର ଉପଦେଷ୍ଟା ଭାରତ ଭୂଷଣ ମହାନ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଜୟିନୀ ଜେନାଙ୍କ ସଭାପତିତ୍ୱ ତଥା ତ୍ରିଲୋଚନ ସ୍ୱାଇଁଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ହୋଇଥିଲା। ଗୀତାରାଣୀ ବେହେରା ଗଳ୍ପ ପାଠ କରିଥିବାବେଳେ ସତ୍ୟନାରାୟଣ ଦାଶ, ସୁନୀଲ କୁମାର ଦାଶ, ଉପେନ୍ଦ୍ର ବସ୍ତିଆ, ଅଜୟ କୁମାର ମହାନ୍ତି, ବ୍ରଜେନ୍ଦ୍ର କୁମାର ଦାଶ, ସ୍ମିତା ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ସମ୍ପାଦକ ରାଧାମୋହନ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ଧରଣୀଧର ସାମଲ, ଅରବିନ୍ଦ ପାତ୍ର, ପ୍ରସନ୍ନ କୁମାର ମହାନ୍ତି, ଡକ୍ଟର ନଗେନ କୁମାର ଦାସ, ଅବିନ କୁମାର ମହାନ୍ତି, ଭାଗ୍ୟଧର ଜେନା, ପ୍ରବୀର କୁମାର ଦୁବେ, ଅମରେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ପାଣି ପାଇଁ ବସ୍ତିବାସୀ ହଇରାଣ

ରାଉରକେଲା,୬।୩(ଦିନେଶ ମିଶ୍ର)

ଖରାଦିନ ଆରମ୍ଭରୁ ରାଉରକେଲା ସହରର ଉଦିତନଗରସ୍ଥିତ ଶୀତଳପଡା ବସ୍ତିରେ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଏହାକୁ ନେଇ ବସ୍ତିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବସ୍ତିରେ ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବସ୍ତିବାସୀ ଚେତାବନୀ ଦେଇଛନ୍ତି।

ଶୀତଳପଡା ବସ୍ତିରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବସ୍ତିବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୨୦୧୫-୧୬ରେ ବିଧାୟକ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଏକ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ସେହିପରି ଏକ ବୋରିଂ କରାଯାଇ ସେଠାରେ ପାଣିପମ୍ପ ବସାଯିବା ସହ ୩ଟି ଟ୍ୟାପ୍ ବ୍ୟବସ୍ଥା ମଧ୍ୟ ହୋଇଥିଲା। ବସ୍ତିବାସୀ ଏହି ପମ୍ପକୁ ଚଳାଇ ବୋରିଂରୁ ଟାଙ୍କିରେ ଶୁଦ୍ଧ ପାଣି ଭର୍ତ୍ତି କରୁଥିଲେ। ପରେ ନିଜ ନିର୍ଦ୍ଧାରିତ ସମୟ ଅନୁଯାୟୀ ଟାଙ୍କି ପାଣିକୁ ବ୍ୟବହାର କରୁଥିଲେ। ଏହି ପାଣିଟାଙ୍କିକୁ ବିଦ୍ୟୁତ ସଂଯୋଗ ବର୍ତ୍ତମାନ ବିଚ୍ଛିନ୍ନ କରାଯାଇଛି। ଫଳରେ ଏହି ପାଣିଟାଙ୍କି ଅଚଳ ଅବସ୍ଥାରେ ପଡିରହିଥିବାରୁ ବସ୍ତିବାସୀ ଏହାକୁ ପୂର୍ବପରି ଆଉ ବ୍ୟବହାର କରିପାରୁନାହାନ୍ତି। ଟାଙ୍କିରେ ପାଣି ନ ଥିବାରୁ ସେମାନେ ବସ୍ତି ଭିତରେ ଥିବା ୨ଟି ନଳକୂପ ଉପରେ ନିର୍ଭର କରୁଛନ୍ତି। ଅନ୍ୟପଟେ ଉକ୍ତ ବସ୍ତିଟି ଆରଏସ୍‌ପି ଡମ୍ପିଂୟାର୍ଡରେ ଥିବାରୁ ଏଠାକାର ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଫଳରେ ନଳକୂପ ପାଣିକୁ ପାନୀୟ ଭାବେ ବ୍ୟବହାର କରାଯାଇ ପାରୁନାହିଁ। ଏଥିପାଇଁ ବସ୍ତିବାସୀ ବହୁ ହଇରାଣ ହେଉଛନ୍ତି। ପାଣି ପାଇଁ ସେମାନେ ବସ୍ତି ନିକଟରେ ଯାଇଥିବା ଆରଏସ୍‌ପି ପାଇପ୍‌ରୁ ପାଣି ସଂଗ୍ରହ କରୁଛନ୍ତି। ଅନ୍ୟପଟେ ଅଚଳ ପାଣିଟାଙ୍କି ନିକଟରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଛି। ପାଣିଟାଙ୍କିରେ ଲାଗିଥିବା ଟ୍ୟାପ୍‌ଗୁଡ଼ିକ ଭଗ୍ନ ଅବସ୍ଥାରେ ପଡି ରହିଥିବାବେଳେ ପମ୍ପ ତାର ଝୁଲି ରହିଛି। ଏ ନେଇ ବସ୍ତିବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ବସ୍ତିବାସୀ ନିରାଶ ହୋଇ ଶେଷରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତବାନୀ ଦେଇଛନ୍ତି। ଏ ନେଇ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ପଚାରିବାରୁ ସେ କହିଥିଲେ, ଶୀତଳପଡା ବସ୍ତିରେ ଥିବା ପାଣିଟାଙ୍କି ସମସ୍ୟାକୁ ନେଇ ମୁଁ ଅବଗତ ଅଛି। ଆଗାମୀ ୭ ଦିନ ଭିତରେ ବିଦ୍ୟୁତ୍ ବିଭାଗ ସହ କଥାବାର୍ତ୍ତା ହୋଇ ପାଣିପମ୍ପକୁ ବିଦ୍ୟୁତ୍ ସଂଯୋଗ କରି ଏହାକୁ ତୁରନ୍ତ ଚାଲୁ କରାଯିବ। ଏହାଦ୍ୱାରା ବସ୍ତିରେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ବିଧାୟକ ତନ୍ତୀ କହିଥିଲେ।



ଅଚଳ ଅବସ୍ଥାରେ ପଡିଥିବା ଜଳ ପ୍ରକଳ୍ପ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ | Bhubaneswar, Friday, March 7/2025 



ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଶେଷ ଦିନରେ କଟକ ରେଭେନ୍‌ଶା କଲେଜିଏଟ୍ ସ୍କୁଲରୁ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର। **(ଫଟୋ: ରାଜକିଶୋର ମହାନ୍ତି)**

# ମାଟ୍ରିକ୍ ପ୍ରଶ୍ନପତ୍ରରେ ପୁଣି ବିଭ୍ରାଟ

## ପାଠ୍ୟକ୍ରମ ବାହାର ପ୍ରଶ୍ନ, ପରୀକ୍ଷା ଦେଇପାରିଲେନି ଛାତ୍ରୀଛାତ୍ର

***ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ପୁଣି ବିଭ୍ରାଟ ଦେଖିବାକୁ ମିଳିଛି। ଗତ ୧ ତାରିଖରେ ବିଜ୍ଞାନ ବିଷୟ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କ ପ୍ରଶ୍ନ କମ୍ ରହିଥିଲା। ଗୁରୁବାର ପରୀକ୍ଷାର ଶେଷଦିନରେ ତୃତୀୟ ଭାଷାର ବିକଳ୍ପ ଭାବେ ଛାତ୍ରୀଛାତ୍ରମାନେ ଗ୍ରହଣ କରିଥିବା 'ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର' ବିଷୟ ପ୍ରଶ୍ନପତ୍ରରେ ପାଠ୍ୟକ୍ରମ ବାହାର ପ୍ରଶ୍ନ ରହିଛି। ତାହା ମୋଟ ୫୦ ମାର୍କରୁ ୪୩ ମାର୍କ। ଏଭଳି ଗୁରୁତର ତ୍ରୁଟି ଯୋଗୁ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରି ନ ଥିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଛି।***

ପାରାଦୀପ/କଟକ/ସାବରଙ୍ଗ, ୬।୩
(ଶରତ ରାଉତ/କାର୍ତ୍ତିକ ସାହୁ/କାଳିପଦ ରାୟ)

ଚଳିତ ବର୍ଷ ଚାଲିଥିବା ମାଟ୍ରିକ୍ ପରୀକ୍ଷାର ଗୁରୁବାର ହୋଇଥିବା ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର(ଇଏଚ୍) ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ ହୋଇଛି। ୫୦ ମାର୍କ ବିଶିଷ୍ଟ ଏହି ଇଏଚ୍ ବିଷୟରେ ପୁରୁଣା ସିଲାବସ୍‌ର ଅନୁସାରେ ପ୍ରଶ୍ନ ଆସିଛି। ତେବେ ୨୦୨୪-୨୫ ପାଠ୍ୟକ୍ରମରେ ପଢ଼ାଯାଇଥିବା ବିଷୟ ମଧ୍ୟରୁ ପ୍ରଶ୍ନପତ୍ର ନ ଆସିଥିବାରୁ ପିଲାମାନେ ଉତ୍ତର ଦେଇ ପାରିନାହାନ୍ତି।

ସୂଚନାଯୋଗ୍ୟ, ପିଲାମାନଙ୍କ ସମୁଦାୟ ବିଷୟ ମଧ୍ୟରେ ଏକ୍ସଟ୍ରା ଅପ୍ସନାଲ ତୃତୀୟ ଭାଷା ଥାଏ। ଯେଉଁ ପିଲାମାନେ ତୃତୀୟ ଭାଷା ଚୟନ କରି ନ ଥାନ୍ତି ସେମାନେ ବୈଷୟିକ ଶିକ୍ଷା ଉପରେ ପଢ଼ିବାର ବ୍ୟବସ୍ଥା ଅଛି। ଯଥା ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର ଓ ଅଟୋମୋବାଇଲ୍ସ(ଏଏମ୍)। ଏହି ପାଠ୍ୟକ୍ରମ ସୀମିତ ସ୍କୁଲରେ ପଢ଼ାଯାଇଥାଏ। ଜଗତ୍‌ସିଂହପୁର ଜିଲା ମଧ୍ୟରେ ଏମିତି ୫ଟି ସ୍କୁଲ ରହିଛି। ପାରାଦୀପ ପୌରାଞ୍ଚଳରେ ଥିବା ସମସ୍ତ ସରକାରୀ ସ୍କୁଲ ମଧ୍ୟରେ କେବଳ ଏନ୍‌ଏସି ହାଇସ୍କୁଲରେ ଏହି ଦୁଇଟି ବିଷୟ ଉପରେ ପଢ଼ାଯାଇଥାଏ। ଏହି ଇଏଚ୍ ବିଷୟରେ ପାରାଦୀପ ପୌରାଞ୍ଚଳର ୩୮ ଜଣ ପିଲା ଗୁରୁବାର ପରୀକ୍ଷା ଦେଇଥିଲେ। ସେମାନଙ୍କ ପରୀକ୍ଷା ସେଣ୍ଟର ଏନ୍‌ଏସି ଗାର୍ଲ୍ସ ହାଇସ୍କୁଲରେ ପଡ଼ିଥିଲା। ପ୍ରଶ୍ନପତ୍ର ପହଞ୍ଚିବା ପରେ ପିଲାମାନେ ନୂଆ ସିଲାବସ୍ ଅନୁସାରେ ପ୍ରଶ୍ନ ନ ଥିବା ଦେଖି ପରୀକ୍ଷା ସେଣ୍ଟରରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜଣାଇଥିଲେ। ମାତ୍ର ସେମାନେ କିଛି କରି ପାରି ନ ଥିଲେ। ଘରକୁ ଫେରିବା ପରେ ସେମାନେ ଅଭିଭାବକମାନଙ୍କ ଆଗରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ।

ନେହେରୁବଙ୍ଗଳା ଅଞ୍ଚଳରେ ରହୁଥିବା ଅଭିଭାବକ ଅଜିତ ନାୟକ କୁହନ୍ତି, ଝିଅ କିଛି ଉତ୍ତର ଦେଇ ନ ପାରି ଆସି ଘରେ କାନ୍ଦୁଛି। ଆମେ ସ୍କୁଲ ସାର୍‌ଙ୍କୁ ପଚାରିଲେ, ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାନ୍ତି। ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ (ବିଇଓ)ମନୋଜ କୁମାର ଦାସଙ୍କୁ ପଚାରିଲେ କୁହନ୍ତି, ଏବିଷୟରେ କିଛି କହିପାରିବୁ ନାହିଁ। ଏମିତି ଅଭିଯୋଗ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଜନସଂଖ୍ୟାରେ ପରିବର୍ତ୍ତନ

# ନୂଆ ବାସଭବନକୁ ଗଲେ ମୁଖ୍ୟମନ୍ତ୍ରୀ

### ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମେ ନନ୍ଦିନୀ ଶତପଥୀ ଏହି ଘରେ ରହିଥିଲେ

ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆ ସରକାରୀ ବାସଭବନରେ ଗୃହପ୍ରବେଶ କରିଛନ୍ତି। ଭୁବନେଶ୍ୱର ଗଭର୍ନର ହାଉସ୍ ଛକରୁ ଏଜି ଛକ ଯିବା ରାସ୍ତାର ବାମପାର୍ଶ୍ୱରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ମିତ ଏହି ବାସଭବନକୁ ଗତ ୨୫ ବର୍ଷ ହେଲା ବ୍ୟବହାର କରାଯାଉ ନ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନବୀନ ନିବାସରେ ରହି ଆସୁଥିଲେ। ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭାବେ ବ୍ୟବହାର କରୁଥିଲେ। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ୮ ମାସ ଧରି ଏହି ବାସଭବନକୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଠିକଣା ଭାବେ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଭାବେ ଏହି କ୍ୱାର୍ଟର୍ସ ☞ପୃଷ୍ଠା-୨

# ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ହରିଶ ଟଣ୍ଡନ

ନୂଆଦିଲ୍ଲୀ,୬।୩

କଲିକତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହେବେ। ସୁପ୍ରିମକୋର୍ଟ କଲେଜିୟମ୍ ଗୁରୁବାର ଏନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ରେ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ବର୍ତ୍ତମାନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି।

ଜଷ୍ଟିସ୍ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କଲିକତା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇ ସେବେଠୁ ଏହି ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି। ସର୍ବଭାରତୀୟ ସ୍ତରରେ ବରିଷ୍ଠତା ଭିତ୍ତିରେ ହାଇକୋର୍ଟ ବିଚାରପତିମାନଙ୍କ ମଧ୍ୟରେ ଜଷ୍ଟିସ୍ ଟଣ୍ଡନ ସପ୍ତମ



ଜଷ୍ଟିସ୍ ହରିଶ ଟଣ୍ଡନ

ସ୍ଥାନରେ ରହିଛନ୍ତି। ବିଚାରପତି ଭାବେ ନିଯୁକ୍ତି ପୂର୍ବରୁ ସେ କଲିକତା ହାଇକୋର୍ଟରେ ଦେୱାନି ମାମଲାଗୁଡ଼ିକରେ ଓକିଲାତି କରୁଥିଲେ। ବିଚାରପତି ଭାବେ ନ୍ୟାୟ ପ୍ରଦାନରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ସେ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ପାଇଁ ଯୋଗ୍ୟ ବୋଲି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ କଲେଜିୟମ୍ ପକ୍ଷରୁ ଅପ୍‌ଲୋଡ୍ କରାଯାଇଥିବା ଏକ ବିବୃତିରେ କୁହାଯାଇଛି।




# ୧ କୋଟି ଟପିଲେ ସୁଭଦ୍ରା ହିତାଧିକାରୀ

ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ ୨ଲକ୍ଷ ୩୪ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି। ଗୁରୁବାର ୫ହଜାର ଟଙ୍କା ଲେଖାଏ ମୋଟ ୧୧୭କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହାକୁ ମିଶାଇ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ଟପିଛି। ମୋଟ୍ ୧କୋଟି ୬୪ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟକୁ ୫ହଜାର ୩୨କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ସର୍ବବୃହତ୍ ମହିଳା କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ର ପ୍ରଥମ କିସ୍ତି ବିତରଣର



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୟୁଟ୍ୟୁବ୍ ଲାଇଭ୍‌ରେ ☞ପୃଷ୍ଠା-୨

**ଆଜି ଘରେଘରେ ଦୀପ ଜାଳିବାକୁ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ**

- **ପଞ୍ଚମ ପର୍ଯ୍ୟାୟରେ ୨,୩୪,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା**
- **ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା**

# ଭାରତ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ମରିଯିବି

ନୂଆଦିଲ୍ଲୀ,୬।୩

ଆମେରିକାରେ ରହୁଥିବା ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ରାଣା ଭାରତକୁ ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ପୁଣିଥରେ ସେଠାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତକୁ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ଶୀଘ୍ର ମରିଯିବେ ବୋଲି ସେ ଅଦାଲତଙ୍କୁ କହିଛନ୍ତି। ତେଣୁ ଅଦାଲତ ପୂର୍ବରୁ ପ୍ରତ୍ୟର୍ପଣ ଅନୁମତି ଉପରେ ଜରୁରୀ ସ୍ଥଗିତାଦେଶ ଲଗାଇବାକୁ ରାଣା ନିବେଦନ କରିଛନ୍ତି।

ରାଣା ବିଭିନ୍ନ କାରଣ ଦର୍ଶାଇ କହିଛନ୍ତି, ଭାରତରେ ବିଚାରର ସମ୍ମୁଖୀନ ହେଲେ ତାଙ୍କର ବଞ୍ଚିବା

**ଆମେରିକା ସୁପ୍ରିମକୋର୍ଟରେ ତହଉର ରାଣାଙ୍କ ନିବେଦନ**



ତହଉର ରାଣା

ସୁଯୋଗ ଯଥେଷ୍ଟ କମ୍ ରହିବ। ପାକିସ୍ତାନୀ ବଂଶୋଦ୍ଭବ ମୁସଲମାନ ହୋଇଥିବାରୁ ତାଙ୍କୁ ଭାରତରେ ନିର୍ଯାତନା ଦିଆଯିବ। ☞ପୃଷ୍ଠା-୨

# ମହାକୁମ୍ଭରୁ ଧନୀ: ନାବିକ ପରିବାର ଆୟ କଲା ୩୦ କୋଟି

ପ୍ରୟାଗରାଜ,୬।୩

ହିନ୍ଦୁଧର୍ମର ସର୍ବବୃହତ୍ ଧର୍ମୀୟ ମେଳା ମଧ୍ୟରୁ ଅନ୍ୟତମ ମହାକୁମ୍ଭ ମେଳା ୪୫ ଦିନ ଧରି ଗତ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏହି ମହାକୁମ୍ଭ ମେଳାରେ ଅନେକ ଲୋକ ବିଭିନ୍ନ ବ୍ୟବସାୟ ମାଧ୍ୟମରେ ବହୁ ରୋଜଗାର କରିଛନ୍ତି ବୋଲି ଉତ୍ତରପ୍ରଦେଶ ବିଧାନସଭାରେ ବଜେଟ ଅଧିବେଶନକୁ ସମ୍ବୋଧନ



ପରିବାର ସଦସ୍ୟଙ୍କ ସହ ନାଉରି ପିଣ୍ଟୁ ମହାରା(ବାମ)।

କରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର କହିଥିଲେ, ଏହି ଅବସରରେ ଯୋଗୀ ପିଣ୍ଟୁ ମହାରା ନାମକ ଜଣେ ନାଉରିଙ୍କ କାହାଣୀକୁ ବଖାଣି କହିଥିଲେ, ପିଣ୍ଟୁଙ୍କ ପରିବାର ମହାକୁମ୍ଭ ମେଳାର ୪୫ ଦିନ ମଧ୍ୟରେ ଯାତ୍ରୀମାନଙ୍କୁ ବୋଟ୍ ଯୋଗେ ନେବାଆଣିବା କରି ୩୦ କୋଟିଟଙ୍କାର ରୋଜଗାର କରିଛନ୍ତି। ଏହାପରଠାରୁ ପିଣ୍ଟୁଙ୍କୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ଉପକୂଳବର୍ତ୍ତୀ ଅରୈଲ ଗ୍ରାମର ପିଣ୍ଟୁ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ମହାକୁମ୍ଭ ମେଳା ଆରମ୍ଭ ହେବା ପୂର୍ବରୁ ସେ ନେଇଥିବା ଏକ ନିଷ୍ପତ୍ତି ତାଙ୍କୁ ଏହି ସଫଳତା ଆଣି ଦେଇଛି। ୨୦୧୯ରେ ପ୍ରୟାଗରାଜରେ ଆୟୋଜିତ କୁମ୍ଭମେଳାରେ ମଧ୍ୟ ପିଣ୍ଟୁ ଲୋକଙ୍କୁ ବୋଟ୍ ଯୋଗେ ନେବାଆଣିବା କରୁଥିଲେ। ତେବେ ଉକ୍ତ କୁମ୍ଭମେଳାଠାରୁ ୨୦୨୫ର ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଅନେକ ଗୁଣାରେ ବୃଦ୍ଧି ପାଇବ ବୋଲି ସେ ଅନୁମାନ ଲଗାଇଥିଲେ। ତେଣୁ ମହାକୁମ୍ଭ ପୂର୍ବରୁ ସେ ନିଜ ପରିବାର ପାଇଁ ୭୦ଟି ବୋଟ୍ କିଣିଥିଲେ। ଏହାପୂର୍ବରୁ ପିଣ୍ଟୁ ଏବଂ ତାଙ୍କର ଶତାଧିକ ☞ପୃଷ୍ଠା-୨






# ଏପ୍ରିଲ ୨ରୁ ଖୋଲିବ 'ଶିଶୁ ବାଟିକା' ଶ୍ରେଣୀ

**ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)**

ରାଜ୍ୟରେ ଆସନ୍ତା ଏପ୍ରିଲ ୨ରୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖୋଲିବ 'ଶିଶୁ ବାଟିକା' ଶ୍ରେଣୀ। ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ୫-୬ବର୍ଷ ବୟସର ପିଲାଙ୍କ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଓ ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗୀୟ କମିଶନର କମ୍ ସେକ୍ରେଟାରୀ ସାଲିନୀ ପଣ୍ଡିତ ଏକ ବିଜ୍ଞପ୍ତି ଜରିଆରେ ସମସ୍ତ ଜିଲାପାଳ, ଅଧକ୍ଷ ଏବଂ ସମଗ୍ର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରାଜ୍ୟରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱକୁ ଗୁରୁତ୍ୱ ଦିଆଯାଇ 'ଶିଶୁ ବାଟିକା' ନାମରେ ଏକ ଅତିରିକ୍ତ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ଏହାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଭିତ୍ତିଭୂମିକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବାଟିକାରେ ପିଲାମାନେ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପାଠପଢ଼ିବେ। ଟିଇ ଆଣ୍ଡ୍

## ପିଲାଙ୍କୁ ଦିଆଯିବ 'ଯାଦୁପେଡି କିଟ୍'

ଏସ୍‌ସିଇଆର୍‌ଟି ଦ୍ୱାରା ବିକଶିତ ସମସ୍ତ ପୁସ୍ତକ ଏପ୍ରିଲ ୧ ସୁଦ୍ଧା ସମସ୍ତ ପିଲାଙ୍କୁ ଦିଆଯିବ। ଏହା ସେମାନଙ୍କ ଶ୍ରେଣୀଗୃହ ପାଠପଢ଼ିବାରେ ସହାୟକ ହେବ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବ୍ୟବସ୍ଥାରେ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯବ। ସମସ୍ତ ଶିଶୁ ବାଟିକା ପିଲାଙ୍କୁ ଏକ କିଟ୍ ପ୍ରଦାନ କରାଯିବ। ଏହି କିଟ୍‌ରେ ସ୍କୁଲ ବ୍ୟାଗ ସହିତ ପାଠ୍ୟକ୍ରମ ଉପକରଣ ଅନ୍ତର୍ଭୁକ୍ତ ହେବ। ସେହିପରି ଖେଳ ଭିତ୍ତିକ ଶିକ୍ଷଣ ପଦ୍ଧତି ମାଧ୍ୟମରେ ମୌଳିକ ଦକ୍ଷତା ଅର୍ଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ 'ଯାଦୁ ପେଡି' କିଟ୍ ଯୋଗାଇ ଦିଆଯିବ। ଏଥିପାଇଁ ସମସ୍ତ ପ୍ରାଥମିକ ଶ୍ରେଣୀର ଶିକ୍ଷକଙ୍କୁ ପ୍ରସ୍ତୁତି ମଡ୍ୟୁଲ ଉପରେ ତାଲିମ ଦିଆଯିବ। ଏହା ମାର୍ଚ୍ଚ ୧୫ ସୁଦ୍ଧା ଶେଷ ହେବ। ଶିଶୁ ବାଟିକାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଜିଲ୍ଲାସ୍ତରରେ ଏକ ଉତ୍ସର୍ଗୀକୃତ ସେଲ୍ ପ୍ରତିଷ୍ଠା କରାଯିବ। ଏହାବ୍ୟତୀତ ପ୍ରାକ୍ ବିଦ୍ୟାଳୟ ପାଇଁ ଆବଶ୍ୟକ ଅତିରିକ୍ତ ଭିତ୍ତିଭୂମି ଆସନ୍ତା ବର୍ଷ ଭିତରେ ପ୍ରଦାନ କରାଯିବାର ଯୋଜନା ରହିଛି ବୋଲି ବିଜ୍ଞପ୍ତିରେ ସୂଚନା ରହିଛି।

# ମାଟ୍ରିକ୍ ପରୀକ୍ଷାକୁ ଯାଉଥିବା ବେଳେ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ମାଲକାନଗିରି,୬।୩ (ନୃସିଂହ ଚରଣ ମହାନ୍ତି)**

ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯିବା ବେଳେ ସଡ଼କ ଦୁର୍ଘଟଣାରେ ମାଲକାନଗିରି ଜିଲା ପଦ୍ମଗିରି ହାଇସ୍କୁଲର ଛାତ୍ର ବିକ୍ରମ ସର୍ଦ୍ଦାରଙ୍କର ମୃତ୍ୟୁ ଘଟିଛି। ଦଶମ ଶ୍ରେଣୀ ପରୀକ୍ଷାର ଗୁରୁବାର ଶେଷଦିନ ଥିବା ବେଳେ ବିକ୍ରମ ଏବଂ ଅନ୍ୟ ଜଣେ ଛାତ୍ର ବାଇକ୍‌ରେ ପଦ୍ମଗିରିଠାରୁ ସେରପାଲି ପରୀକ୍ଷାକେନ୍ଦ୍ରକୁ ଯିବା ବେଳେ ଚନ୍ଦନଗୁଡ଼ା ନିକଟରେ ଏକ ପିକ୍-ଅପ୍ ଭ୍ୟାନ୍ ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ବିକ୍ରମଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ଛାତ୍ର ତାପସ ସର୍ଦ୍ଦାର ଗୁରୁତର ହୋଇଥିଲେ। ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି । ମାଲକାନଗିରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅନମୃତ୍ୟୁ ମାମଲା ନଂ.୯୧/୨୫ ରୁଜୁ ହୋଇଛି।

# ୫ରୁ ଊର୍ଦ୍ଧ୍ୱ ବୋଟ, ୧୦ରୁ ଅଧିକ ଡଙ୍ଗା ଜଳିଗଲା

**ପାରାଦୀପ, ୬।୩ (ଶରତ ରାଉତ)**

ରାଜ୍ୟର ବୃହତ୍ତମ ପାରାଦୀପ ମାଛଧରାବନ୍ଦର ପୋତାଶ୍ରୟ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ରୁ ଅଧିକ ବଡ଼ ବୋଟ୍ ଓ ୧୦ରୁ ଅଧିକ ଡଙ୍ଗା ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାଥମିକ ସୂଚନା ଅନୁସାରେ, ବୋଟ୍ ଦେବୀ ଲକ୍ଷ୍ମୀ, ଲକ୍ଷ୍ମୀ କୃପା, ଆଶୀର୍ବାଦ, ପିତାମାତା, ତାରିଣୀ ଶକ୍ତି, ବାବା ବାଲୁଙ୍କେଶ୍ୱର ଆଦି ନିଆଁରେ ଜଳିଯାଇଥିବା କୁହାଯାଉଛି। ତେବେ ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଦମକଳ ବାହିନୀ ସମେତ ପାରାଦୀପର ଶିଳ୍ପସଂସ୍ଥାରଗୁଡ଼ିକର ଦମକଳ ଗାଡ଼ିଗୁଡ଼ିକ ସେଠାରେ ପହଞ୍ଚିଛି। ସମୁଦାୟ ୧୨ଟି ଦମକଳ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଆଁ ଲିଭି ନ ଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ କ୍ୟାରେଟ ବୋଟ, ସୋନା ଟ୍ରଲର ଆଦି ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ବୋଟ୍ ମଧ୍ୟରେ ବିପୁଳ ପରିମାଣର ତେଲ ଓ ରନ୍ଧନ ଗ୍ୟାସ୍ ଥିଲାବେଳେ ସେଥିରେ ଜାଲ, ସୂତା, ରଶି ଓ ଝୁଡ଼ି ଆଦି ରହିଛି। ଏହାଛଡ଼ା ବୋଟ୍‌ଗୁଡ଼ିକ କାଠ, ଫାଇଭର, ପ୍ଲାଷ୍ଟିକ ଆଦିରେ ତିଆରି ହୋଇଥିବାରୁ ନିଆଁ ଲିଭାଇବା କଷ୍ଟକର ହୋଇପଡ଼ିଛି। ଏଭଳିସ୍ଥିତିରେ ଗ୍ୟାସ ଟାଙ୍କି ଫାଟିବାରୁ ପରିସ୍ଥିତି ଅଣାୟତ୍ତ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ପାଇଁ ନିଆଁ ପାଖକୁ ଯିବା ସହଜ ହେଉନାହିଁ। ଏହି ଅଗ୍ନିକାଣ୍ଡରେ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଜିଲାର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

**ପାରାଦୀପ ମାଛଧରାବନ୍ଦର ପରିସରରେ ଭୟାବହ ଅଗ୍ନିକାଣ୍ଡ**



# ଡ. ବିଜୟଲକ୍ଷ୍ମୀ ମହାନ୍ତି ରାଷ୍ଟ୍ରପତିଙ୍କ ପରାମର୍ଶଦାତା

**ଭୁବନେଶ୍ୱର/ରାଇରଙ୍ଗପୁର (ଅନୁରାଧା ମହାରଣା/ମାନସ ମହାନ୍ତି )**

ରାଇରଙ୍ଗପୁରର ଝିଅ ତଥା କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶିକା ପ୍ରାଧ୍ୟାପିକା ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ରାଜ୍ୟର ପ୍ରଥମ ମହିଳା ଭାବେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟସ୍ତରରେ ଟପ୍ପର ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ୱର୍ଣ୍ଣ ପଦକ ପାଇଥିବା ବିଜୟଲକ୍ଷ୍ମୀ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ନିଜ ଶୃଙ୍ଖଳିତ ଜୀବନଶୈଳୀ ଏବଂ ଲୋକସମ୍ପର୍କ ଦ୍ୱାରା ସବୁ ମହଲରେ ଆଦୃତ ହୋଇଥିବାବେଳେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖି ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି। ନିଜ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ତତ୍ତ୍ୱାବଧାନରେ ପ୍ରଥମ ସଦସ୍ୟ ଭାବରେ ସେ କଟକରେ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨୩ ବର୍ଷର ଅଭିଜ୍ଞତା ଥିବା ଡ. ମହାନ୍ତି ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ ବିକାଶ କେନ୍ଦ୍ର (ଏଚ୍‌ଆର୍‌ଡିସି) ତଥା ଲୋକ ସମ୍ପର୍କ ଏବଂ ସାମାଜିକ ଯୋଗାଯୋଗ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଶ୍ରୀଶ୍ରୀ ଆଡ୍‌ଭାନ୍ସଡ ଗ୍ଲୋବାଲ ସେଣ୍ଟର ଫର୍ କନ୍‌ଫ୍ଲିକ୍ଟ ରିଜୋଲ୍ୟୁଶନ ଆଣ୍ଡ୍ ପିସ୍ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ମଧ୍ୟ ଅଛନ୍ତି। ସେ ୫୦ଟି ଗବେଷଣା ନିବନ୍ଧ ଓ ୩ଟି ପୁସ୍ତକ ରଚନା କରିଛନ୍ତି। ୨୦୦୫ରୁ ଆର୍ଟ ଅଫ୍ ଲିଭିଂ ଲାଇଫ୍ ସ୍କିଲସ୍ ଆଣ୍ଡ୍ ମେଡିଟେଶନ ଟ୍ରେନର ଭାବେ କାର୍ଯ୍ୟ କରୁଥିବାବେଳେ ଇତିମଧ୍ୟରେ ସେ ୧,୦୦,୦୦୦ ଘଣ୍ଟାର ପ୍ରଶିକ୍ଷଣ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଡ. ମହାନ୍ତିଙ୍କ ସହ ଅନ୍ୟ ୬ଜଣଙ୍କୁ ମଧ୍ୟ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଅତିରିକ୍ତ ବ୍ୟକ୍ତିଗତ ସଚିବ, ଅରବିନ୍ଦ କୁମାର ମାରାଣ୍ଡିଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ସବିତାରାଣୀ ହେମ୍ବ୍ରମଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ବେନି ମାରାଣ୍ଡିଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ, ବାଳକନାଥ ନାଏକଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ ଏବଂ ମନୋଜ ବିଶ୍ୱାଳଙ୍କୁ ବ୍ୟକ୍ତିଗତ ସହାୟକ ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି।


ଡ. ବିଜୟଲକ୍ଷ୍ମୀ ମହାନ୍ତି

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀଙ୍କ ସମେତ ୬ ବହିଷ୍କୃତ

**ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)**

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ମନ୍ଦାକିନୀ କରଙ୍କୁ ବହିଷ୍କାର କରାଯାଇଛି। ଏଥିସହ ଆୟୋଗର ୫ଜଣ ସଦସ୍ୟ ଯଥା ସସ୍ମିତା ନନ୍ଦ, ରୁବି ବିଶାଳ, ଜାଲିନା ପ୍ରିୟଦର୍ଶିନୀ, ଛବି ମହାଲି ଏବଂ ଅନିତା ବେହେରାଙ୍କୁ ମଧ୍ୟ ବହିଷ୍କୃତ କରାଯାଇଛି। ୨୦୨୪ ନଭେମ୍ବର ୧୬ରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ବିରୋଧରେ ଆସିଥିବା ଅଭିଯୋଗ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହା ବିରୋଧରେ ମନ୍ଦାକିନୀ ଏବଂ ଅନ୍ୟ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ସମସ୍ତ ତଥ୍ୟକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନକୁ ଖାରଜ କରିବା ପରେ ଗୁରୁବାର ସମସ୍ତଙ୍କ ବହିଷ୍କାର ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଦେଶନାମା ଜାରି କରାଯାଇଛି।

# ନିଆଁ ଲାଗି ୨୦ ବଖରା ଭସ୍ମୀଭୂତ


ନିଆଁ ଲାଗି ଘରଗୁଡ଼ିକ ଜଳିଯାଉଛି।

**ବଇଣ୍ଡା,୬।୩(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଗୁରୁବାର ଅପରାହ୍ଣରେ ନିଆଁଲାଗି ପ୍ରାୟ ୨୦ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଅମାନ୍ତ ସାହୁ, ଅଚ୍ୟୁତ ସାହୁ, ବିଜୟ ସାହୁ, ହାଡ଼ିବନ୍ଧୁ ସାହୁ, ଧନୁ ସାହୁ, ନଭେମ୍ବର ସାହୁ, ଅବଦୁତ ସାହୁ, ପ୍ରବୀର ସାହୁ, ପ୍ରକାଶ ସାହୁଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଅମାନ୍ତଙ୍କ ଘରେ ଲାଗିଥିବା ନିଆଁ ପାଖ ଘରଗୁଡ଼ିକୁ ବ୍ୟାପିଯିବାରୁ ଏହି ପରିବାରର ପିନ୍ଧା ବସ୍ତ୍ର ବ୍ୟତୀତ ସମସ୍ତ ଧାନ, ଚାଉଳ, ଟଙ୍କା, ସୁନା ଗହଣା ସହ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିଥିବା ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ହେଁ ସେତେବେଳକୁ ଘରଗୁଡ଼ିକ ଜଳିଯାଇଥିଲା। ତୁରନ୍ତ ଅଗ୍ନିବିପନ୍ନ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ଉପଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗ୍ନିବିପନ୍ନ ପରିବାରଙ୍କୁ କିପରି ପକ୍କା ଘର ପ୍ରଦାନ କରାଯିବ ସେ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଖବରପାଇ ଅତିରିକ୍ତ ତହସିଲଦାର ଭେଙ୍କଟେଶ୍ୱର ରାଓ, ରାଜସ୍ୱ ନିରୀକ୍ଷକ ବିକଳ୍ପ ପ୍ରଧାନ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ମେହେର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସରପଞ୍ଚ ସୁଦର୍ଶନ ଗାଇଗରିଆଙ୍କ ସହଯୋଗରେ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ରାଜସ୍ୱ ନିରୀକ୍ଷକ ଆକଳନ କରିବା ପରେ କ୍ଷୟକ୍ଷତି ପରିମାଣ ଜଣାପଡିବ ବୋଲି ଅତିରିକ୍ତ ତହସିଲଦାର ରାଓ ପ୍ରକାଶ କରିଥିଲେ। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ସିରିଜ୍ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଚମ୍ପୁଆ,୬।୩(ମହେଶ୍ୱର ଦାସ)**

## ୨ ଡ୍ରାଇଭର ଗିରଫ

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ନିକଟରେ ବୁଧବାର ରାତିରେ ସିରିଜ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ୨ ଡ୍ରାଇଭରଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟିଙ୍କୁ ସର୍ଦ୍ଦାର, ପ୍ରଭାସ ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ରାତି ୯ଟା ସମୟରେ ଚମ୍ପୁଆ ବ୍ଲକ୍ ଛକରେ ପାଞ୍ଚପୋଖରିଆ ଦିଗରୁ ଦ୍ରୁତଗତିରେ ଏକ ଟ୍ରାକ୍ଟର(ଓଡି ୦୯ ଏଏ ୬୬୦୧)ଆସୁଥିଲା। ବିପରିତ ଦିଗରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେବାପରେ ଏକ ଇଟିଗା କାର୍‌କୁ ଧକ୍କା ଦେଇଥିଲା। ପରେ ଚମ୍ପୁଆ ଦିଗରୁ ଯାଉଥିବା ଏକ ବାଇକ୍ ଓ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ଜାମୁଦଳକ ପଞ୍ଚାୟତ ନିର୍ବାହୀ ଅଧିକାରୀ କେଶିପ୍ରଭା ମହାନ୍ତି ଓ ରଚିତା ସେନାପତି ଗୁରୁତର ହୋଇଥିଲେ। ସେହିପରି ବାଇକ ଆରୋହୀ କୁମାରମୂର୍ତ୍ତି ପ୍ରଧାନ, ରଞ୍ଜନ ଗିରି ଓ ମନୋଜ ନାଏକ ସମରୂପ ଭାବେ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କେଶିପ୍ରଭା ମହାନ୍ତିଙ୍କୁ ମୃତ ଘୋଷଣା କରିଥିଲେ। ଆହତ କୁମାରମୂର୍ତ୍ତିଙ୍କ କାନ୍ଧ ଓ ଗଳାଗଣ୍ଠି ଭାଙ୍ଗିଥିବା ବେଳେ ରଞ୍ଜନ ଗିରିଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା (ନଂ. ୪୩/୨୫) ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର, ଇଟିକା କାର ଜବତ କରିବା ସହ ଡ୍ରାଇଭର ଟିଙ୍କୁ ସର୍ଦ୍ଦାର ଓ ପ୍ରଭାସ ନାୟକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଖବର ପାଇ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତିଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ପଦୋନ୍ନତି ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରିବାକୁ ରେଳ ବୋର୍ଡର ନିଷ୍ପତ୍ତି

**ଭୁବନେଶ୍ୱର,୬।୩ (ଅନୁରାଧା ମହାରଣା)**

## ଆଡ୍‌ମିଟ୍ କାର୍ଡରେ ରହିବ ବାର୍‌କୋଡ୍

ବିଭାଗୀୟ ପଦୋନ୍ନତି କ୍ଷେତ୍ରରେ ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) କରିବାକୁ ରେଳ ବୋର୍ଡ ନିଷ୍ପତ୍ତି ନେଇଛି। ରେଳପଥ ନିଯୁକ୍ତି ବୋର୍ଡ (ଆରଆର୍‌ବି) ଏହି ପରୀକ୍ଷା କରିବ। ଏଥିଲାଗି ସମସ୍ତ ଜୋନାଲ ରେଳପଥ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବେ। ସେହିପରି ପରୀକ୍ଷାର୍ଥୀଙ୍କ ବିଷୟରେ ଠିକ ତଥ୍ୟ ପାଇବା ପାଇଁ ଆଡମିଟ୍ କାର୍ଡରେ ବାର୍‌କୋଡ୍ ରହିବ। ତେବେ ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭ କୋଟିରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ କୌଣସି ପ୍ରଶ୍ନପତ୍ର ଲିକ୍, ରିମୋଟ୍ ଲଗ୍-ଇନ୍ ଏବଂ ସ୍ୱାଏ ଡିଭାଇସ ବ୍ୟବହାର ଘଟଣା ଘଟି ନ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତିଭିତ୍ତିକ ପରୀକ୍ଷା ହେବାକୁ ଥିବା ସହର ବିଷୟରେ ପରୀକ୍ଷାର ୧୦ଦିନ ପୂର୍ବରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥାଏ। ସେହିପରି ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସୂଚନା ମାତ୍ର ୪ଦିନ ପୂର୍ବରୁ ଉପଲବ୍ଧ ହୋଇଥାଏ। ପରୀକ୍ଷା କେନ୍ଦ୍ରଗୁଡ଼ିକ ଶତ ପ୍ରତିଶତ ସିସିଟିଭି ନଜରରେ ରହିବା ସହ ପରୀକ୍ଷା ଆରମ୍ଭର ୨ଘଣ୍ଟା ପୂର୍ବରୁ ଏବଂ ପରବର୍ତ୍ତୀ ୧ଘଣ୍ଟା ପର୍ଯ୍ୟନ୍ତ ରେକର୍ଡିଂ କରାଯାଇଥାଏ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାକେନ୍ଦ୍ର ବାହାରକୁ ଶୌଚ ପାଇଁ ଯିବାର ଅନୁମତି ଦିଆଯାଇ ନ ଥାଏ। ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥା ମଧ୍ୟରେ ପରୀକ୍ଷା ପରିଚାଳନା କରାଯାଇଥାଏ। ଇସିଏ ଟିମ୍, ରେଲ୍‌ୱେ ଅଧିକାରୀ ଏବଂ ସୁପରଭାଇଜରଙ୍କ ଦ୍ୱାରା ଯାଞ୍ଚ ଓ ସରପ୍ରାଇଜ୍ ଯାଞ୍ଚ କରାଯାଉଥିବା ରେଳପଥ କହିଛି।

# ହାତୀ ଆକ୍ରମଣରେ ଜଣେ ମୃତ


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ବନ୍ତଳା,୬।୩ (ସୁଶିତ ସାହୁ)**

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ଗାଁର ବଂଶୀଧର ଦାସ (୪୦)ଙ୍କ ହାତୀ ଆକ୍ରମଣରେ ଗୁରୁବାର ଅପରାହ୍ଣ ୪ଟା ବେଳେ ମୃତ୍ୟୁ ଘଟିଛି। ଘଟଣା ଜଣାପଡ଼ିବା ପରେ ଶଙ୍ଖପୁର ଗ୍ରାମବାସୀ କ୍ଷତିପୂରଣ ଦାବିରେ ମଦନମୋହନ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ହାତୀ ଆକ୍ରମଣରେ ବାରମ୍ବାର ଏଠାରେ ଜୀବନହାନି ହେଉଛି। କିନ୍ତୁ ବନ ବିଭାଗ ଏହାର ସ୍ଥାୟୀ ପ୍ରତିକାର କରିପାରୁ ନାହିଁ। ହାତୀ ସ୍କାଡ୍ ଓ ଡ୍ରୋନ ମୁତୟନ ସତ୍ତ୍ୱେ ହାତୀର ଉପସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ କାହିଁକି ଅବଗତ କରାଗଲା ନାହିଁ। ବନଖଣ୍ଡ ଅଧିକାରୀ କିଛି କାମ ନ କରି କେବଳ ଅଫିସରେ ବସି ରହୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ପରିବାରରୁ ଜଣଙ୍କୁ ଚାକିରି ପାଇଁ ଦାବି କରିଥିଲେ। ଘଟଣାସ୍ଥଳରେ ବନ୍ତଳା ପୋଲିସ ଓ ବନ ବିଭାଗ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାପରେ ମଧ୍ୟ ଆନ୍ଦୋଳନ ଜାରି ରହିଥିଲା।

# ଦନ୍ତା ଆକ୍ରମଣରେ ଫରେଷ୍ଟର ଗୁରୁତର

**ସମ୍ବଲପୁର,୬।୩ (ଭବାନୀ ଶଙ୍କର ଭୋଇ)**

## ପାଟ୍ରୋଲିଂ ବେଳେ ଆକ୍ରମଣର ଶିକାର ହୋଇଥିଲେ

ସମ୍ବଲପୁର ଜିଲା ପଡିଆବାହାଲ ବନାଞ୍ଚଳ ଅନ୍ତର୍ଗତ ଛାମୁଣ୍ଡା କୁଶାମୁରା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ସକାଳେ ପାଟ୍ରୋଲିଂ ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଫରେଷ୍ଟର ପ୍ରବୀଣ ସିଂହ ଗୁରୁତର ହୋଇଛନ୍ତି। ତାଙ୍କୁ ସାଥୀ କର୍ମଚାରୀମାନେ ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନା ନେଇଥିଲେ। ପ୍ରବୀଣଙ୍କ ମୁଣ୍ଡ, ହାତ ଏବଂ ପାପୁଲିରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି। ଖବର ପାଇ ସମ୍ବଲପୁର ବନଖଣ୍ଡ ଅଧିକାରୀ ଗୋରେଖ ୱାମେନ କାଲୁଙ୍ଗେ, ଏସିଏଫ୍ ମନୋଜ ସିଙ୍କା, ପଡିଆବାହାଲ ବନାଞ୍ଚଳ ଅଧିକାରୀ ସୁନୀଲ ଖିଲାରୀ ଏବଂ ଅନ୍ୟ ଅଧିକାରୀମାନେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଗୁରୁବାର ସକାଳ ପ୍ରାୟ ୬ଟା ୩୦ରେ ଛାମୁଣ୍ଡା ଫରେଷ୍ଟର ପ୍ରବୀଣ ସିଂହ, ୨ ସହ କର୍ମଚାରୀ ବିକ୍ରମ ଭୋଇ ଓ ପ୍ରଫୁଲ୍ଲ ଭୋଇଙ୍କ ସହ ଛାମୁଣ୍ଡା କୁଶାମୁରା ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଙ୍ଗଲର ଏକ ବୁଦା ମଧ୍ୟରୁ ଗୋଟିଏ ଦନ୍ତା ବାହାରି ଆସି ଫରେଷ୍ଟର ସିଂହଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଘୋଷାରି ନେବାବେଳେ ସାଙ୍ଗରେ ଥିବା ବିକ୍ରମ ଓ ପ୍ରଫୁଲ୍ଲ ହାତୀକୁ ଘଉଡାଇ ଫରେଷ୍ଟରଙ୍କ ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ଦନ୍ତା ଚାଲିଯିବା ପରେ ଫରେଷ୍ଟରଙ୍କୁ ଚିକିତ୍ସା ପାଇଁ ସମ୍ବଲପୁର ସଦର ଡାକ୍ତରଖାନାକୁ ନିଆଯାଇଥିଲା।


ଆହତ ଫରେଷ୍ଟର ପ୍ରବୀଣ ସିଂହ

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା



# ଜନସଂଖ୍ୟାରେ ପରିବର୍ତ୍ତନ




ଅନୁ ମାଡଗାଭକର
ପାର୍ଟନର, ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ନ୍ୟୁୟର୍କ)

ମାର୍କ କାନାଲ ନୋଗୁଏର
ସିନିୟର ଫେଲୋ, ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ବାର୍ସେଲୋନା)

ଜନ୍ମ ହାର ହ୍ରାସ ଏବଂ ଲାଇଫ ଏକ୍ସପେକ୍ଟାନ୍ସି ବା ସମ୍ଭବ୍ୟ ଆୟୁଷ ବୃଦ୍ଧିର ପ୍ରଭାବ ଜର୍ମାନୀ, ଇଟାଲୀ ଏବଂ ଜାପାନ ଭଳି ବିକଶିତ ଅର୍ଥ ବ୍ୟବସ୍ଥାରେ ବଢୁଥିବା ଦେଖାଯାଉଛି। ଶ୍ରମ ବଜାର ଭାଗୀଦାରି ସୀମିତ ହେବା ସହ ଶ୍ରମିକ ଅଭାବ ଅଧିକ ଜଟିଳ ହୋଇଛି ଏବଂ ପରିବାରଗୁଡ଼ିକ ବୟସ୍କ ଲୋକଙ୍କର ସେବା ପାଇଁ ସଂଘର୍ଷ କରୁଛନ୍ତି। କେତେକ ଅଞ୍ଚଳରେ ଛାତ୍ର ସଂଖ୍ୟା ହ୍ରାସ ଯୋଗୁ ସ୍କୁଲ ବନ୍ଦ କରିବାକୁ ପଡ଼ିଛି। ଦକ୍ଷିଣ କୋରିଆ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ୨୦୨୩ରେ ଦେଶର ମୋଟ ଫର୍ଟିଲିଟି ରେଟ୍ ( ପ୍ରଜନନ ହାର ବା ଜଣେ ମହିଳାଙ୍କ ଜୀବନର ପ୍ରଜନନକ୍ଷମ ବୟସ ମଧ୍ୟରେ ଜନ୍ମ ହେଉଥିବା ହାରାହାରି ସନ୍ତାନ ସଂଖ୍ୟା) ଅଧିକ ହ୍ରାସ ପାଇ ୦.୭ ରହିଥିଲା। ଜନ୍ମହାର ହ୍ରାସ ଯୋଗୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧି କେବଳ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ସୀମିତ ରହି ନାହିଁ। ଗୋଟିଏ କିମ୍ବା ଦୁଇଟି ପିଢି ମଧ୍ୟରେ, ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥା ମଧ ସମାନ ପ୍ରକାର ସମସ୍ୟା ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

ମ୍ୟାକିନ୍‌ସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ (ଏମ୍‌ଜିଆଇ)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଆମେ ଏହି ଜନସାଂଖ୍ୟିକ ପରିବର୍ତ୍ତନକୁ ତିନିଟିପୃଥକ ୱେଭ ବା ଲହରରେ ବିଭକ୍ତ କରିଛୁ। ପ୍ରଥମ ଲହରଟି ବିକଶିତ ଦେଶଗୁଡ଼ିକ ସମେତ ପୂର୍ବ ୟୁରୋପ ଓ ଚାଇନାକୁ ମାଡ଼ିଗଲାଣି, ଯେଉଁଠି ୱାର୍କିଂ ଏଜ ପପୁଲେସନ (୧୫ରୁ ୬୪ ବର୍ଷ ମଧ୍ୟରେ କାମ କରିବାକୁ ସକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା) ୨୦୧୦ ସୁଦ୍ଧା ବୃଦ୍ଧି ପାଇଥିଲା ଓ ପରେ ତାହା ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ଏହିସବୁ ଅର୍ଥ ବ୍ୟବସ୍ଥାରେ ମୁଣ୍ଡପିଛା ଜିଡିପି ଅଭିବୃଦ୍ଧି ମନ୍ଥର ହେବା ସହ ୨୦୫୦ ସୁଦ୍ଧା ବାର୍ଷିକ ହାରାହାରି ୦.୪ ପ୍ରତିଶତ ପଏଣ୍ଟ ହେବ ବୋଲି ଆକଳନ କରାଯାଇଛି କିମ୍ବା କେତେକ ଦେଶରେ ଏହା ୦.୮ ପ୍ରତିଶତ ହୋଇପାରେ। ଏବେ ପେନ୍‌ସନଭୋଗୀଙ୍କ ପାଇଁ ପାଣ୍ଠି ଯୋଗାଡ଼ରେ ୩୦ ପ୍ରତିଶତ ଶ୍ରମ ଆୟ ଉପଯୋଗ ହେଉଥିବାବେଳେ ଏହି ସଂଖ୍ୟା ମଧ ୨୦୫୦ ସୁଦ୍ଧା ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ପାଇପାରେ। ଦ୍ୱିତୀୟ ଜନସାଂଖ୍ୟିକ ଲହର ଆଗାମୀ ଦଶନ୍ଧିରେ ବିକାଶଶୀଳ ଦେଶଗୁଡ଼ରେ ନକାରାତ୍ମକ ପ୍ରଭାବ ପକାଇବ। ସବ-ସହାରାନ ଆଫ୍ରିକା (ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକା ମହାଦେଶର ଦେଶଗୁଡ଼ିକ) ବ୍ୟତୀତ ସବୁଠି କାମ କରିବାରେ ସକ୍ଷମ ଲୋକଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିବାରୁ ଏଭଳି ଘଟିବ । ୨୦୫୦ ସୁଦ୍ଧା ତୃତୀୟ ଲହର ଆସିଲେ ସବ୍-ସହାରାନ ଆଫ୍ରିକାରେ ଏହା ଶୀର୍ଷରେ ପହଞ୍ଚିବ। ତେବେ ସବ୍-ସହାରାନ ଆଫ୍ରିକା ବାହାରେ ୮୯ଟି ବିକାଶଶୀଳ ଦେଶ ମଧ୍ୟରୁ ପାଖାପାଖି ଅଧାରେ ପ୍ରଜନନ ହାର କମିଯାଇଛି। ଫଳରେ ୬୫ ବର୍ଷ କିମ୍ବା ଏହାଠାରୁ ଅଧିକ ବୟସ୍କଙ୍କ ତୁଳନାରେ ଏବେ କାର୍ଯ୍ୟକ୍ଷମ



ବ୍ୟକ୍ତିଙ୍କ ଅନୁପାତ ହ୍ରସ ପାଉଛି। ବିକାଶ ପଥେରେ ଥିବା ଅର୍ଥ ବ୍ୟବସ୍ଥା ଭବେ ଚାଇନାରେ ଏବେ ଅବସରପ୍ରାପ୍ତ ଲୋକଙ୍କ ତୁଳନାରେ ୪.୮ ପ୍ରତିଶତ କାର୍ଯ୍ୟକ୍ଷମ ଲୋକ ଅଛନ୍ତି। ଏହା ଆମେରିକାର ଅନୁପାତଠାରୁ ଦୂରରେ ନାହିଁ। ୨୦୫୦ ସୁଦ୍ଧା, ଚାଇନାରେ ପେନସନର ଓ କାର୍ଯ୍ୟକ୍ଷମ ବୟସର ବ୍ୟକ୍ତିଙ୍କ ଅନୁପାତ ୧.୯କୁ ଖସି ଫ୍ରାନ୍ସ ( ୨.୦) ଏବଂ ଆମେରିକା (୨.୬) ତଳେ ରହିବ ବୋଲି ଆକଳନ କରାଯାଇଛି।

ଜନସାଂଖ୍ୟିକ ପରିବର୍ତ୍ତନ ଅନ୍ୟସବୁ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ମନ୍ଥର ଗତିରେ ହେଉଥିବା ଦେଖାଯାଉଛି। କିନ୍ତୁ ଥାଇଲାଣ୍ଡର ଶ୍ରମିକ ଓ ପେନସନଭୋଗୀଙ୍କ ଅନୁପାତ ପାଞ୍ଚ ବର୍ଷ ମଧ୍ୟରେ ୩.୯କୁ ଖସିବ ବୋଲି ଆକଳନ କରାଯାଇଛି। ବ୍ରାଜିଲ ଏହି ସ୍ତରକୁ ୧୬ ବର୍ଷରେ ଏବଂ ଭାରତ ୩୩ ବର୍ଷରେ ଛୁଇଁବ। ତେବେ ଏହି ତିନୋଟି କ୍ଷେତ୍ରରେ ମୁଣ୍ଡପିଛା ଜିଡିପି ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି। ଏହିସବୁ ପରିବର୍ତ୍ତନ ବିକାଶଶୀଳଦେଶ ସାମ୍ନାରେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସେମାନେ ବୃଦ୍ଧର ଦେଶ ହେବା ପୂର୍ବରୁ ଧନୀ ହେବା ଦରକାର। ବିଗତ ୨୫ ବର୍ଷ ମଧ୍ୟରେ ଅନୁକୂଳ ଜନସାଂଖ୍ୟିକ ଧାରା ଯୋଗୁ ଭାରତରେ ମୁଣ୍ଡପିଛା ଜିଡିପି ବାର୍ଷିକ ହାରାହାରି ୦.୭ ପ୍ରତିଶତ ପଏଣ୍ଟ ଏବଂ ଲାଟିନ ଆମେରିକାରେ ୦.୫ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ଡେମୋଗ୍ରାଫିକ ଡିଭିଡେଣ୍ଡ ଆସନ୍ତା ୨୫ ବର୍ଷ ମଧ୍ୟରେ ବାର୍ଷିକ ଜିଡିପି ଅଭିବୃଦ୍ଧିରୁ ୦.୨ ପ୍ରତିଶତ ପଏଣ୍ଟ କମିବ ଏବଂ ଲାଟିନ ଆମେରିକାରେ ଏହା ଶୂନ୍ୟ ହୋଇଯିବ ବୋଲି ଆକଳନ କରାଯାଇଛି। ଏଣୁ ବିକାଶାଳ ଦେଶଗୁଡ଼ିକ କ'ଣ କରିପାରିବେ ? ଯେଉଁମାନେ ସୁଧାରିବା ପାଇଁ ପଦକ୍ଷେପ ନେଉଛନ୍ତି ସେମାନେ ଉତ୍ପାଦନ ବୃଦ୍ଧି କରିବା ଦରକାର। ଏମାନଙ୍କର ଉତ୍ପାଦକତା ଧନୀ ଦେଶଗୁଡ଼ିକଠାରୁ ବହୁ ପଛରେ ରହିଛି। ଧନୀ ଦେଶଗୁଡ଼ିକରେ ଏହା ଘଣ୍ଟାକୁ ୬୦ ଆମେରିକୀୟ ଡଲାର ଥିବାବେଳେ ସବ-ସାହାରାନ ଆଫ୍ରିକାକୁ ବାଦଦେଲେ ଅନ୍ୟ ବିକାଶଶୀଳ ଦେଶରେ ଘଣ୍ଟାକୁ ଏହା ହାରାହାରି ୧୩ କିମ୍ବା ୧୮ ଡଲାର ଅଛି।

ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ନିବେଶ କରି ଉତ୍ପାଦକତା ବୃଦ୍ଧି କରିପାରିବେ। ଅଧିକ ଉତ୍ପାଦକତା ଅଧିକ ନିବେଶକୁମଧ ଆକର୍ଷିତ କରିବ। ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ କ୍ରୟ କ୍ଷମତା ବଢାଇବ। କମ୍ପାନୀଗୁଡ଼ିକୁ ଉତ୍ପାଦନ ବୃଦ୍ଧି କରିବାକୁ ସକ୍ଷମ କରାଇବ। ଉତ୍ପାଦନଭିତ୍ତିକ ଲାଭ ବ୍ୟତୀତ ବିକାଶଶୀଳ ଦେଶଗୁଡ଼ିକ ଜନସାଂଖ୍ୟିକ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ବିଶେଷକରି ମହିଳା ଶ୍ରମଶକ୍ତି ଭାଗୀଦାରିକୁ ବଢାଇବାକୁ ହେବ। ମଧ୍ୟମ ଆୟ ବର୍ଗର ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ୨୦-୪୯ ବୟସ୍କ ମହିଳାଙ୍କ ଶ୍ରମଶକ୍ତି ଭାଗୀଦାରି ହାର ପାଖାପାଖି ୬୦ ପ୍ରତିଶତରେ ସ୍ଥିର ରହିଛି, କିନ୍ତୁ ସବୁ ଉନ୍ନତ ଅର୍ଥ ବ୍ୟବସ୍ଥାରେ ଏହା ୮୦ ପ୍ରତିଶତ ।

ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ଉଚିତ ମାର୍ଗରେ ସଞ୍ଚାଳିତ କରିବା ପାଇଁ ବିକାଶଶୀଳ ଦେଶର ସରକାର ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ବିକଶିତ ଦେଶଗୁଡ଼ିକର ରଣନୀତି ଏବଂ ଅଭିଜ୍ଞତାରୁ ଶିକ୍ଷା ନେବା ଦରକାର। ଦୁଇଟି ଶିକ୍ଷା ଉଲ୍ଲେଖନୀୟ। ପ୍ରଥମଟି ହେଉଛି, ବିକାଶଶୀଳ ଦେଶସବୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ସେମାନଙ୍କ ଯୁବପିଢି ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା କରିବା ସ୍ଥିତିରେ ଅଛନ୍ତି। ଏହା ସହ ସେମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେବ। ମାନବ ପୁଞ୍ଜି ଓ କୌଶଳ ବିକାଶରେ ନିବେଶ ବୃଦ୍ଧିର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ପ୍ରାଇଭେଟ ସେକ୍ଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରିବେ। ଅତ୍ୟାଧୁନିକ କମ୍ପାନୀ ପ୍ରତିଷ୍ଠା କରିବା ଲାଗି ସେମାନଙ୍କ ପାଖରେ ସୁଯୋଗ ଅଛି। ଏମଜିଆଇ ଗବେଷଣାରୁ ଜଣାପଡ଼ିଛି ଯେ,ଏଥିପାଇଁ ବୃହତ ପ୍ରତିଦ୍ୱନ୍ଦ୍ୱୀ ଫାର୍ମଗୁଡ଼ିକୁର ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏଭଳି ଏକ ବିଜନେସ ସୃଷ୍ଟି କରିବା ପାଇଁ ସହଯୋଗୀ ପରିବେଶ ଦରକାର। ଏହା ସହ ଦଢ଼ ବ୍ୟବସ୍ଥା ଓ ଭରସା ଯୋଗ୍ୟ ଭୌତିକ ତଥା ଡିଜିଟାଲ ଭିତ୍ତିଭୂମି ମଧ ଲୋଡ଼ା। ଶକ୍ତିଶାଳୀ ମେଧାର ସୁରକ୍ଷା ହେବା ସହିତ ନିବେଶ ଓ ଭାଗୀଦାରି ଉପଲବ୍ଧ ହେବା ଆବଶ୍ୟକ।

ବିକାଶଶୀଳ ଦେଶଗୁଡ଼ିକ ପାଇଁ ଦ୍ୱିତୀୟ ଶିକ୍ଷା ହେଉଛି, ସେମାନଙ୍କୁ ଏକ ପ୍ରଭାବୀ ଓ ସ୍ଥାୟୀ ସାମାଜିକ ସହଯୋଗୀ ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ। ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ବୟସ୍କ ଲୋକଙ୍କୁ ସହଯୋଗ କରିବାର ବ୍ୟବସ୍ଥା ଏଯାବତ ଅନଔପଚାରିକ ଓ ପାରିବାର ଆଧାରିତ ହୋଇ ରହିଛି। ଏହିସବୁ ଦେଶର ବୟସ୍କ ଜନସଂଖ୍ୟାରେ ବରିଷ୍ଠ ନାଗରିକଙ୍କ ଅଂଶ ବୃଦ୍ଧି ପାଉଥିବାରୁ ଏଭଳି ପରମ୍ପରିକ ବ୍ୟବସ୍ଥା ଚାପରେ ରହିବ। ବିକଶିତ ଦେଶସବୁ ବରିଷ୍ଠ ନାଗରିକଙ୍କ ସେବାର ମୂଲ୍ୟକୁ ନେଇ ବଢୁଥିବା ସରକାରୀ ଋଣରୁ ମୁକୁଳିବାକୁ ଚେଷ୍ଟା କରୁଛନ୍ତି। ବିତ୍ତୀୟ ସେବାର ସମାନ ସୁଯୋଗ ଏବଂ ଘରୋଇ ସଞ୍ଚୟ ତଥା ଧନ ବୃଦ୍ଧି ପାଇଁ ପଦକ୍ଷେପରେ ଉନ୍ନତି ଅଣାଯାଇପାରିଲେ ବିକାଶଶୀଳ ମାର୍କେଟ ବୟସ୍କ ନାଗରିକଙ୍କୁ ସହଯୋଗ କରିବା ପାଇଁ ବ୍ୟବସ୍ଥା ସୃଷ୍ଟି କରିପାରିବ। ସ୍ୱାସ୍ଥ୍ୟ ଏବଂ ଯୁବପିଢ଼ି ଓ ମଧବ ବୟସ୍କ ନାଗରିକଙ୍କ ଉପରେ ନିବେଶ କରି ଏହା କରିପାରିବେ। ତେବେ ଏହା ନିଶ୍ଚିତ କରିବାକୁ ହେବ ଯେ, କର୍ମଚାରୀମାନେ ସକ୍ରିୟ ଓ ଅଧିକ ଉତ୍ପାଦନକ୍ଷମ ହୋଇଥିବେ। ନୀତିନିର୍ଦ୍ଧାରକମାନେ ନିୟମିତ କାର୍ଯ୍ୟକୁ ଉତ୍ସାହିତ କରିବାକୁ ପଡ଼ିବ । ଅଧିକରୁ ଅଧିକ ନାଗରିକ ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା କିଭଳି ପାଇପାରିବେ ତାହା ମଧ ନିଶ୍ଚିତ କରିବାକୁ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନୀତି ନିର୍ଦ୍ଧରକମାନେ ଏହା ମଧ ମନେ ରଖିବା ଉଚିତ ଯେ, ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ସୁନାମୀ ଭଳି କ୍ଷତି କରେ ନାହିଁ ; ଏହା ଧୀରେ ଧୀରେ ହୋଇଥାଏ , ଠିକ୍ ଜୁଆର ଭଳି। ଏହାର ପୂର୍ବାନୁମାନ କରି ପାରିଲେ ଲାଭ ମିଳିବ। କ୍ଷତିର ପରିଣାମ ଅଣାୟତ୍ତ ହେବା ପୂର୍ବରୁ ତ୍ୱହାର ମନ୍ଥର ଗତିକୁ ରୋକାଯାଇପାରିବ । ବିକାଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଖରେ ଏବେ ମଧ ସମୟ ରହିଛି, କିନ୍ତୁ ସେମାନେ ଏବେ ସମସ୍ୟାରେ ରହିଛନ୍ତି।

# ଖାଦ୍ୟ ହିଁ ପ୍ରାଣ ପୁଣି ପ୍ରାଣଘାତକ



ଡା. ପ୍ରଫୁଲ୍ଲ କୁମାର ଦାସ

ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରୀ। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ, ତେବେ ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧ୍ୟକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁ ଟାଇଫଏଡ୍ ଜ୍ୱର, ଜିଆଡ଼ିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇ. କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ। ତିନି କାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଦ୍ୟରେ ମିଶିବା ଫଳରେ ସଂକ୍ରମଣ ହୋଇଥାଏ । ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତି କି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ ଓ ଫଙ୍ଗସ୍ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁ ପେଟ କାଟିବା, ହଜମରେ ସମସ୍ୟା ଆଦି ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଳୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାବଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରାସାୟନିକ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇଁ ବ୍ଲିଚିଂ କରାଯାଉଥିବା ବେଳେ ଏହା ମଧ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ-ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ ହେପାଟାଇଟିସ-ଏରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ମୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ୍ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି, ଯେଉଁଥିରେ ସୀସା ଓ ଆର୍ସେନେଡ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ୍‌ପଏଜନିଂ କରାଇଥାଏ।

କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୨୩୪୪୩

## ଏଇ ଭାରତରେ

ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଜଣେ ପୋଷ୍ଟଓମେନ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସେବା ଯୋଗାଇ ଆସୁଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ଉଲ୍‌ଫତା ବାନୋ। ଏବେ ତାଙ୍କ ବୟସ ୫୫। ସେ ଶୀତଦିନେ ଆଣ୍ଠୁଏ ବରଫରେ ଯାଇ ଦିନକୁ ୨୦-୨୫ ପାର୍ସଲ ଲୋକଙ୍କ ଘରେ ପହଞ୍ଚାଇଥାନ୍ତି। ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ଏହି ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର, ଯେଉଁଠି ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଏବଂ ବରଫ ପଡ଼ି ରାସ୍ତାଘାଟ ବନ୍ଦ କରିଦିଏ। ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ ଓ ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚାଇଥାଆନ୍ତି। ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପଢ଼ା ଜିନିଷ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି। ଉଲଫତାଙ୍କ ଏପରି କାର୍ଯ୍ୟରେ ତାଙ୍କ ସ୍ୱାମୀ ତଥା ପୂର୍ବତନ ପୋଷ୍ଟମ୍ୟାନ୍ ସୈଫ ଶାହା ଗର୍ବ ଅନୁଭବ କରନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୭ ମାର୍ଚ୍ଚ ୧୯୭୬

- ଭୁବନେଶ୍ୱରଠାରେ ରେଡ୍‌କ୍ରସ୍ ସଂସ୍ଥା ପକ୍ଷରୁ ଶିଶୁମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ନିବାସ ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ରେଡ୍‌କ୍ରସ ସଂସ୍ଥା କାର୍ଯ୍ୟକାରୀ କମିଟି ବୈଠକରେ ସ୍ଥିର କରାଯାଇଛି।
- ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରସାର ଏବଂ ଅନ୍ୟାନ୍ୟ ରାଷ୍ଟ୍ରରେ ଥିବା ହିନ୍ଦୁମାନଙ୍କ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ ନିମନ୍ତେ ଏକ ନୂତନ ସଙ୍ଗଠନ ସ୍ଥାପନ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | | | | | | 1 | 2 | |
| 7 | | 3 | | | 2 | 4 | 6 | |
| | 4 | | | | | 2 | | |
| | | | | | 5 | | | 8 |
| | 8 | | 6 | | 3 | | | |
| | | 2 | | 3 | | 7 | | |
| | | 6 | 1 | 2 | | | | |
| | | | | | 4 | 9 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 9 | 2 | 6 | 3 | 8 | 7 |
| 2 | 7 | 6 | 8 | 3 | 1 | 9 | 4 | 5 |
| 9 | 3 | 8 | 4 | 7 | 5 | 6 | 2 | 1 |
| 8 | 6 | 3 | 1 | 4 | 7 | 2 | 5 | 9 |
| 7 | 9 | 1 | 2 | 5 | 8 | 4 | 6 | 3 |
| 4 | 5 | 2 | 6 | 9 | 3 | 7 | 1 | 8 |
| 6 | 8 | 9 | 3 | 1 | 2 | 5 | 7 | 4 |
| 3 | 2 | 7 | 5 | 8 | 4 | 1 | 9 | 6 |
| 5 | 1 | 4 | 7 | 6 | 9 | 8 | 3 | 2 |

ଗତକାଲିର ଉତ୍ତର

# ତୁମେ କିଛି ଜାଣିନ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଆପଣଙ୍କୁ ଯଦି କିଏ କହିବ ତୁମେ କିଛି ଜାଣିନ। ନିଶ୍ଚିତ ଆପଣ ପ୍ରତିକ୍ରିୟାଶୀଳ ହୋଇପଡ଼ିବେ। ଆବଶ୍ୟକସ୍ଥଳେ ଉଚ୍ଚବାଚ ବି ହୋଇପାରେ। ନିଜକୁ ସମ୍ଭାଳି ପାରିବେନି। କେହି କେହି କାହାର ତୁଣ୍ଡ ଲାଗିବା ଉଚିତ ନୁହେଁ ଭାବି ଚୁପ ବି ରହିଯିବେ। ଅଥଚ ନିଜ ଭିତରେ ବ୍ୟଥିତ ହେବେ। ଏମିତି ବ୍ୟଥିତ ହୋଇ ପାର୍କର ଏକ ବେଞ୍ଚରେ ବସିଥିଲେ ସେ ଦିନ ଶଶିଶେଖରବାବୁ। ଶଶିଶେଖରବାବୁ ଆଉ ଅଳ୍ପ କିଛି ମାସରେ ଚାକିରିରୁ ଅବସର ନେବେ। ଦେଖୁ ଦେଖୁ ବିଷଣ୍ଣ ବଦନରେ କହିଲେ – 'ଶୁଣନ୍ତୁ! ଆପଣ ତ ଏତେ କଥା ଲେଖୁଛନ୍ତି , କହିଲେ ସତରେ ମଣିଷ କିଛି ଜାଣେନି। ଆସି ବୁଢାବୟସ ହେଲା ଏବେବି ମୋତେ କିଛି ଜାଣିନି ବୋଲି କହିଲେ କ'ଣ ଲାଗିବ କହିଲ! 'ଶଶିଶେଖରବାବୁଙ୍କ ମରମ ବ୍ୟଥାକୁ ବୁଝିବା କ'ଣ ସହଜ । ଦୂରକୁ ଦେଖି ଡଙ୍ଗର ବିଷୟରେ ଗପିବା କିମ୍ବା ହିଡ଼ରେ ଥାଇ ନଦୀ ପାଣିର ଗଭୀରତାକୁ ଅନୁମାନ କରିବା ଯାହା ସେହି ସମୟରେ ଶଶିଶେଖରବାବୁଙ୍କ କଥାକୁ ବୁଝିବା ତାହା। ଅନେକ ସମୟରେ ଏମିତି ପରିସ୍ଥିତିର ସାମ୍ନା କରେ ମଣିଷ। ଲୋକଙ୍କ ଭିଡ଼ ଭିତରେ ହଠାତ୍ ଆପଣଙ୍କୁ ଦୃଷ୍ଟି ଆକର୍ଷଣ କଲାଭଳି କେହି କହିବେ ଆପଣ କିଛିଜାଣି ନାହାନ୍ତି। ବାକିଲୋକ ଆପଣଙ୍କୁ ଚାହିଁବେ। ସେତେବେଳେ ଆପଣଙ୍କ ଇଚ୍ଛା ହେବ ଆଗେ ଯାଇ ଦି ଚାପଡ ଥୋଇଦିଏ ତେଣିକି ପଛ କଥା ଯାହା। କିନ୍ତୁ ଅସଲରେ ମଣିଷ କିଛି କରିପାରେନା। ଖାଲି ଭିତରେ ଭିତରେ ସେହି ଲୋକଟିକୁ ବହେ ଶୋଧିବା ଏବଂ ବାହାରେ ଅନ୍ୟ ଲୋକଙ୍କ ସହ ନିଜର ରୋଷକୁ ବ୍ୟକ୍ତ କରି ସନ୍ତୁଷ୍ଟିଲାଭ କରିବା ବ୍ୟତୀତ କିଛି ଚାରା ନ ଥାଏ। ମଣିଷ ନିଜର ମାପଦଣ୍ଡରେ ଅନ୍ୟକୁ ତଉଲିବାକୁ ଚେଷ୍ଟା କରିଥାଏ ସବୁବେଳେ। ମୁଁ ଏମିତି କରିପାରୁଛି ସେ କି ପାଇଁ ନାହିଁ । ସେ କରିପାରୁଛି ଯଦି ତୁ କି ପାଇଁ ନାହିଁ । ପୁଣି ଯୋଡି କହିବେ ସେ ବି ମଣିଷ ତୁ ବି ମଣିଷ। ସମାନ ଅଙ୍ଗପ୍ରତ୍ୟଙ୍ଗ ଥାଇ ଜଣେ କରିପାରୁଛି। କିନ୍ତୁ ଆଉ ଜଣକ କାହିଁକି ନାହିଁ। ବିଶେଷକରି ଚାକିରି କ୍ଷେତ୍ରରେ ଅଧସ୍ତନଙ୍କୁ, ଅଭିଭାବକ ନିଜ ପିଲାଙ୍କୁ, ମାଲିକ ତା'ର କର୍ମଚାରୀଙ୍କୁ ଏଭଳି ଅପରିପକ୍ୱ ଉଦାହରଣ ଦିଏ। ତୁଳନା କରିବାରେ ଆମେ ସବୁ ଓସ୍ତାଦ। କିନ୍ତୁ ମଣିଷ -ମଣିଷ ଭିତରେ ଅନେକ ପ୍ରଭେଦ ରହିଛି । ଶକ୍ତି, ସାମର୍ଥ୍ୟ ଓ ମେଧା ଦୃଷ୍ଟିରୁ ଜଣେ ଆରକ ମଧ୍ୟରେ ଅନେକ ଫରକ ଥାଏ ସେ କଥାକୁ ଅନେକ ଲୋକ ଭୁଲି ଯାଆନ୍ତି।

ପାରିବାରିକ କ୍ଷେତ୍ରରେ ଏଭଳି ତୁଳନାର ପଟ୍ଟାନ୍ତର ନାହିଁ। ପ୍ରତିକଥାରେ ମା'ବାପା ଓ ପରିବାରର ବଡ଼ମାନେ କହିଚାଲନ୍ତି ନାନା କଥା। ଏହା ଅନେକ ସମୟରେ ପିଲାଙ୍କ ଭିତରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ପିଲାଟି ଭୟାନକ ପଦକ୍ଷେପ ନେଇଯାଏ। ପିଲାଟି ଜନ୍ମ ହୋଇ ବଡ଼ ହେଲାବେଳେ ତା'ଠାରୁ ବଡ଼ମାନେ କଥାକଥାରେ କହିବେ ଆରେ ତୁ ଛୁଆଟେ ! କ'ଣ ବୁଝିବୁ। ତୁ କିଛି ଜାଣିନୁ। ଚୁପ ରହ। ବଡ଼ଲୋକଙ୍କ କଥାରେ ମୁଣ୍ଡ ପୂରାନା। ପିଲାଟି ଚୁପ୍ ରହିଯାଏ। ସ୍କୁଲକୁ ଗଲେ ଶିକ୍ଷକ ବି କହିଦିଅନ୍ତି ତୁ କିଛି ଜାଣିନୁ।



ଶିଖିବାକୁ ଚେଷ୍ଟା କର। ଅମୁକ ପରି ହେବାକୁ ଉଦ୍ୟମ କର। ସେଇଠି ତା'ର ବିକାଶରେ ବ୍ରେକ୍ ଲାଗିଯାଏ ଅନେକାଂଶରେ। କିଶୋର ବୟସ ହେଲେ ଆହୁରି ବେଶି ନଜର ବଡ଼ଙ୍କର । କ'ଣ ସବୁ ଅଡୁଆ କାମ ଭିତରେ ପଶି ଯାଇନି ତ! ଏ ବୟସରେ ସେ କ'ଣ ଜାଣିଛି! ଏମିତି ଭାବନା ଭିତରେ ବେଶି ବେଶି ତାଗିଦ। ବୟସ ବଢିଲେ ଘରେ ବାହାରେ ଲୋକେ କହିବେ ଆପଣ କିଛିଜାଣି ନାହାନ୍ତି। ଘର ଲୋକ କହିବେ ଆଉଟ୍‌ଡେଟେଡ୍ ଭର୍ସନ। ଯୁଗ ସହ ତାଳ ଦେଇ ଚାଲି ପାରୁନ। ଯୁଗୋପଯୋଗୀ ହେବାକୁ ପଡିବ ଇତ୍ୟାଦି ଇତ୍ୟାଦି। ଧୀର ସ୍ଥିର ଭାବରେ ଜୀବନକୁ ଆଗକୁ ବଢ଼େଇଲା ପରେ ବି ଶାନ୍ତି ନାହିଁ। ପରିଣତ ବୟସରେ ବି ପୁଅଝିଅ କହିବେ ତୁମେ କିଛିଜାଣିନ। ଚାକିରି କଲସିନା କିଛି ଜାଣି ପାରିଲନି। ନଚେତ ମା'କୁ କହିବେ ତୁ ଘର ଭିତରେ ରହିରହି କିଛି ଜାଣିପାରିଲୁନି। ଦୁନିଆ କୁଆଡେ ନା କୁଆଡେ ଗଲା। ତୁମେ ସବୁ ମାନ୍ଧାତା ଅମଳରେ ରହିଛ। ଛୁଆ ଭଳି ହେଉଛ। ଗିକେ ତ ସ୍ମାର୍ଟ ହୁଅ। ଏତିକିରେ ବୟସ୍କ ମଣିଷର ଆଖିରୁ ଲୁହଝରେ। ହୃଦୟ ମଚ୍ଛିହୋଇଯାଏ। କିଛି ଉତ୍ତର ଦେବାକୁ ବି ସାହସ କୁଳାଏନି। ଶେଷରେ ଏସବୁ ଶୁଣୁଥିବା ନାତିନାତୁଣୀ ଦିନେ କହିବେ ତୁମେ କିଛିଜାଣିନ। ଏସବୁ ମଜାଲାଗେ ପିଲାଙ୍କ ତୁଣ୍ଡରୁ ଶୁଣିବା। କିନ୍ତୁ ସାମଗ୍ରିକ ଭାବରେ ଦେଖିଲେ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତାହା ହେଲେ କେଉଁଠି ଜାଣିଲା !

ଜୀବନ ତମାମ ନ ଜାଣିବା ପଣରେ ସେ ବଞ୍ଚିଲା। ସବୁ ସ୍ତରରେ ମଣିଷ କିଛି ବି ଜାଣିଲା ନାହିଁ। ଯଦିଓ ସବୁ ମଣିଷ ସବୁ ବିଷୟରେ ଜାଣିବା ଜରୁରୀ ତାହା ନୁହେଁ। ନ ଜାଣି ବି ଚୁପ୍ ରହିବା ଆଦୌ ଉଚିତ ନୁହଁ। ବିଶାଳ ଦୁନିଆ ଭିତରେ ମଣିଷର ପାରଦର୍ଶିତା ସୀମିତ। ତା'ର ଉତ୍କର୍ଷ ନିର୍ଦ୍ଦିଷ୍ଟ ଅଥବା କିଛି ଦିଗରେ ଥାଇପାରେ। ଅନେକ ଦିଗରେ ସେ ଅଜ୍ଞ ରହିବା ସ୍ୱାଭାବିକ। ଏହା ତା'ର ଅବୁଝାପଣ। ନିଜ ନିଜ ସ୍ତରରେ ସମୀକ୍ଷା କଲାବେଳେ ମଣିଷ ଜାଣିପାରେ ନିଜର କାଉଁଆପଣ। ସେ କେଉଁଥିରେ କେତେ ପାରଙ୍ଗମ ନିଜ ଭିତରେ ଅସୁମାରୀ ଶୂନ୍ୟତା ଓ ଅଜ୍ଞତା ଥାଇ ଅନେକ ସମୟରେ ନିଜର ପଦ ଓ ପ୍ରତିଷ୍ଠାର ଅପବ୍ୟବହାର କରନ୍ତି ବହୁତ ଲୋକ। ଅନ୍ୟକୁ ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି। ସବୁ କିଛି ଜାଣିବାର ଯିଏ ଆସ୍ପର୍ଦ୍ଧା ରଖେ, ବାସ୍ତବରେ ସେ ସମସ୍ତଙ୍କ ନିକଟରେ ନିନ୍ଦିତ ହେବା ଥୟ। ଏକଥା ବି ସତ ଯେ ନିଜ ନିଜ ବୃତ୍ତି ଓ ବେଉଷା ଭିତରେ ଅନେକ କଥା ଜୀବନତମାମ ଜାଣି ହୁଏନା। ଗଭୀର ଓ ଗହନ କଥାକୁ ହେଜି ହୁଏନା। ତା' ସତ୍ତ୍ୱେ ସେଇ ସେଇ କର୍ମରେ ଯେ ସାଧାରଣ କଥାକୁ ଯଦି ଜାଣିପାରିବାନି କିମ୍ବା ବୁଝିପାରିବାନି, ତେବେ ହୁଏତ ଆମର ଅଜ୍ଞତା ଆମ ପାଇଁ ନିଶ୍ଚିତ ସମସ୍ୟା। ଆଉ ତୁମେ କିଛି ଜାଣିନ ବୋଲି ଅପବାଦ ମୁଣ୍ଡେଇବା ଶିରୋଧାର୍ଯ୍ୟ। ଶୁଣିବା, ଦେଖିବା ଓ ଜାଣିବା। ଜାଣିଲେ ଯାଇ ଜିଣିବା। ଏତେ କଥା ଶୁଣିବା ପରେ ଶଶିଶେଖରବାବୁ ଏଥର ଦୀର୍ଘଶ୍ୱାସ ଛାଡିଲେ ଓ ଠୋଠୋ ହୋଇ ହସିଲେ। କହିଲେ – ''ଭାବୁଥିଲି ମୁଁ ହିଁ ଏସବୁର ଶିକାର ହୋଇଛି। କିନ୍ତୁ କେଡ଼େ ସହଜରେ ବୁଝେଇଦେଲ ଯେ ଏହା ଘର ଘରର କଥା। ସବୁ ପାରିବାରିକ ମଣିଷମାନେ ଶୁଣି ଆସୁଛନ୍ତି – ତୁମେ କିଛିଜାଣିନ! ମନଟା ହାଲୁକା ହୋଇଗଲା ମଣିଷର ।'' ଏଥର ମୁଁ ଚାଲିଲି କହି ପୁଳାଏ ଖୁସିକୁ ନେଇ ବସିବା ସ୍ଥାନରୁ ଉଠିଚାଲିଲେ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ: ୯୪୩୭୯୦୯୬୭୧

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଡ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ମହାଶୟ,

ପେନସନରମାନେ ଯାହା ପେନସନ ଗଣ୍ଡାକ ପାଉଛନ୍ତି ତାହା ନିଜ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ନିଅଣ୍ଟ। ବୟସର ଅପରାହ୍ନରେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହୋଇ ହନ୍ତସନ୍ତ ହୋଇ ପରିବାରରେ ଅଲୋଡ଼ା ହେଉଛନ୍ତି। ଔଷଧ ଖର୍ଚ୍ଚ ପାଇଁ ଯଥେଷ୍ଟ ଅର୍ଥ ପାଇପାରୁ ନାହାନ୍ତି। ଆମ ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ପେନସନରମାନଙ୍କୁ ପେନସନ ସାଙ୍ଗକୁ ଚିକିତ୍ସା ଭତ୍ତା ମଧ ଦିଆଯାଉଛି। କିନ୍ତୁ ଏବେକାର ନୂଆ ସରକାରଙ୍କର ଏଥିପ୍ରତି ଦୃଷ୍ଟି ନାହିଁ। ତେବେ ସରକାର ପେନସନରମାନଙ୍କ ପାଇଁ କିଛି ଗୋଟେ ନୂଆ ବ୍ୟବସ୍ଥା କରିବାକୁ ଅନୁରୋଧ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆମ୍ପ୍ରତ୍ୟର୍ପଣ ଆଶଙ୍କାରେ ଲକ୍ଷାଧିକ ଭାରତୀୟ




## ଆମେରିକାରୁ କାନାଡା, ବ୍ରିଟେନମୁହାଁ କରାଇଛି ଭିଜା ନିୟମ ପରିବର୍ତ୍ତନ

**ଆମେରିକାରେ ବସବାସ କରୁଥିବା ଏଚ୍-୧ବି, ଏଚ୍-୧ବି୧, ଏଚ୍-୨ଏ, ଏଚ୍-୨ବି ଏବଂ ଏଚ୍-୩ ଭିଜାଧାରୀଙ୍କ ସହ ରହିବା ପାଇଁ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କୁ ସେଠାକୁ ଯାତ୍ରା କରିବା ସକାଶେ ଏଚ୍-୪ ଭିଜା ଜାରି କରାଯାଇଥାଏ। ପରିବାରର ଡିପେଣ୍ଡାଣ୍ଟ ସଦସ୍ୟ ସ୍ତ୍ରୀ କିମ୍ବା ସ୍ୱାମୀ ଅଥବା ଅବିବାହିତ ଝିଅପୁଅ ହୋଇପାରନ୍ତି, ଯାହାଙ୍କ ବୟସ ୨୧ ବର୍ଷରୁ କମ୍ ହୋଇଥିବ। ଉପରୋକ୍ତ ବର୍ଗଗୁଡ଼ିକର ଭିଜାଧାରୀଙ୍କ ଉପରେ ନିର୍ଭରଶୀଳ ଜଣେ ବ୍ୟକ୍ତି ଆମେରିକାରେ ରହିଆସୁଥିଲେ ସେ ଏଚ୍-୪ ଆପ୍ରବାସୀ ମାନ୍ୟତା ପାଇଁ ଷ୍ଟାଟସ୍ ପରିବର୍ତ୍ତନ ସକାଶେ ଆମେରିକା ନାଗରିକତ୍ୱ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) କାର୍ଯ୍ୟାଳୟକୁ ଯାଇ ଫର୍ମ ଆଇ-୫୩୯ରେ ଆବେଦନ କରିବା ନେଇ ନିୟମ ରହିଥିଲା। ନିକଟରେ ୟୁଏସ୍‌ସିଆଇଏସ୍ ପକ୍ଷରୁ ୨୦୨୬ ଆର୍ଥିକବର୍ଷ ପାଇଁ ଏଚ୍-୧ବି ଭିଜା ପଞ୍ଜୀକରଣ ଅବଧି ସମ୍ପର୍କରେ ନୂଆ ଘୋଷଣା କରାଯାଇଛି। ତଦନୁସାରେ ଏହି ପ୍ରକ୍ରିୟା ମାର୍ଚ୍ଚ ୭ରେ ଆରମ୍ଭ ହୋଇ ୨୪ ତାରିଖରେ ସରିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏଜ୍-ଆଉଟ୍ ବୟସରେ ଉପନୀତ ହେବା ପରେ ସେମାନଙ୍କ ହାତରେ ଅନ୍ୟ ଏକ ଭିଜା ଷ୍ଟାଟସ୍‌କୁ ପରିବର୍ତ୍ତିତ ହେବା ପାଇଁ ୨ ବର୍ଷ ରହୁଥିଲା। କିନ୍ତୁ ଆମେରିକାର ନୂଆ ଇମିଗ୍ରେଶନ୍ ପଲିସି ଏଭଳି ଲକ୍ଷାଧିକ ଯୁବତୀଯୁବକଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। କାରଣ ସେମାନେ ଆଗଭଳି ଆଉ ଡିପେଣ୍ଡାଣ୍ଟ ଭାବେ ପରିଗଣିତ ହେବେ ନାହିଁ।**

ୱାଶିଂଟନ/ହାଇଦ୍ରାବାଦ,୬।୩

ଆମେରିକାରେ ବସବାସ କରୁଥିବା ଲକ୍ଷାଧିକ ଭାରତୀୟଙ୍କ ପିଲା, ଯେଉଁମାନେ ନାବାଳକ ଥାଇ ଏଚ୍-୪ ଭିଜା ବଳରେ ସେଠାରେ ରହୁଥିଲେ, ସେମାନେ ବର୍ତ୍ତମାନ ୨୧ ବର୍ଷରେ ପଦାର୍ପଣ କରିବା ପରେ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଠେଲିହୋଇଯାଇଛନ୍ତି। ଆମେରିକାରେ ବର୍ତ୍ତମାନ ପ୍ରଚଳିତ ଆପ୍ରବାସନ ଆଇନ ଅନୁସାରେ ସେମାନେ ଆଉ ଏଚ୍-୧ବି ଭିଜାଧାରୀ ମାତାପିତାଙ୍କ ଉପରେ ନିର୍ଭରଶୀଳ ବୋଲି ପରିଗଣିତ ହେବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଅନେକେ ଅଧିକ କୋହଳ ନୀତି ଥିବା କାନାଡା କିମ୍ବା ବ୍ରିଟେନ୍ ଭଳି ଭିନ୍ନ ଦେଶକୁ ସ୍ଥାନାନ୍ତରିତ ହେବା ସମେତ ଅନ୍ୟ ବିକଳ୍ପଗୁଡ଼ିକୁ ଖୋଜିବାରେ ଲାଗିଛନ୍ତି। ଆମେରିକାରେ ନିଯୁକ୍ତିଭିତ୍ତିକ ଗ୍ରୀନ୍‌କାର୍ଡ ବ୍ୟବସ୍ଥା ସେଠାରେ ରହୁଥିବା ବହୁଳ ଆପ୍ରବାସୀ ଭାରତୀୟଙ୍କୁ ପ୍ରଭାବିତ କରିଛି।

ଏଚ୍-୧ବି ହେଉଛି ଏକ ଅଣଆପ୍ରବାସୀ ଭିଜା, ଯାହା ଆମେରିକୀୟ କମ୍ପାନୀଗୁଡ଼ିକୁ ତାତ୍ତ୍ୱିକ କିମ୍ବା ବୈଷୟିକ ଦକ୍ଷତା ଆବଶ୍ୟକତା କରୁଥିବା ବିଶେଷ ପେସାର ପଦବୀରେ ବିଦେଶୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ଆମେରିକୀୟ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରିଥାଏ। ଏଚ୍-୧ବି ଅଧୀନରେ ବର୍ଷକୁ ୬୫,୦୦୦ ଭିଜା ଆବେଦନ କରାଯାଇପାରିବ। ତେବେ ଆମେରିକାରେ ସ୍ନାତକୋତ୍ତର ଶିକ୍ଷା ପାଇଁ ସେଠାକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ସକାଶେ ଅତିରିକ୍ତ ୨୦,୦୦୦ ଭିଜାର ବ୍ୟବସ୍ଥା ରହିଛି। ସିଲେକ୍ସନରେ ଠକେଇକୁ ରୋକି ସ୍ୱଚ୍ଛତା ଆଣିବା ପାଇଁ ୟୁଏସ୍‌ସିଆଇଏସ୍ ଏକ ହିତାଧିକାରୀ-କୈନ୍ଦ୍ରିକ ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୩ ମାର୍ଚ୍ଚ ସୁଦ୍ଧା ପ୍ରାୟ ୧.୩୪ ଲକ୍ଷ ଭାରତୀୟ ପିଲା ସେମାନଙ୍କ ପରିବାର ଗ୍ରୀନ୍‌କାର୍ଡ ପାଇବା ପୂର୍ବରୁ ଡିପେଣ୍ଡାଣ୍ଟ ଭିଜା ଷ୍ଟାଟସ୍ ବୟସରୁ ଉପରକୁ ଉଠିବା ନେଇ ଆକଳନ କରାଯାଇଥିଲା। ଆମେରିକା ଆପ୍ରବାସନ ବ୍ୟବସ୍ଥା ଭାରାକ୍ରାନ୍ତ ହେବା ଫଳରେ ଅନେକଙ୍କୁ ସ୍ଥାୟୀ ବାସିନ୍ଦା ହେବା ପାଇଁ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡ଼ିବ। ଏପରି କି କେତେକ ଆବେଦନର ବିଚାର ପାଇଁ ୧୨ରୁ ୧୦୦ ବର୍ଷ ଲାଗିଯାଇପାରେ ବୋଲି କୁହାଯାଉଛି।

ଟେକ୍ସାସ୍‌ର ଏକ କୋର୍ଟ ନିକଟରେ ଡିଫର୍ଡ ଆକ୍ସନ ଫର୍ ଚାଇଲ୍ଡହୁଡ୍ ଆରାଇଭାଲ୍ସ (ଡିଏସିଏ) କାର୍ଯ୍ୟକ୍ରମ ଅଧୀନରେ ନୂଆ ଆବେଦନ ପାଇଁ ୱାର୍କ ପରମିଟ୍‌କୁ ବ୍ଲକ୍ କରି ଦେଇଥିବା ଏକ ରାୟ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଡିଏସିଏ ପ୍ରତ୍ୟର୍ପିତ ହେବାରୁ ବିନା ଦସ୍ତାବିଜରେ ରହୁଥିବା ଆପ୍ରବାସୀଙ୍କୁ ଅସ୍ଥାୟୀ ତଥା ୨ ବର୍ଷର ନବୀକରଣୀୟ ସୁରକ୍ଷା ପ୍ରଦାନ କରିଥାଏ। ୨୧ ବର୍ଷରେ ଉପନୀତ ହୋଇ ଡିପେଣ୍ଡାଣ୍ଟ ଷ୍ଟାଟସ୍ ହରାଇବାକୁ ବସିଥିବା ଯୁବତୀଯୁବକମାନେ ମଧ୍ୟ ଏହି ବର୍ଗର ଆପ୍ରବାସୀ ପରିଗଣିତ ହେଉଥିବାରୁ ସେମାନେ ନିଜ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

## 'ଆପ୍ରବାସୀଙ୍କୁ ନୁହେଁ, ସ୍ଥାନୀୟଙ୍କୁ ନିଯୁକ୍ତି ଦିଅ'

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ବେଆଇନ ଆପ୍ରବାସୀଙ୍କୁ ବିଦା କରିବାରେ ଲାଗିଛି। ଆପ୍ରବାସୀମାନଙ୍କୁ ଦେଶରେ ବର୍ତ୍ତମାନ ଜାତୀୟ ସ୍ୱାର୍ଥର ପରିପନ୍ଥୀ ଏବଂ ଆହ୍ୱାନ ରୂପେ ବିବେଚନା କରାଯାଉଛି। ତେଣୁ ନିଯୁକ୍ତିଦାତାମାନେ ନିଜ କମ୍ପାନୀରେ ଦେଶ ବାହାର ଲୋକଙ୍କୁ ବାଦ୍‌ଦେଇ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ଗୁରୁତ୍ୱ ଦେଉଛି। ୨୦୨୫ ଫେବୃଆରୀ ୧୯ରେ ଟ୍ରମ୍ପ ପ୍ରଶାସନ ଏନେଇ ସ୍ଥାନୀୟ ବିଜ୍‌ନେସ ହାଉସ୍‌ଗୁଡ଼ିକୁ ତାଗିଦ କରି ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲା। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇକ୍ୱେଲ ଏମ୍ପ୍ଲୟମେଣ୍ଟ ଅପର୍ଚ୍ୟୁନିଟି କମିଶନ୍ (ଇଇଓସି) ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏଥିଯୋଗୁ ବିଶେଷକରି ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅଧୀନରେ ସେଠାରେ ବସବାସ କରୁଥିବା ଭାରତ ସମେତ ଆଉ କେତେକ ଦେଶର ଯୁବତୀଯୁବକ ପ୍ରଭାବିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ନାଗରିକମାନେ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ୭୨.୩% ଏଚ୍-୧ବି ଭିଜା ହାସଲ କରିଥିବା ନେଇ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସଭାକୁ ଅବଗତ କରାଯାଇଥିଲା। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ଗୃହରେ ଭିଜା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଥିଲେ।



## ସଂକ୍ଷେପରେ

### ୟୁଏଇରେ ୨ ଭାରତୀୟଙ୍କୁ ଫାଶୀ

ଆବୁଧାବି, ୬।୩

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨ ଭାରତୀୟଙ୍କୁ ଫାଶୀ ଦିଆଯାଇଛି। ହତ୍ୟା ମାମଲାରେ ଉଭୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। କେରଳର ମୋହମ୍ମଦ ରିନାଶ ଅରଙ୍ଗିଲୋଟ୍ଟୁ ଏବଂ ମୁରଲୀଧରନ ପେରୁମଥଟ୍ଟା ବଲ୍ଲାପିଲଙ୍କୁ ଫାଶୀ ଦିଆଯାଇଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ୟୁଏଇ ଅଧିକାରୀ ଗତ ୨୮ ତାରିଖରେ ଭାରତୀୟ ଦୂତାବାସକୁ ସୂଚନା ଦେଇଥିଲେ। ତେବେ କେଉଁ ତାରିଖରେ ଉଭୟଙ୍କୁ ଫାଶୀ ଦିଆଯାଇଛି, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଭାରତୀୟ ଦୂତାବାସ ପକ୍ଷରୁ ଉଭୟଙ୍କୁ କ୍ଷମା ପ୍ରଦାନ କରିବା ପାଇଁ ଅପିଲ କରାଯାଇଥିବା ବେଳେ ୟୁଏଇ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ରିନାଶ ୟୁଏଇର ଜଣେ ନାଗରିକଙ୍କୁ ହତ୍ୟା କରିଥିବାବେଳେ ମୁରଲୀଧରନ ସେଠାରେ ଜଣେ ଭାରତୀୟଙ୍କୁ ହତ୍ୟା କରିଥିଲେ।

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ୱାଶିଂଟନ, ୬।୩

ଆମେରିକାର ମିଲ୍‌ୱାକି ସହରରେ ଜଣେ ଭାରତୀୟ ଛାତ୍ର ପ୍ରବୀଣ କୁମାର ଗମ୍ପା(୨୭)ଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। କେତେଜଣ ଅଚିହ୍ନା ଆକ୍ରମଣକାରୀ ପ୍ରଥମେ ତାଙ୍କୁ ଲୁଟିବା ପାଇଁ ଉଦ୍ୟମ କରିଥିଲେ ଓ ପରେ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏନେଇ ଶିକାଗୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ତେଲଙ୍ଗାନାର ପ୍ରବୀଣ ୟୁନିଭର୍ସିଟି ଅଫ୍ ୱିସ୍କୋନ୍ସିନ୍-ମିଲ୍‌ୱାକିରୁ ଡେଟା ସାଇନ୍ସରେ ମାଷ୍ଟର ଡିଗ୍ରୀ କରୁଥିଲେ।

## ଜାମିନ ଶୁଣାଣିରେ ବିଳମ୍ବ ଅଦାଲତଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,୬।୩

ଜାମିନ ଆବେଦନର ଶୁଣାଣିକୁ ଅଦାଲତଗୁଡ଼ିକ ଦୀର୍ଘଦିନ ପକାଇ ରଖୁଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଭର୍ତ୍ସନା କରିଛନ୍ତି। ବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ମାମଲାକୁ ଦୀର୍ଘଦିନ ପକାଇ ରଖିବା ଆଶା କରାଯାଉ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨ ବର୍ଷୀୟା ଝିଅର ଜରୁରୀ ଅସ୍ତ୍ରୋପଚାର ପାଇଁ ଅସ୍ଥାୟୀ ଜାମିନ ନିମନ୍ତେ ଏକ ଆବେଦନର ଶୁଣାଣିକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ୨ ମାସ ବିଳମ୍ବ କରିଥିବା ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଜାଣିବା ପରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଜାମିନ ପିଟିଶନ୍‌ର ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଗଲା ବୋଲି ଗତ ଫେବୃଆରୀ ୨୧ରେ ହାଇକୋର୍ଟ କହିଥିଲେ। ତ୍ୱରିତ୍ ଶୁଣାଣି ପାଇଁ ହାଇକୋର୍ଟକୁ ଯିବା ଲାଗି ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କୁ ଅନୁମତି ଦେଇଛନ୍ତି। ଜରୁରୀ ଚିକିତ୍ସା କାରଣରୁ ଅସ୍ଥାୟୀ ଜାମିନ ଆବେଦନର ଶୁଣାଣି ତାରିଖ ଆଗୁଆ କରିବାକୁ ଖଣ୍ଡପୀଠ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହୋଲି ଉତ୍ସବ ପାଇଁ ଅନୁମତି ଦେଲାନି ଏଏମ୍‌ୟୁ

### ପ୍ରଧାନମନ୍ତ୍ରୀଙ୍କୁ ଜଣାଇବାକୁ ଛାତ୍ରଙ୍କ ଧମକ

ନୂଆଦିଲ୍ଲୀ,୬।୩

ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ) ପରିସରରେ ହୋଲି ମିଳନ ଉତ୍ସବ ପାଳନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମତି ନ ଦେବାରୁ ବିବାଦ ସୃଷ୍ଟି ହୋଇଛି। ହିନ୍ଦୁମାନଙ୍କ ପ୍ରତି ପ୍ରଶାସନ ପାତରଅନ୍ତର କରୁଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନୁମତି ନ ମିଳିଲେ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇବେ ବୋଲି ଧମକ ଦେଇଛନ୍ତି। ଗତ ମାସ ୨୫ରେ ହିନ୍ଦୁ ଛାତ୍ରୀଛାତ୍ରଙ୍କ ତରଫରୁ ଅଖିଳ କୌଶଳ ନାମକ ମାଷ୍ଟର ଡିଗ୍ରୀ ଛାତ୍ର ୟୁନିଭର୍ସିଟି ପ୍ରୋକ୍ଟରଙ୍କ ଜରିଆରେ କୁଳପତିଙ୍କୁ ପତ୍ର ଲେଖି ମାର୍ଚ୍ଚ ୯ରେ ହୋଲି ମିଳନ ଉତ୍ସବ ବିଶ୍ୱବିଦ୍ୟାଳୟର ଏନ୍‌ଆର୍‌ଏସ୍‌ସି କ୍ଲବ୍‌ରେ ଆୟୋଜନ କରିବାକୁ ଅନୁମତି ମାଗିଥିଲେ। ତେବେ କ୍ୟାମ୍ପସ୍ ପରିସରରେ ହୋଲି ଉତ୍ସବ ପାଇଁ ଅନୁମତି ନ ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯାଇଥିଲା। ଏଏମ୍‌ୟୁରେ ଅନ୍ୟ ଧର୍ମର ଉତ୍ସବ ହେଉଥିବାବେଳେ ହିନ୍ଦୁ ଛାତ୍ରୀଛାତ୍ର ଏହାର ବିରୋଧ କରି ନ ଥାନ୍ତି। ତେବେ ହିନ୍ଦୁ ଛାତ୍ରୀଛାତ୍ରଙ୍କୁ ହୋଲି ମିଳନ ସମାରୋହ ଆୟୋଜନରୁ ବଞ୍ଚିତ କରାଯାଉଛି କ'ଣ ପାଇଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଏଏମ୍‌ୟୁକୁ ମିନି ଇଣ୍ଡିଆ କହିଥିଲେ। ତେଣୁ ଏଏମ୍‌ୟୁ କୁଳପତି ପ୍ରଫେସର ନଇମା ଖାତୁନ୍ ସବୁ ଧର୍ମକୁ ସମ୍ମାନ ଦେଇ ହୋଲି ଉତ୍ସବ ପାଇଁ ଅନୁମତି ଦିଅନ୍ତୁ ବୋଲି ଛାତ୍ରୀଛାତ୍ର ଦାବି କରିଛନ୍ତି।

## ଯୁଦ୍ଧବିମାନରୁ ଖସିଲା ୮ ବୋମା: ୧୫ ଆହତ



ଯୁଦ୍ଧାଭ୍ୟାସ ବେଳେ ଦକ୍ଷିଣ କୋରିଆର କେଏଫ୍-୧୬ ଲଢୁଆ ବିମାନରୁ ବୋମା ପଡ଼ି ଗୋଟିଏ ଘର କ୍ଷତିଗ୍ରସ୍ତ ହୋଇଛି।

ସିଓଲ,୬।୩

ଆମେରିକା ସେନା ସହ ମିଳିତ ସମରାଭ୍ୟାସ ବେଳେ ଦକ୍ଷିଣ କୋରିଆର ୨ଟି ଯୁଦ୍ଧବିମାନ ଭୁଲ୍‌ବଶତଃ ୮ଟି ବୋମା ଜନବସତି ଅଞ୍ଚଳରେ ଖସାଇଥିଲେ। ଏଥିରେ ୧୫ ଜଣ ଆହତ ହେବା ସହ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। କେଏଫ୍-୧୬ ଯୁଦ୍ଧବିମାନରୁ ଫାୟାରିଂ ରେଞ୍ଜ୍ ବାହାରେ ଏମ୍‌କେ-୮୨ ବୋମା ଖସିଥିଲା ବୋଲି ଦକ୍ଷିଣ କୋରିଆ ବାୟୁସେନା ପକ୍ଷରୁ କୁହାଯାଇଛି। କ'ଣ ପାଇଁ ବୋମା ଖସିଲା ଏବଂ ସାଧାରଣ ନାଗରିକଙ୍କର କେତେ କ୍ଷୟକ୍ଷତି ହୋଇଛି, ତାହା ଅନୁଧ୍ୟାନ ପାଇଁ ବାୟୁସେନା ଏକ କମିଟି ଗଠନ କରିଛି। ଆମେରିକା ସେନା ସହ ଗୋଟିଏ ଦିନର ଫାୟାରିଂ ଡ୍ରିଲ୍ ବେଳେ ଏଭଳି ଅଘଟଣ ଘଟିଛି। କ'ଣ ପାଇଁ କେଏଫ୍-୧୬ ଯୁଦ୍ଧବିମାନ ପାଇଲଟ୍ ଜନବସତି ଅଞ୍ଚଳରେ ବୋମା ପକାଇଲେ, ତାହାର ଅଧିକ ତଦନ୍ତ ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣା ପାଇଁ ବାୟୁସେନା କ୍ଷମା ମାଗିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛି। କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବା ସହ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ନିଆଯିବ ବୋଲି ବାୟୁସେନା କହିଛି।

## ଏସ୍‌ଡିପିଆଇର ୧୨ କାର୍ଯ୍ୟାଳୟରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୬।୩

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାରେ ଗୁରୁବାର ବେଆଇନ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ରାଜନୈତିକ ସଂଗଠନ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର ୧୨ଟି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ୍.କେ. ଫୈଜିଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଗିରଫ କରାଯିବା ପରେ ଦିଲ୍ଲୀରେ ଥିବା ଏସ୍‌ଡିପିଆଇ ମୁଖ୍ୟାଳୟ ସମେତ ୨ଟି ସ୍ଥାନ, କେରଳର ଥିରୁଭାନନ୍ତପୁରମ ଓ ମଲାପ୍ପୁରମ୍, ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ, ଝାଡ଼ଖଣ୍ଡର ପକୁର, ମହାରାଷ୍ଟ୍ରର ଠାଣେ, ବେଙ୍ଗାଲୁରୁ, ଚେନ୍ନାଇ, କୋଲ୍‌କାତା, ଲକ୍ଷ୍ନୌ ଏବଂ ଜୟପୁରରେ ଚଢ଼ାଉ କରାଯାଇଥିଲା। ଏସ୍‌ଡିପିଆଇ ଜରିଆରେ ପିଏଫ୍‌ଆଇ ଏହାର ଆପରାଧିକ କାର୍ଯ୍ୟ ଚଳାଇଥିବା ଇଡି ପୂର୍ବରୁ କହିଥିଲା। ୨୦୨୨ ସେପ୍ଟେମ୍ବରରେ କେନ୍ଦ୍ର ସରକାର ପିଏଫ୍‌ଆଇକୁ ବେଆଇନ ସଂଗଠନ ଭାବେ ଘୋଷଣା କରିଥିଲେ।

## ଲଣ୍ଡନରେ ଜୟଶଙ୍କରଙ୍କ ସୁରକ୍ଷାରେ ତ୍ରୁଟି

ଲଣ୍ଡନ/ନୂଆଦିଲ୍ଲୀ,୬।୩

### ପ୍ରତିବାଦ ଜଣାଇଲା ଭାରତ



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ଭାରତ ଦୃଢ଼ ନିନ୍ଦା କରିଛି। ବୁଧବାର ଲଣ୍ଡନର ଚାଥାମ ହାଉସ୍‌ରେ ଜୟଶଙ୍କର ଆଲୋଚନାରେ ଯୋଗଦେଇଥିବାବେଳେ ବାହାରେ ଗୋଟିଏ ଗୋଷ୍ଠୀ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରିବା ସହ ଜୟଶଙ୍କରଙ୍କ ସୁରକ୍ଷା ବଳୟ ଅତିକ୍ରମ କରିବାକୁ ଉଦ୍ୟମ କରିଥିଲେ। ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରପନ୍ଥୀ ସଂଗଠନର କାର୍ଯ୍ୟକୁ ନୂଆଦିଲ୍ଲୀ ନିନ୍ଦା କରିଛି। ଉଗ୍ରପନ୍ଥୀମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ସ୍ୱାଧୀନତାର ଦୁରୁପଯୋଗକୁ ଆମେ ନିନ୍ଦା କରୁଛୁ। ଏଭଳି ମାମଲାରେ ଆୟୋଜକ ସରକାର ସେମାନଙ୍କ କୂଟନୈତିକ ଦାୟିତ୍ୱ ସମ୍ପୂର୍ଣ୍ଣ ନିର୍ବାହ କରିବା ଆମେ ଆଶା କରୁଛୁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବିକ୍ଷୋଭ ସତ୍ତ୍ୱେ ଜୟଶଙ୍କର ଆଲୋଚନା ଜାରି ରଖିବା ସହ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର, ବହିର୍ବ୍ୟାପାର ମନ୍ତ୍ରୀ ଡାଭିଡ୍ ଲାମ୍ମି ଓ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ। ଲଣ୍ଡନରେ ଖଲିସ୍ଥାନୀ ସପକ୍ଷବାଦୀମାନେ ଜୟଶଙ୍କରଙ୍କ କନ୍‌ଭୟ ନିକଟକୁ ମାଡ଼ିଆସିବା ଘଟଣାକୁ ବ୍ରିଟେନ୍ ଗୁରୁବାର ଦୃଢ଼ ନିନ୍ଦା କରିଛି। ସରକାରୀ କାର୍ଯ୍ୟକ୍ରମକୁ ଧମକ ଦେବା ଓ ବାଧା ସୃଷ୍ଟି କରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ ବୋଲି ବ୍ରିଟେନ୍ କହିଛି।

## ଫୁରସତ୍

# କର୍ଣ୍ଣାଟକର ଭାଇରାଲ ବଡିବିଲ୍ଡର କନ୍ୟା

ବେଙ୍ଗାଲୁରୁ

କର୍ଣ୍ଣାଟକର ମହିଳା ବଡିବିଲ୍ଡର ତଥା ଫିଟ୍‌ନେସ୍ ଟ୍ରେନର ଚିତ୍ରା ପୁରୁଷୋତ୍ତମଙ୍କୁ ନେଇ ଏବେ ଚର୍ଚ୍ଚା ଲାଗି ରହିଛି। ସେ ନିକଟରେ ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ କିରଣ ରାଜଙ୍କୁ ବିବାହ କରିଥିଲେ। ଏହି ବିବାହରେ ଚିତ୍ରାଙ୍କର ୱେଡିଂ ଲୁକ୍ ଏବେ ଭାଇରାଲ ହେବାରେ ଲାଗିଛି।

ଚିତ୍ରା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ନିଜ ୱେଡିଂ ଲୁକ୍‌ର ଅନେକ ଫଟୋ ଶେୟାର କରିଛନ୍ତି। କନ୍ୟା ବେଶରେ ଚିତ୍ରାଙ୍କର ବାହୁବଳୀ ୱେଡିଂ ଲୁକ୍‌କୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ଫଟୋଗୁଡ଼ିକରେ ଚିତ୍ରାଙ୍କୁ ଦକ୍ଷିଣ ଭାରତୀୟ ପରମ୍ପରା ଅନୁଯାୟୀ, କନ୍ୟା ବେଶରେ ଦେଖିବାକୁ ମିଳିଛି। ସେ ସୁନାର ବିଭିନ୍ନ ଭାରି ଅଳଙ୍କାର ସହ ନୀଳ ଏବଂ ହଳଦିଆ ରଙ୍ଗରେ ମିଶ୍ରିତ କାଞ୍ଜିଭରମ ଶାଢ଼ି ପିନ୍ଧିଥିବା ନଜରକୁ ଆସିଛନ୍ତି।



ସ୍ୱାମୀ କିରଣ ରାଜଙ୍କ ସହ ଚିତ୍ରାଙ୍କ ୱେଡିଂ ଫଟୋଶୁଟ୍।



କନ୍ୟା ବେଶରେ ଚିତ୍ରାଙ୍କର ବାହୁବଳୀ ଲୁକ୍।

ଫିଟ୍‌ନେସ୍ ଏବଂ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଅନେକ ଟାଇଟଲ ଜିତିଥିବା ଚିତ୍ରା ଏବେ କର୍ଣ୍ଣାଟକରେ ବଡିବିଲ୍ଡର ବାହୁବଳୀ ବୋହୂ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଚିତ୍ରାଙ୍କର ୱେଡିଂ ଲୁକ୍ ସମ୍ବନ୍ଧୀୟ ପୋଷ୍ଟକୁ ୭ ମିଲିୟନରୁ ଅଧିକ ଭିଉଜ୍ ମିଳିଛି।

# 'ଆର୍‌ସି ୧୬': ଗାଉଁଲି ଝିଅ ଭୂମିକାରେ ଜାହ୍ନବୀ

ମୁମ୍ବାଇ

ଅଭିନେତ୍ରୀ ଜାହ୍ନବୀ କପୁର ଗୁରୁବାର ତାଙ୍କର ୨୮ତମ ଜନ୍ମଦିନକୁ ଧୁମଧାମରେ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଆର୍‌ସି ୧୬'ର ନିର୍ମାତାଙ୍କ ପକ୍ଷରୁ ଜାହ୍ନବୀ ପ୍ରଶଂସକଙ୍କୁ ଏକ ଉପହାର ଦିଆଯାଇଛି। ଫିଲ୍ମ ନିର୍ମାତା ପ୍ରଡକ୍ସନ କମ୍ପାନୀ 'ବୃଦ୍ଧି ସିନେମା' ପକ୍ଷରୁ ଗୁରୁବାର ଏକ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ 'ଆର୍‌ସି ୧୬' ଫିଲ୍ମରେ ଜାହ୍ନବୀଙ୍କ ପ୍ରଥମ ଲୁକ୍‌କୁ ଜାରି କରାଯାଇଛି। ଏହି ଲୁକ୍‌ରେ ଜାହ୍ନବୀଙ୍କୁ ଦେଶୀ ଅବତାରରେ ଦେଖିବାକୁ ମିଳିଛି। ରିଲିଜ୍ ହୋଇଥିବା ପୋଷ୍ଟରରେ ସେ ଛେଳି ଧରି ଖୁସିରେ ଝୁମୁଥିବାର ନଜରକୁ ଆସୁଛନ୍ତି। ଫିଲ୍ମରେ ଜାହ୍ନବୀଙ୍କ ଭୂମିକା ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହି ପୋଷ୍ଟରରେ ସେ ଜଣେ ଗ୍ରାମୀଣ ଯୁବତୀଙ୍କ ଭୂମିକା ନିଭାଉଥିବାର ନଜରକୁ ଆସିଛନ୍ତି। 'ଆର୍‌ସି ୧୬'ରେ ଜାହ୍ନବୀଙ୍କ ବିପକ୍ଷରେ ସାଉଥ୍ ଷ୍ଟାର୍ ରାମଚରଣ ନଜରକୁ ଆସିବେ। ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ. ଆର୍. ରହମନ୍ ଏହି ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। 'ଆର୍‌ସି ୧୬' ହେଉଛି ଜାହ୍ନବୀଙ୍କ ଦ୍ୱିତୀୟ ତେଲୁଗୁ ଫିଲ୍ମ। ଏହାପୂର୍ବରୁ ସେ ତେଲୁଗୁ ଫିଲ୍ମ 'ଦେୱରା'ରେ ଅଭିନୟ କରିଥିଲେ।



# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ

**ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ଆସନ୍ତା ରବିବାର ଦୁବାଇରେ ହେବ। ଏଥର ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ନ୍ୟୁଜିଲାଣ୍ଡ। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚର ଅତୀତ ରେକର୍ଡ ଓ ସାମ୍ପ୍ରତିକ ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା...**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ୯ମ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ରବିବାର ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ ମେଗା ଫାଇନାଲ। ଟାଇଟଲ ପାଇଁ ଏଥର ଲଢ଼ିବାକୁ ଯାଉଛନ୍ତି ଭାରତ ଓ ନ୍ୟୁଜିଲାଣ୍ଡ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଏକମାତ୍ର ଅପରାଜେୟ ଦଳଭାବେ ଫାଇନାଲ ଖେଳିବାକୁ ଯାଉଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶକୁ ୬ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ନିଜର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୪ ରନରେ ହରାଇ ନିଜ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଆଗାମୀ ମ୍ୟାଚରେ ବିଜୟୀ ହେଲେ ଭାରତ ୨୦୦୦ ମସିହା ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇପାରିବ। ଅନ୍ୟପକ୍ଷରେ ଏଥର ସମାନ ଗ୍ରୁପରେ ଥିବା ନ୍ୟୁଜିଲାଣ୍ଡ ପାକିସ୍ତାନକୁ ୬୦ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୫ ଉଇକେଟରେ ହରାଇଥିଲେ ହେଁ ତୃତୀୟ ତଥା ଅନ୍ତିମ ମ୍ୟାଚରେ ଭାରତ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ଅର୍ଥାତ୍ ଗ୍ରୁପ୍ 'ଏ'ର ୨ଟି ଯାକ ଦଳ ଏଥର ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଗ୍ରୁପ୍ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳ ରହିଥିଲେ ହେଁ ଶେଷ ପର୍ଯ୍ୟନ୍ତ ତିଷ୍ଠିପାରି ନାହାନ୍ତି।

### ଭାରତ-୧, ନ୍ୟୁଜିଲାଣ୍ଡ ୧

ରେକର୍ଡ ଅନୁସାରେ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ନ୍ୟୁଜିଲାଣ୍ଡ ମୋଟ ୨ ଥର ପରସ୍ପରର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ଦୁଇ ଦଳ ଗୋଟିଏ ଲେଖାଏ ବିଜୟ ସ୍ୱାଦ ଚାଖିଛନ୍ତି। ୧୯୯୮ରେ ଆଇସିସି ନକ୍‌ଆଉଟ ଟ୍ରଫି ନାମରେ ଖେଳାଯାଇଥିବା ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ପ୍ରିଲିମିନାରି ମ୍ୟାଚରେ ଜିମ୍ବାୱେକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଶ୍ରୀଲଙ୍କାଠାରୁ ହାରି ବିଦାୟ ନେଇଥିଲା। ତେଣୁ ଭାରତ-ନ୍ୟୁଜିଲାଣ୍ଡ ଭେଟ ହୋଇ ନ ଥିଲା। ୨୦୦୦ରେ ହୋଇଥିବା ଦ୍ୱିତୀୟ ସଂସ୍କରଣରେ କିନ୍ତୁ ଏହି ଦୁଇ ଦଳ ପରସ୍ପରକୁ ଫାଇନାଲରେ ଭେଟିଥିଲେ। ଏଥିରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୨୬୫ ରନର ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୪୯.୪ ଓଭରରେ ୬ ଉଇକେଟ ହରାଇ ହାସଲ କରିନେଇଥିଲା। ୨୦୦୨ରେ ପ୍ରତିଯୋଗିତାର ନାମ ଆଇସିସି ଚାମ୍ପିୟନ୍ସ ଟ୍ରଫି ହୋଇଥିଲା। ଏଥିରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାରୁ ଭାରତ ସହ ଭେଟ ସମ୍ଭବ ହୋଇ ନ ଥିଲା। ଫାଇନାଲରେ ବର୍ଷା ବାଧକ ହେବାରୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ୨୦୦୪ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ରହି ଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ୨୦୦୬ରେ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲା ଏବଂ ଆଗକୁ ବଢ଼ିପାରି ନ ଥିଲା। ନ୍ୟୁଜିଲାଣ୍ଡ ଗ୍ରୁପ୍ 'ବି'ରେ ଥିବାରୁ ଭେଟ ହୋଇ ନ ଥିଲା। ୨୦୦୯ରେ ମଧ୍ୟ ସମାନ ଫଳାଫଳ ରହିଥିଲା। ୨୦୧୩ରେ ନ୍ୟୁଜିଲାଣ୍ଡ ଗ୍ରୁପ୍ 'ଏ'ରେ ଖରାପ ପ୍ରଦର୍ଶନ କରି ପୁଲ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ହାସଲ ସହ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଇଂଲଣ୍ଡକୁ ୫ ରନରେ ପରାସ୍ତ କରିଥିଲା। ୨୦୧୭ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଶୀଘ୍ର ବିଦାୟ ନେବାରୁ ପରସ୍ପର ମୁକାବିଲା ସମ୍ଭବ ହୋଇ ନ ଥିଲା। ୨୦୨୫ ତଥା ଚଳିତ ସଂସ୍କରଣରେ ଭାରତ ଓ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥରପାଇଁ ପରସ୍ପରର ସମ୍ମୁଖୀନ ହୋଇଥିଲେ। ଏଥିରେ ଭାରତ ବିଜୟ ହାସଲ କରି ରେକର୍ଡକୁ ବରାବର କରିଥିଲା। ଭାରତ ପକ୍ଷରୁ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ନ୍ୟୁଜିଲାଣ୍ଡ ଇନିଂସ ୪୫.୩ ଓଭରରେ ୨୦୫ରେ ସୀମିତ ରହିଥିଲା। ତେଣୁ ଆଗାମୀ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

### ରାଚିନ, କୋହଲି ଆଗରେ

ଚଳିତ ସଂସ୍କରଣରେ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଚମତ୍କାର ଫର୍ମରେ ଅଛନ୍ତି। ସେ ୩ ମ୍ୟାଚରୁ ୭୫.୩୩ ଆଭରେଜରେ ୨୨୬ ରନ ସଂଗ୍ରହ କରି ଟପ୍ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତ ପକ୍ଷରୁ ବିରାଟ କୋହଲି ୪ ମ୍ୟାଚରୁ ୭୨.୩୩ ଆଭରେଜରେ ୨୧୭ ରନକରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଶ୍ରେୟସ ଆୟର ୪୮.୭୫ ଆଭରେଜରେ ୧୯୫ ରନ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଟମ୍ ଲଥାମ ୬୩.୬୬ ଆଭରେଜରେ ୧୯୧ ଓ କେନ୍ ୱିଲିୟମସନ ୪୭.୪୨ ଆଭରେଜରେ ୧୮୯ ରନକରି ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସର୍ବାଧିକ ଉଇକେଟ ହାସଲକାରୀ ତାଲିକାର ଶୀର୍ଷରେ ରହିଛନ୍ତି ନ୍ୟୁଜିଲାଣ୍ଡର ମ୍ୟାଟ ହେନରି। ସେ ୪ ମ୍ୟାଚରୁ ୧୦ ଉଇକେଟ ହାସଲ କରି ସାରିଛନ୍ତି। ଭାରତର ମହମ୍ମଦ ଶାମି ୮ ଓ ବରୁଣ ଚକ୍ରବର୍ତ୍ତୀ ୭ ଉଇକେଟ ନେଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ମଧ୍ୟ ୭ ଉଇକେଟ ନେଇ ଟପ୍-୧୦ ବୋଲରଙ୍କ ମଧ୍ୟରେ ସାମିଲ ଅଛନ୍ତି। ତେଣୁ ଦୁବାଇରେ ବ୍ୟାଟ୍ ଓ ବଲ୍‌ର ଲଢ଼େଇ ଜୋରଦାର ହେବା ଅନୁମାନ କରାଯାଉଛି। ଚଳିତ ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ୨ ଥର ୩୦୦ରୁ ଊର୍ଦ୍ଧ୍ୱ ଦଳଗତ ସ୍କୋର କରିପାରିଛି। ଯାହାକି ଭାରତ ପକ୍ଷରେ ସମ୍ଭବ ହୋଇନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ୬ ଉଇକେଟରେ ୩୬୨ ରନକରି ନ୍ୟୁଜିଲାଣ୍ଡ ଚାମ୍ପିୟନ୍ସ ଟ୍ରଫିରେ ରେକର୍ଡ କରିଥିଲା। ଏଥର ଭାରତର ସର୍ବୋଚ୍ଚ ସ୍କୋର ରହିଛି ୨୬୭/୬। ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସ୍କୋର କରି ଭାରତ ବିଜୟ ହାସଲ କରିଥିଲା।

### ତୃତୀୟ ଥର ଟ୍ରଫି ଜିତିବାର ସୁଯୋଗ

ପ୍ରତିଯୋଗିତାର ୯ ସଂସ୍କରଣରେ ମୋଟ ୧୪ ଦଳ ଟୁର୍ନାମେଣ୍ଟ ଖେଳିଛନ୍ତି। ଏଥର ଆଫଗାନିସ୍ତାନ ଚାମ୍ପିୟନ୍ସ ଟ୍ରଫିରେ ଡେବ୍ୟୁ କରିଥିଲା। ମାତ୍ର ଏହି ଦଳ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅଷ୍ଟ୍ରେଲିଆ ଓ ଭାରତ ସବୁଠାରୁ ସଫଳ ଦଳଭାବେ ୨ ଥର ଲେଖାଏ ଚାମ୍ପିୟନ୍ସ ଟ୍ରଫି ଜିତିସାରିଛନ୍ତି। ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଥରେ ଲେଖାଏ ଟ୍ରଫି ସ୍ୱାଦ ପାଇଛନ୍ତି। ଏଥର ଭାରତ ନିକଟରେ ସର୍ବାଧିକ ସଫଳ ଦଳ ହେବାର ସୁଯୋଗ ରହିଛି। ତେବେ ଏଥିପାଇଁ ଦଳକୁ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ହରାଇବାକୁ ହେବ। ନଚେତ ନ୍ୟୁଜିଲାଣ୍ଡ ସଫଳ ଦଳ ତାଲିକାରେ ଥିବା ଭାରତ ଓ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଯିବ।



ବିରାଟ କୋହଲି

**ଫଳାଫଳ**

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଫଳାଫଳ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ୱେଷ୍ଟଇଣ୍ଡିଜ | ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ | | ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ |
| ୨୦୦୪ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ | ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ |
| ୨୦୦୯ | ଦ.ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ପାକିସ୍ତାନ ୧୮୦ ରନରେ ବିଜୟୀ |



୨୦୦୦ରେ ଭାରତକୁ ହରାଇ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଦଳ।

# ମହିଳା ହକିରେ ନୂଆ ଚେହେରା

ଭାରତୀୟ ମହିଳା ହକିରେ ନୂଆ ଚେହେରା ଭାବେ ଉଭାହୋଇ ବେଶ୍ ପ୍ରଭାବିତ କରିଛନ୍ତି ଋତୁଜା ଦାଦାସୋ ପିସାଲ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪-୨୫ ଆରମ୍ଭରେ ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି କ୍ରମାଗତ ଭଲ ପ୍ରଦର୍ଶନ କରିଛନ୍ତି। କ୍ୟାରିୟରର ପ୍ରଥମ ସିନିୟର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ ଖେଳି ଦୁଇଟି ଗୋଲ ସ୍କୋର କରିଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଭାରତର ସଫଳ ପ୍ରଦର୍ଶନ ପଛରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

ଇଂଲଣ୍ଡ ବିପକ୍ଷ ଭାରତର ଦ୍ୱିତୀୟ ମ୍ୟାଚରେ ଋତୁଜାଙ୍କୁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରେ ଗୋଲ ଦେଇ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ ଏହି ପ୍ରତିଭାବାନ୍ ଖେଳାଳି। ଏହି ଗୋଲ ବଳରେ ଭାରତ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସେ ନିଜର ଅଭିଜ୍ଞତା ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, "ଏହା ମୋର ପ୍ରଥମ ମ୍ୟାଚ ଥିଲା। ଏଥିଯୋଗୁ ମୁଁ ଟିକେ ନର୍ଭସ ଥିଲି। କିନ୍ତୁ ଦଳୀୟ ସାଥୀ ଖେଳାଳି ମୋତେ ସପୋର୍ଟ କରିଥିଲେ। ପଦାର୍ପଣ ମ୍ୟାଚରେ ଗୋଲ କରିବା ସହଜ ନୁହେଁ। ଏଣୁ ପ୍ରଥମ ମ୍ୟାଚରେ ପ୍ରଥମ ଗୋଲ ମୋତେ ଖୁବ୍ ଆତ୍ମବିଶ୍ୱାସ ଦେଇଥିଲା, ଯାହାକି ମୋତେ ଟୁର୍ନାମେଣ୍ଟରେ ସାହାଯ୍ୟ କରିଥିଲା।" ମ୍ୟାଚ ପୂର୍ବରୁ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଦଳର ସିନିୟର ଖେଳାଳିମାନେ ତାଙ୍କୁ ସାହାଯ୍ୟ କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି ଯେ, ମୁଁ ପଦାର୍ପଣ ମ୍ୟାଚରେ ଦଳର ସମର୍ଥନ ଯୋଗୁ ଆଶାନୁଯାୟୀ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିଲି। ମ୍ୟାଚ ପୂର୍ବରୁ ସମସ୍ତେ ମୋତେ ଚିନ୍ତିତ ନହୋଇ ସ୍ୱାଧୀନ ଭାବେ ଖେଳିବାକୁ କହିଥିଲେ। ପଦାର୍ପଣ ମ୍ୟାଚ ଚାପର ମୁକାବିଲା କରିବାରେ ସପୋର୍ଟ ଷ୍ଟାଫ୍ ମଧ୍ୟ ସାହାଯ୍ୟ କରିଥିଲା।

ମୁଁ ଚିନ୍ତା କରିଥିଲି ଯେ, ମୁଁ କ୍ୟାମ୍ପରେ ଖୁବ୍ ପ୍ରାକ୍ଟିସ କରିଛି ଏବଂ ମୁଁ ଯାହା ଶିଖିଛି, ମୋତେ ତାହା ହିଁ କରିବାର ଅଛି। ସ୍ୱାଭାବିକ ହକି ଖେଳିବା ମୋ ଲକ୍ଷ୍ୟ ଥିଲା। ଏଥିଯୋଗୁ ମୁଁ ଗେମ୍‌କୁ ଅଧିକ ଜଟିଳ କରି ନ ଥିଲି। ମୋତେ ପ୍ରସ୍ତୁତ କରିବାରେ ମୁଖ୍ୟ କୋଚ ହରେନ୍ଦ୍ର ସିଂଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କୋଚ୍ ହରେନ୍ଦ୍ର ମୋ ଉପରେ ଆଦୌ ଚାପ ପକାଇ ନ ଥିଲେ। ସେ ମୋତେ କହିଥିଲେ ଯେ, ତୁମେ ଜଣେ ଦକ୍ଷ ଖେଳାଳି ଏବଂ ଭଲ କରିବା ପାଇଁ ଯାହା ଦରକାର, ତାହା ତୁମ ପାଖରେ ଅଛି। ମୋ ପାଇଁ ତାଙ୍କର ମୁଖ୍ୟ ପରାମର୍ଶ ଥିଲା ଯେ, ନିଜ ଗେମ୍‌ର ଆନନ୍ଦ ନିଅ। ସେ ଜଣେ ମହାନ୍ କୋଚ।

ହକି ଇଣ୍ଡିଆ ଲିଗ୍‌ରେ ଋତୁଜା ଖୁବ୍ ଭଲ ଫର୍ମରେ ଥିଲେ। ସେ ଓଡ଼ିଶା ୱାରିଅର୍ସକୁ ଉଦ୍‌ଘାଟନୀ ସଂସ୍କରଣରେ ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲରେ ତାଙ୍କର ଡବଲ ଗୋଲ ବଳରେ ଓଡ଼ିଶା ୱାରିଅର୍ସ ୨-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରିଥିଲା। ଜାତୀୟ ଦଳରୁ ପ୍ରଥମ ଥର ପାଇଁ ଡାକରା ମିଳିବା ସମ୍ପର୍କରେ ସେ କହିଛନ୍ତି ଯେ, ହକି ପ୍ରୋ ଲିଗ୍ ଲାଗି ଘୋଷିତ ଭାରତୀୟ ଦଳ ଦେଖିବା ପରେ ମୁଁ ପ୍ରଥମେ ମୋ ଘର ଲୋକଙ୍କୁ ଫୋନ କରି ଜଣାଇଥିଲି। ମୋ ପରିବାର ଲୋକେ ବହୁତ ଖୁସି ଥିଲେ ଏବଂ ଏହା ମୋ ପାଇଁ କେତେବଡ଼ ସୁଯୋଗ, ସେମାନଙ୍କୁ ବୁଝାଇଥିଲି। ଏତଦ୍ ବ୍ୟତୀତ ଟ୍ରେନିଂ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ଉତ୍ତରରେ କହିଥିଲେ ଯେ, ମୋ ଫିନିଶିଂରେ ସୁଧାର ଆଣିବା ଉପରେ ମୁଁ ପ୍ରାଥମିକତା ଦେଉଛି। ନିର୍ଦ୍ଦିଷ୍ଟ ଭାବେ ମୁଁ ବ୍ୟାକହ୍ୟାଣ୍ଡ ଶର୍ଟ୍ସ ଉପରେ କାମ କରୁଛି। ମୁଁ ଅନୁଭବ କରିଥିଲି ଯେ, ମୋତେ ସ୍କୋର କରିବା ଲାଗି କିଛି ସୁଯୋଗ ମିଳିଥିଲା। କିନ୍ତୁ ମୁଁ ସେଗୁଡ଼ିକୁ ଗୋଲରେ ପରିଣତ କରିପାରି ନ ଥିଲି। ଏଣୁ ମୋତେ ତାହା ଉପରେ ନିରନ୍ତର କାମ କରିବାର ଆବଶ୍ୟକତା ରହିଛି।

୨୦୦୨ ମସିହା ନଭେମ୍ବର ୨୮ ତାରିଖ ମହାରାଷ୍ଟ୍ରର ସାତାରା ଜିଲାର କୋଲକି ଗ୍ରାମରେ ଋତୁଜାଙ୍କ ଜନ୍ମ। ପ୍ରଥମେ ତାଙ୍କ ପ୍ରତିଭାକୁ ପୂର୍ବତନ ଭଲିବଲ ଖେଳାଳି ତଥା ଜଣେ କ୍ରୀଡ଼ା ଶିକ୍ଷକ ଚିହ୍ନଟ କରିଥିଲେ। ଋତୁଜାଙ୍କ ଦୌଡ଼ ଦେଖିବା ପରେ ସେ ତାଙ୍କୁ ସମର ଆଥଲେଟିକ୍ସ କ୍ୟାମ୍ପରେ ଯୋଗ ଦେବାକୁ କହିଥିଲେ। ସେ ୨୦୧୧ରେ ତାଙ୍କୁ ପୁଣେସ୍ଥିତ କ୍ରୀଡ଼ା ପ୍ରବୋଧିନୀ ସ୍କୁଲର ଚୟନ ଶିବିରକୁ ପଠାଇଥିଲେ। ସେଠାରେ ସେ ଭଲ କରିଥିଲେ। ପରେ ଅଲିମ୍ପିଆନ ତଥା ହକି କୋଚ ଅଜିତ ଲାକ୍ରାଙ୍କ ପରାମର୍ଶ କ୍ରମେ ହକିକୁ କ୍ୟାରିୟର ଭାବେ ବାଛିଥିଲେ।

ସେ ୨୦୨୨ରେ ସ୍ୱିଜରଲାଣ୍ଡର ଲୌସାନେଠାରେ ଅନୁଷ୍ଠିତ ହକି ୫ଏସ୍ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଖେଳିଥିଲେ। ୨୦୨୩ରେ ପିସାଲଙ୍କ ପ୍ରତିନିଧିତ୍ୱରେ ଭାରତ ମହିଳା ଜୁନିୟର ଏସିଆ କପ ଜିତିଥିଲା। ଏହାର ପରବର୍ଷ ସେ ଓମାନଠାରେ ଅନୁଷ୍ଠିତ ମହିଳା ଏଫ୍‌ଆଇଏଚ୍ ହକି ୫ ଏସ୍ ବିଶ୍ୱକପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀପିକା ସୋରେଙ୍ଗଙ୍କ ପରେ ପିସାଲ ଟୁର୍ନାମେଣ୍ଟରେ ଭାରତ ପାଇଁ ସର୍ବାଧିକ ଗୋଲ କରିଥିଲେ। ୨୦୨୪ ମେ'ରେ ସେ ଜାତୀୟ ସିନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଏଥିରୁ ତାଙ୍କୁ କୋର ଗ୍ରୁପରେ ଚୟନ କରାଯାଇଥିଲା।



**ଭାରତୀୟ ସିନିୟର ମହିଳା ହକିରେ ନୂଆ ଚେହେରା ଭାବେ ଉଭା ହୋଇଛନ୍ତି ଋତୁଜା ଦାଦାସୋ ପିସାଲ। ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪-୨୫ ଆରମ୍ଭରେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ପଦାର୍ପଣ କରି ସେ ନିଜର ପ୍ରଥମ ମ୍ୟାଚରେ ଗୋଲ ଦେବାସହ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...**

### ହାଇଲାଇଟ୍ସ

ରୋହିତ ଆଣ୍ଡ ଗିଲ୍
ଗଲା ପରେ ଷ୍ଟିଭ୍
ଭାବିଥିଲା ଗଲା କଣ୍ଟା
ଦ୍ୱାରସୁଇସ, ଜାମ୍ପା,
କୋନିଲିକୁ ଦେଲା
ପିଇବାକୁ ନେଇ ଫାଣ୍ଟା
ବଜାଇ ବିରାଟ ଘଣ୍ଟା
ସଙ୍କଟ ମୋଚନ ଭାବେ ଉଭା ହୋଇ
ଭାଙ୍ଗିଲା ଷ୍ଟିଭ୍ ସେନା ଅଣ୍ଟା।

ଟିମ୍ ଇଣ୍ଡିଆ ନେଲା ମୋଟେରା, ଲର୍ଡ୍ସ
ପରାଜୟ ପ୍ରତିଶୋଧ
ଶ୍ରେୟସ, ରାହୁଲ, ଅକ୍ଷର,
ପାଣ୍ଡ୍ୟା ଖେଳ
ଦେଖି ଫ୍ୟାନ ମନବୋଧ
ଭୁଲି ଅହମଦାବାଦ
ଦୁବାଇ କ୍ରିକେଟ ପଡ଼ିଆରେ ବାଘ
କଙ୍ଗାରୁଙ୍କୁ କଲା ବଧ।

ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚ
ବିପକ୍ଷରେ ନ୍ୟୁଜିଲାଣ୍ଡ
ମିଚେଲ, ଫିଲିପ୍ସ, ୱିଲିୟମସନ
ରାଚିନ ବି ବିଗ୍ ମୁଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଦୁବାଇରୁ ଟ୍ରଫି ଧରି ଫେର ଟିମ୍
ବିଶ୍ୱ ଜାଣୁ ଆମେ ଷଣ୍ଢ।
-ସୁବାସ ଚନ୍ଦ୍ର ପ୍ରଧାନ



ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ଓ ଛୁଟି ବାତିଲକୁ ନେଇ ଗୁରୁବାର ଆଚାର୍ଯ୍ୟବିହାର ସ୍କୋୟାରରେ ବିଜେଡି ପକ୍ଷରୁ ଆୟୋଜିତ ପ୍ରତିବାଦ ସ୍ଥଳରେ ଦଳୀୟ ନେତା ଓ କର୍ମୀ।



ଜାଣିଶୁଣି ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭଙ୍ଗାଯିବା ଅଭିଯୋଗ କରି ଗୁରୁବାର ଏୟାରପୋର୍ଟ ସ୍କୋୟାରରେ ଭାଜପା ନେତା କର୍ମୀ ପ୍ରତିବାଦ ଜଣାଉଛନ୍ତି।

# ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଯାଜପୁର/ଯାଜପୁର ରୋଡ଼,୬।୩ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ମହାନ୍ତି)**

ଯାଜପୁର ଜିଲା ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୁରୁବାର ଆଗତ ହୋଇଛି। ଏହି ମର୍ମରେ ୨୬ରୁ ୨୦ ଜଣ କାଉନସିଲରଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଅନାସ୍ଥା ପ୍ରସ୍ତାବ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନାସ୍ଥା ପ୍ରସ୍ତାବରେ ବିଜେଡିର ଉପନଗରପାଳ ସୁବାସ ବଳ, ପାର୍ଥସାରଥୀ ନାୟକ, ଅଶୋକ କୁମାର ରାଉତ, ବିଜୟ କୁମାର ଜେନା, ମନୀନ୍ଦ୍ର ସାହୁ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଉର୍ମିଳା ପରିଡା, ରଶ୍ମିତା ଖୁଣ୍ଟିଆ, ସରୋଜିନୀ ସେଠୀ, ସିଦ୍ଧାର୍ଥ ସାମଲ, କୁମୁଦିନୀ ରାଉତ, ସନ୍ତୋଷ କୁମାର ବରାଳ, ଅଶୋକ କୁମାର ଦାସ, କୁନି ହାଁସଦା, ବୁଦୁନୀ ଦରାଇ, ଦିଲୀପ କୁମାର ସେଠୀ, ଶିବାନନ୍ଦ ନାୟକ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଏକ ତୃତୀୟାଂଶରୁ ଅଧିକ ସଂଖ୍ୟା ଗରିଷ୍ଠତା ଥିବାରୁ ସ୍ୱାକ୍ଷର ଯାଞ୍ଚ କରି ଓଡ଼ିଶା ପୌରପାଳିକା ଆଇନର ଧାରା ୫୪ ଅନୁଯାୟୀ ବୈଠକ ନିମନ୍ତେ ଆଦେଶ ଦେବାକୁ ଅନୁରୋଧ କରାଯାଇଛି।



ଜିଲାପାଳଙ୍କୁ ବିଜେଡି କାଉନ୍ସିଲରମାନେ ଅନାସ୍ଥାପତ୍ର ପ୍ରଦାନ କରୁଛନ୍ତି।

ଏହାସହ ଗତ ୩ ତାରିଖ ପୂର୍ବାହ୍ନ ୧୦ଟାରେ ବ୍ୟାସସରୋବର ମହିମା ଆଶ୍ରମ ପ୍ରାଙ୍ଗଣରେ ହୋଇଥିବା ବୈଠକର ବିବରଣୀ ମଧ୍ୟ ସେଥିରେ ସଂଲଗ୍ନ କରାଯାଇଛି।

ଦୀର୍ଘଦିନ ଧରି ବ୍ୟାସନଗର ପୌରାଧାକ୍ଷା ପିଙ୍ଗୁଆଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେଡି କାଉନସିଲରମାନେ ଯୋଜନା କରି ଆସୁଥିଲେ। ତେବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏହି ଅନାସ୍ଥା ପ୍ରସ୍ତାବ ଗ୍ରହଣ କରି ପୌର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି କାଉନସିଲରମାନଙ୍କୁ କହିଛନ୍ତି। ପୌର ପରିଷଦର ବିକାଶ ପାଇଁ ଆସୁଥିବା ଅନୁଦାନ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିବା ଓ ଅଧ୍ୟକ୍ଷାଙ୍କ ମନଇଚ୍ଛା ନିଷ୍ପତ୍ତିକୁ ନେଇ କାଉନସିଲରମାନେ ଅଭିଯୋଗ କରିଆସୁଥିଲେ। ଅଧ୍ୟକ୍ଷା ବିଜେଡି ଟିକେଟ୍‌ରୁ ସିଧାସଳଖ ନିର୍ବାଚିତ ହୋଇଥିବାରୁ ଦଳୀୟ କାଉନସିଲରମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ। ଦଳୀୟ ସବୁଜ ସଙ୍କେତ ମିଳିବା ପରେ ଏହି କାଉନସିଲରମାନେ ଜିଲାପାଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପ୍ରଦାନ କରିଛନ୍ତି।

# ଏକୁଟିଆ ମେୟର

## ପ୍ରତିବାଦ ସ୍ଥଳରେ ନ ଥିଲେ ବାରବାଟୀ-କଟକର ଆଗଧାଡ଼ିର ନେତା



ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ବାରବାଟୀ-କଟକ ବିଜେଡି ପକ୍ଷରୁ ଦିଆଯାଇଥିବା ଧାରଣାରେ ମେୟର ସୁବାସ ସିଂ ଓ ଅନ୍ୟମାନେ।

**କଟକ,୬।୩(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ଓ ଛୁଟି ବାତିଲକୁ ନେଇ ଗୁରୁବାର ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରିଛି। ଏହି ଅବସରରେ ବାରବାଟୀ-କଟକ ବିଜେଡି ପକ୍ଷରୁ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିବାଦ ସହ ଧାରଣା ଦିଆଯାଇଥିଲା। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂ ଯୋଗଦେଇଥିଲେ। ବାରବାଟୀ-କଟକ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଥିବା ସମ୍ପର୍କରେ ବ୍ୟାନରେ ଲେଖାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ନଗର ସଭାପତି ମଧୁସୂଦନ ଦାସଙ୍କ ସମେତ ବରିଷ୍ଠ ନେତା ଓ ବାରବାଟୀ-କଟକର ପ୍ରାୟତଃ କର୍ପୋରେଟରଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରି କି ଯୁବ ଛାତ୍ରନେତା ମଧ୍ୟ ଯୋଗ ଦେଇ ନ ଥିଲେ। ତେବେ ପୂର୍ବରୁ କେତେକ କାର୍ଯ୍ୟକ୍ରମରେ ଦେବାଶିଷ ଓ ସୁବାସଙ୍କୁ ଏକାଠି ଦେଖିବାକୁ ମିଳି ନ ଥିବାବେଳେ ଦଳ ପକ୍ଷରୁ ଏହି ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମରେ ମଧ୍ୟ ସମାନ ସ୍ଥିତି ନଜରକୁ ଆସିଛି। ସୁବାସଙ୍କ ସହିତ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କେତେଜଣ ହାତଗଣତି କର୍ପୋରେଟର ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ। ତେବେ ବିଜେଡି ସରକାରରୁ ଯିବା ପରେ କଟକରେ ଦଳରେ କନ୍ଦଳ ଦେଖାଦେଇଛି। ଏପରି କି ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ତର୍କ ଜୋର ଧରିଛି। ଏ ସମ୍ପର୍କରେ ମେୟର ସୁବାସ କହିଛନ୍ତି, ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମକୁ ସିଏମ୍‌ସି ଅଧୀନ ୩ ନମ୍ବର ୱାର୍ଡର ସଭାପତି ମନୋରଞ୍ଜନ ମହାପାତ୍ର ଆୟୋଜନ କରିଥିଲେ। ମୁଁ କେବଳ କାର୍ଯ୍ୟକ୍ରମରେ ଯୋଗଦେଇଛି। ଦଳ କିମ୍ବା ନେତାଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ଥିଲୁ ବୋଲି ସୁବାସ କହିଛନ୍ତି।

# ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇ ନାରାବାଜି କଲେ ବିଜେଡି କର୍ମୀ



ବେଗୁନିଆ ଥାନାଛକଠାରେ ବିଜେଡି ନେତା ଓ କର୍ମୀମାନେ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆଙ୍କ କାର୍ ଅଟକାଇ ନାରା ଦେଉଛନ୍ତି।

**ବେଗୁନିଆ,୬।୩(ହର ପ୍ରସନ୍ନ ପଣ୍ଡା)**

ମାର୍ଚ୍ଚ ୫ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଏବଂ ଛୁଟି ବାତିଲ କରିବା ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧା ଜିଲା ବେଗୁନିଆରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କାର୍‌ରେ ବଲାଙ୍ଗୀର ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବେଗୁନିଆ ଥାନା ଛକଠାରେ ବିଜେଡି ନେତା ଏବଂ କର୍ମୀମାନେ ମନ୍ତ୍ରୀ ଖୁଣ୍ଟିଆଙ୍କ ଗାଡ଼ିକୁ ଅଟକାଇ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକଙ୍କ ପ୍ରତି ମନୋଭାବ ନିଷ୍ପତ୍ତି ବିରୋଧରେ ଛି ଛି ନାରା ଦେଇଥିଲେ। କିଛି ସମୟ ପାଇଁ ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି ସହ ତାଙ୍କ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଫଳରେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପରେ ସ୍ଥାନୀୟ ପୋଲିସ ମନ୍ତ୍ରୀଙ୍କ ଗାଡ଼ିକୁ ସୁରକ୍ଷା ଦେଇ ବେଗୁନିଆ ଅତିକ୍ରମ କରାଇଥିଲା। ପରେ ବିଜେଡି ଶୋଭାଯାତ୍ରା ବ୍ଲକ ଛକରେ ପହଞ୍ଚିଥିଲା। ସେଠାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ବିଜେଡି ନେତୃବୃନ୍ଦ ଉଦ୍‌ବୋଧନ ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରତିବାଦ ପତ୍ର ପ୍ରଦାନ କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: **କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ସଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି; ସମାପ୍ତି ଅବଧି: (୧); ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୧୮ଆରଟି; ତାରିଖ ୦୬।୦୩।୨୦୨୫;** ୧. ମେଚେଡ଼ା : ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା କରିବା, ୨. ଘାଟଶିଳା: ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା, ୩. ବେଲଦା : ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୨.୦ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି)ର ବ୍ୟବସ୍ଥା କରିବା, ୪. ଖଡ଼ଗପୁର – ରୂପ୍‌ସା : ଏଡିଇଏନ୍/ଦକ୍ଷିଣ/କେଜିପିଙ୍କ ଅଧୀନରେ ବିଦ୍ୟମାନ ପାଇପ୍‌ଡ ବ୍ରିଜ୍‌ର ପ୍ରତିବଦଳ କରିବା (୧୦ ଗୋଟି) । {(ବ୍ରିଜ୍ ନଂ. ୩ (ଅପ୍ ଇସିଜି), ୧୬ (ଅପ୍ ଇସିଜି), ୮ (ଡାଉନ୍ ଇସିଡି), ୧୩୭ ୟୁପି (ହିଜ୍‌ଲି-ବେଣାପୁର), ୧୩୭ ଡାଉନ୍ (ହିଜ୍‌ଲି-ବେଣାପୁର), ୧୪୨ ଅପ୍ (ହିଜ୍‌ଲି-ବେଣାପୁର), ୪୨ ଡାଉନ୍ (ହିଜ୍‌ଲି-ବେଣାପୁର), ୧୫୯ ଡାଉନ୍ (ବେଣାପୁର-ନାରାୟଣଗଡ଼), ୨୨୭ଏ ଅପ୍ (ଅମର୍ଦା ରୋଡ୍-ବସ୍ତା), ୫ ଏସ୍‌ଏ ଲାଇନ୍ (ଖଡ଼ଗପୁର-ନିମପୁରା)}, ୫. ହଳଦୀପଡ଼ା – ବାଲେଶ୍ୱର: କିମି ୨୨୯/୨୬-୨୮ଠାରେ ବିଦ୍ୟମନ ବ୍ରିଜ୍ ନଂ. ୨୬୫ ପାର୍ଶ୍ୱରେ ୫ ମି. x ୫ ମି. ଆକାରର ଏନ୍‌ଏଚ୍‌ଏସ୍ ନିର୍ମାଣ କରିବା ଏବଂ ୬. ଜକପୁର-ମଦପୁର ମଧ୍ୟରେ ରୋଡ୍ କ୍ରେନ୍ ବ୍ୟବହାର କରି କିମି ୧୦୫/୧-୩ଠାରେ ବ୍ରିଜ୍ ନଂ. ୧୨୩ ଅପ୍ ଏବଂ ମିଡ୍ ଲାଇନର ନୂଆ ପିଏସ୍‌ସି ବ୍ରିଜ୍ ସ୍ଲାବ୍ ଦ୍ୱାରା ପୁରୁଣା ଆରସିସି ସ୍ଲାବ୍‌ର ନବୀକରଣ ସଂକ୍ରାନ୍ତରେ ଓଭରହେଡ୍ ଇକ୍ୱିପ୍‌ମେଣ୍ଟର ସ୍ଲିଭିଙ୍ଗ୍ ଏବଂ ରିସ୍ଲିଭିଙ୍ଗ୍ କରିବା; **₹୯୪,୭୪,୯୪୩.୯୦; ₹୧,୮୯,୫୦୦.୦୦;** ୧୮ ମାସ; (୨); **ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୩୧; ତାରିଖ ୦୬।୦୩।୨୦୨୫;** ସାନ୍ତ୍ରାଗାଛି ୟାର୍ଡ : ପଏଣ୍ଟ ନଂ. ୨୦୮ବି, ୨୦୯ଏ ଠାରେ ଗୋଟିଏ ଡାଇମଣ୍ଡ ଏକ୍ସ-ଇଙ୍ଗ (ଡୋବଲ୍ ସ୍ଲିପ୍)ର ପ୍ରତିବଦଳ କରି ୪ ସେଟ୍ ୬୦ କିଗ୍ରା ୧ ଇନ୍ ୮.୫ ପଏଣ୍ଟ ଓ ଏକ୍ସ-ଇଙ୍ଗର ବ୍ୟବସ୍ଥା କରିବା; **₹୩୬,୩୩,୭୪୫.୦୦; ₹୭୨,୭୦୦.୦୦;** ୦୬ ମାସ; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ); **ଖୋଲାଯିବା ତାରିଖ:** ତା୦୧।୦୪।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ); **ଦାଖଲ ତାରିଖ:** ତା୦୧।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1210)



**CENTRE FOR DISTANCE AND ONLINE EDUCATION (CDOE)**
**FAKIR MOHAN UNIVERSITY,**
**VYASA VIHAR, BALASORE- 756019**

**ADMISSION NOTIFICATION: 2024-2025**

**Letter No.FMU/CDOE-Admission-01/2025/76** **Date: 06.03.2025**

Applications are invited from Eligible candidate for admission into the following UGC approved programmes under ODL mode for the Academic Year 2024-2025, Academic Session beginning February 2025 and Onwards.

**Admission Opening Date: 03.03.2025** **Closing Date: 17.03.2025**

**COURSES OFFERED**

**Post-Graduate (PG) Programmes**

| Courses | Duration | Intake Capacity | Eligibility | Counsellor |
|---|---|---|---|---|
| MA in Odia | 2 Years | 120 | Any Graduate | Dr. Sushree Sangita Swain Mo.7008040325 |
| MA in English | 2 Years | 72 | Any Graduate | Ms. Ipsita Das Mo.7873783005 |
| MA in Sanskrit | 2 Years | 72 | Any Graduate | Dr. Pritiranjan Majhi Mo. 7001509190 |
| MA in Economics | 2 Years | 96 | Any Graduate | Mr. Anirudha Bal Mo. 9853651156 |
| MA in Political Science | 2 Years | 96 | Any Graduate | Dr. Chandan Panigrahi Mo. 9650226218 |
| MA in History | 2 Years | 96 | Any Graduate | Dr. Sikhashree Ray Mo. 8700146566 |
| MA in Sociology | 2 Years | 96 | Any Graduate | Ms. Monalisha Khuntia Mo. 7735868997 |
| MA in Social Work | 2 Years | 48 | Any Graduate | Ms. Rashmirekha Rout Mo. 8342846579 |
| MA in Education | 2 Years | 120 | Any Graduate | Dr. Liparani Panda Mo. 9692678737 |
| Master in Commerce | 2 Years | 120 | Any Graduate | Dr. Raja Ram Majhi Mo. 7205176195 |

Regular P.G. Continuing Students are also eligible for applying for admission in above ODL P.G. Programmes under dual degree mode.

**Admission Procedure:**

Visit the website at **https://fmuniversity.nic.in** and Click on **"Admission to Distance mode (ODL) Programme for the Academic Year 2024-2025"** link for detail information. By paying the Application fee **Rs.600/-** through online, the Candidates can apply online through google link by filling up the given criteria for consideration of the admission into concerned programme **by 17.03.2025**, For Online payment visit the website.

Contact Time: 10.30 A.M.- 5 P.M.

**Sd./-**
**DIRECTOR**



**PUBLIC WORKS DEPARTMENT**
**Sector - 19, North Block, Naya Raipur (C.G.)**
**E-Procurement Tender Notice**
**E-mail: tenders-pwd.cg@gov.in**

**NIT No. 322/TC/EinC/PWD/2024-25** **Dated: 03.03.2025**

**The Engineer-in-Chief, Public Works Department** on behalf of **Governor of Chhattisgarh** invites **percentage rate bids** on electronic tendering system under **RCPLWE RRP-III** in the district of **Bijapur, Kanker & Narayanpur** for construction of **03 Bridges and 01 Road** with estimated cost amounting **Rs.1136.2 Lacs** including their maintenance for five years from the contractors registered with unified registration system (e-registration) in Chhattisgarh. Non registered bidders may submit bid; however the successful bidder must get registered in appropriate class under "Unified Registration System (e-Registration) of Chhattisgarh before signing the agreement.

The bid document shall be available to bidders online free of cost and should be submitted online e-procurement system of Government of Chhattisgarh in **https://eproc.cgstate.gov.in**. Bids form will be available on the website from 05.03.2025 and may be submitted upto 17.00 hrs. on 17.03.2025.

For participating in bidding process, bidders are required to register in the above website with nominal fee of Rs.500/- to be paid online to service provider. For submission of the bids, the bidder is required to have a valid Digital Signature Certificate (DSC) from authorized certifying authorities.

The bidders are required to submit (a) Original bid security in approved form and (b) Original affidavit duly verified and notarized as per clause 4.4 B (a) (ii) and 4.4 B (c) to **Chief Engineer, Tender Cell, First Floor, Nirman Bhawan, PWD, North Block, Sector - 19, Naya Raipur Atal Nagar (C.G.) 492-002** as per provisions of bid document through **Speed/ Registered Post**, failing which the bids shall be declared non-responsive.

Detailed schedule of important dates may be seen on notice board of offices and also available on website of Public Works Department **http://pwd.cg.nic.in**.

G-242505754/5

**Sd./- Chief Engineer (Central Tender Cell)**
**Office of Engineer-in-Chief**
**P.W.D. Naya Raipur Atal Nagar (C.G.)**



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଗାଡି ନିଲାମ ବିକ୍ରୟ**

| ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ସାମନ୍ତରାପୁର ଶାଖା | ଶ୍ରୀ ସତ୍ୟ ରଞ୍ଜନ ପ୍ରଧାନ | MARUTI SUZUKI DZIRE ZXI+, ପଞ୍ଜିକୃତ ନଂ.: OD-02-BV-1043, ନିର୍ମାଣ ବର୍ଷ: ୨୦୨୧ | ଟ.୫,୫୨,୫୦୦/- / ଟ.୫,୦୦୦/- |

ନିଲାମ ତାରିଖ: ୨୫.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ସମୟରୁ, ନିଲାମ ସ୍ଥାନ: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର

ପାର୍କିଂ ୟାର୍ଡ ଠିକଣା: ମେସର୍ସ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ୍ ଡିଟେକ୍ଟିଭ, ସନ୍ତୋଷୀ ମା ମନ୍ଦିର ପଛପାର୍ଶ୍ୱ, ପାତ୍ରପଡା, ଭୁବନେଶ୍ୱର

**ନିୟମ ଏବଂ ସର୍ତ୍ତାବଳୀ :** ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମତି ସହିତ ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ପାର୍କିଂ ୟାର୍ଡରେ ଗାଡିର ଯାଞ୍ଚ କରିପାରିବେ। ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ନିଲାମ ସ୍ଥାନରେ ନିଶ୍ଚିତ ଭାବେ ଉପସ୍ଥିତ ରହିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର ୨୫% ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି **୭ ଦିନ** ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂ ବୈଧାନିକ ଦେୟ / ସମସ୍ତ ଆନୁସଙ୍ଗିକ ଦେୟ ଯଦି ଥାଏ ତାହା ବହନ କରିବେ । ଗାଡି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ** ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । **ଗାଡିର ଯାଞ୍ଚ ଏବଂ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ : ୮୩୩୭୯୧୧୭୩୭ ଏବଂ ୭୦୦୮୩୫୧୨୫୯**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୩.୨୦୨୫** **ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ**



**e-Proccurement Cell**
**ENERGY DEPARTMENT GOVT.OF JHARKHAND**
**Electrical Executive Engineer Electric Works Division, Dhanbad**
**e- Procurement cell**
Very Short E-Tender Reference No- Energy/EWD/Dhanbad/47/2024-25

| Sl. No | Name of work | Estimated Cost (Rs) | Tender Fee (BID Document Fee) | Bid Security (EMD Fee 2%) | Completion Date |
|---|---|---|---|---|---|
| 1 | Provision of underground service cable for academic part of BIT Sindri, Dhanbad. | 1,29,94,181.00 | 10000.00 | 260000.00 | 11 days |
| 2 | Date of Publication of tender on website | 10.03.2025 | | | |
| 3 | Online bid submission period | From 11.03.2025 at 10:30 am to 16.03.2025 at 2:00 pm | | | |
| 4 | Technical Bid Opening Date | 17.03.2025 at 3:00 pm | | | |
| 5 | Name and address of the office inviting tender | Electrical Executive Engineer, Electric Works Division, Dhanbad | | | |
| 6 | Contact no. of Procurement officer | 0326-2311382 | | | |
| 7 | Helpline number of e- Procurement cell | 0651-2490069 | | | |

Note- Only online tender will be accepted.
Any change in B.O.Q can be see on website http://jharkhandtenders.gov.in
Further details can be seen on website http://jharkhandtenders.gov.in

Electrical Executive Engineer
Electric Works Division, Dhanbad.

PR 347994 Energy(24-25)D



See Career Appointment on every Wednesday & Saturday



**झारखण्ड सरकार**
**कार्यपालक अभियंता का कार्यालय पेयजल एवं स्वच्छता प्रमंडल, पाकुड़**

**शुद्धि पत्र – 01**

इस कार्यालय के अति अल्पकालीन निविदा आमंत्रण सूचना संख्या– **DWSD/PKR/34/2024-25** दिनांक 27.022024 जिसका **PR No.- 347379 (24-25)#D** है, में निम्न संशोधन किया जाता है।

| क्र0 | विवरणी | पूर्व प्रकाशित सूचना | संशोधित सूचना |
|---|---|---|---|
| 1 | Date of publication of Tender on Web site | 06.03.2025/ 01:00 PM | 12.03.2025/ 01:00 PM |
| 2 | Last date /Time for receipt of Bid | 26.03.2025/04.00 PM | 03.04.2025/ 04:00 P.M |
| 3 | Date of Pre-bid Meeting/Place | 13.03.2025/01.00 PM | 20.03.2025/01.00 PM/ Engineer-in-Chief, DW&SD, Jharkhand, Ranchi |
| 4 | Last date/time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 26.03.2025/ 04.00P.M | 03.04.2025/ 04:00 P.M |
| 5 | Date of opening of Tender | 27.03.2025/04.00 P.M | 04.04.2025/ 04:00 P.M |

* पूर्व में प्रकाशित सूचना को इस हद तक संशोधित समझा जाय एवं निविदा से संबंधित अन्य सूचनाएँ पूर्ववत् यथावत् रहेगी।

**PR 347983 (Drinking Water and Sanitation)24-25*D** कार्यपालक अभियंता,पेयजल एवं स्वच्छता प्रमण्डल, पाकुड़



**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
**Gate No. 28, Birsa Munda Football Stadium, Morabadi, Ranchi - 834008**
**E-mail Id - directorsportsjharkhand@gmail.com**

**Corrigendum – 2 (NIT No. 10/2024-25 Dated 07.02.2025)**

**Sub:** Corrigendum No. 2 to the above referred NIT No.: 10/2024 dated 7th February 2025 (PR No. 346087 Dated: 07.02.2025 & Corrigendum No. 1 PR No. 346900 Dated: 21.02.2025) against the RFP of Rate contract for supply of Sports and Generic Kits.

**The following changes are incorporated to the RFP:**

| S.N. | RFP Clause Reference | Existing Clause | To be Read as |
|---|---|---|---|
| 1 | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 11.30 AM on 3rd March 2025 | Last date and time for physical submission of Tender, Earnest Money and Samples/Catalogue Up to 11.30 AM on 3rd April 2025 |
| 2 | IFB (Page 2) Date and time for opening of Tender Part -I (Technical Bid) | At 02.30 PM on 3rd March 2025 | At 02.30 PM on 3rd April 2025 |
| 3 | Form Tech 8: Lab Report Format | As per RFP | The Bidder must submit a lab report for warm-up shoes, in accordance with the technical specifications of the warm-up shoes mentioned in Annexure-A, and following the lab report format attached as Annexure-B. |

**Note:**
1. Comprehensive information regarding the corrigendum is available on website – **sports.jharkhand.gov.in**
2. All other terms and conditions mentioned in tender document will remain unchanged.

**Sd/-Director**
**Directorate of Sports & Youth Affairs**
**Jharkhand, Ranchi**

**PR 347942 (Art Culture Sports and Youth Affairs)24-25*D**

# ପଡ଼ୋଶୀଙ୍କ ଘରକୁ ଯିବାରୁ ୫ବର୍ଷୀୟା ଝିଅକୁ ହତ୍ୟା କଲେ ବାପା

**ସୀତାପୁର(ଉତ୍ତରପ୍ରଦେଶ),୬।୩**

୫ ବର୍ଷର ଶିଶୁ। ସେ ଭଲମନ୍ଦ ମଧ୍ୟରେ ପାର୍ଥକ୍ୟ କିଛି ଜାଣିନି। ହେଲେ ସେ ପଡ଼ୋଶୀ ଘରକୁ ଖେଳିବାକୁ ଗଲା ବୋଲି ତାକୁ ଜନ୍ମ କଲା ବାପା ହତ୍ୟା କରିଛନ୍ତି। ଏପରି କି ହତ୍ୟା ପରେ ଶିଶୁକନ୍ୟାକୁ ୪ଖଣ୍ଡ କରି କାଟି ସୋରିଷ ବିଲରେ ପକାଇ ଦେଇଛନ୍ତି। ଏଭଳି ଏକ ନୃଶଂସ କାଣ୍ଡ ଘଟିଛି ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳରେ। ଝିଅକୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟିବା ଅଭିଯୋଗରେ ପୋଲିସ ମୋହିତ ମିଶ୍ରା(୪୦)ଙ୍କୁ ଗିରଫ କରିଛି। ପଡ଼ୋଶୀଙ୍କ ସହିତ ତିକ୍ତତା ଥିବାରୁ ଝିଅକୁ ବାରଣ ସତ୍ତ୍ୱେ ସେ ସେଠାକୁ ଯାଇଥିବାରୁ କ୍ରୋଧ ସମ୍ବରଣ କରି ନ ପାରି ଏଭଳି ଜଘନ୍ୟ କାମ କଲେ ବୋଲି ମୋହିତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।


ଝିଅ ଟାନି ସହ ଅଭିଯୁକ୍ତ ବାପା ମୋହିତ ମିଶ୍ରା।

ଏହି କାଣ୍ଡରେ ମୋହିତଙ୍କୁ ଆଉ କେହି ସହଯୋଗ କରିଛନ୍ତି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ମୋହିତ ନିଜ ସ୍ତ୍ରୀ ପିଲାଙ୍କ ସହ ସୀତାପୁର ଅଞ୍ଚଳରେ ରୁହନ୍ତି। ପଡ଼ୋଶୀ ରାମୁଙ୍କ ସହ ପୂର୍ବରୁ ତାଙ୍କର ଭଲ ସମ୍ପର୍କ ଥିଲା। ଉଭୟେ ଉଭୟଙ୍କ ପରିବାରକୁ ଯିବାଆସିବା କରିବା ସହିତ ବିଭିନ୍ନ ସ୍ଥାନକୁ ଏକାଠି ବୁଲିବାକୁ ମଧ୍ୟ ଯାଇଥାନ୍ତି। ହେଲେ କିଛିଦିନ ତଳେ କୌଣସି କଥାକୁ ନେଇ ରାମୁଙ୍କ ସହ ମୋହିତଙ୍କ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ସୃଷ୍ଟି ହେବା ସହ କେହି କାହା ସହିତ କଥା ହେଉ ନ ଥିଲେ। ଏପରି କି ମୋହିତ ତାଙ୍କ ୫ବର୍ଷର ଝିଅ ଟାନିକୁ ରାମୁଙ୍କ ଘରକୁ ନ ଯିବାକୁ କହିଥିଲେ। ହେଲେ ଟାନି ଏହାକୁ ବୁଝି ପାରି ନ ଥିଲା। ସେ ରାମୁଙ୍କ ଘରକୁ ଖେଳିବାକୁ ଯାଇ ଫେରିବା ବେଳକୁ ବାପା ମୋହିତ ଦେଖିଦେଇଥିଲେ। ଝିଅକୁ ବାରଣ ସତ୍ତ୍ୱେ ସେ ରାମୁଙ୍କ ଘରକୁ ଯାଇଥିବାରୁ ମୋହିତ କ୍ରୋଧ ସମ୍ଭାଳି ପାରି ନ ଥିଲେ। ଝିଅକୁ ବାଇକ୍‌ରେ ବସାଇ କିଛି ଦୂର ଏକ ସୋରିଷ ବିଲ ନିକଟକୁ ନେଇଥିଲେ। ସେଠାରେ ଝିଅ ପିନ୍ଧିଥିବା ପୋଷାକରେ ତାର ମୁହଁପାଟି ବନ୍ଦ ସହ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହାପରେ ମୋହିତ ମୃତଦେହକୁ ୪ଖଣ୍ଡ କରି କାଟିବା ପରେ ସୋରିଷ ବିଲରେ ଏଣେତେଣେ ପକାଇଥିଲେ। ଘଟଣାକୁ ଲୁଚାଇବା ପାଇଁ ଗତ ଫେବୃଆରୀ ୨୫ତାରିଖରେ ଝିଅକୁ କେହି ଅପହରଣ କରି ନେଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୪ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ପ୍ରଥମେ ସୋରିଷ ବିଲ ନିକଟରୁ ମୃତଦେହର ଏକ ଅଂଶ ପୋଲିସ ପାଇଥିଲା। ପରେ ମୃତଦେହର ଅନ୍ୟାନ୍ୟ ଅଂଶ ଜବତ କରିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ମୋହିତଙ୍କ ସ୍ତ୍ରୀ ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ପଚରାଉଚରା କରିଥିଲା। ପୋଲିସ ତଦନ୍ତରୁ ବର୍ତ୍ତିବା ପାଇଁ ମୋହିତ ନିଜ ମୋବାଇଲ ଫୋନ୍‌କୁ ସ୍ତ୍ରୀଙ୍କୁ ଦେଇ କୁଆଡ଼େ ଚାଲିଯାଇଥିଲେ। ମୋହିତ ଚାଲିଯିବା ପରେ ପୋଲିସର ସନ୍ଦେହ ବଢ଼ିଥିଲା। ପରେ ଯେତେବେଳେ ମୋହିତ ଫେରିଲେ, ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ସେ ସତ ସ୍ୱୀକାର କରିବା ସହ ଝିଅକୁ ହତ୍ୟା କରିଥିବା କହିଥିଲେ।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ସମ୍ବଲପୁର,୬।୩(ପ୍ରମୋଦ ବହିଦାର)**

## ନାବାଳିକା ବଳାତ୍କାର ମାମଲା

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳରେ ଗତ ୨୦୧୩ ମସିହାରେ ସଂଘଟିତ ଏକ ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ବନ୍ଧାପୁରର ସୁମନ୍ତ ବେହେରା(୩୧)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୩୭୬ ଓ ୪ପୋକ୍‌ସୋ ଆଇନରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ, ଦଫା ୫୦୬ରେ ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ନାକଟିଦେଉଳ ଥାନା ଅଞ୍ଚଳର ୧୬ ବର୍ଷ ବୟସ୍କା ପୀଡ଼ିତା ୨୦୧୩ ଅକ୍ଟୋବର ୨୩ ସନ୍ଧ୍ୟାରେ ନିକଟସ୍ଥ ଆମ୍ବତୋଟାକୁ ଶୌଚ ପାଇଁ ଯାଇଥିଲେ। ତାଙ୍କୁ ଏକାକୀ ଦେଖି ଅଭିଯୁକ୍ତ ସୁମନ୍ତ ବଳାତ୍କାର କରିଥିଲେ। ସେହି ବାଟଦେଇ କେତେକ ମହିଳା ଆସୁଥିବା ଦେଖି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ପୀଡ଼ିତା ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା ଥିଲେ। ପୀଡ଼ିତାଙ୍କୁ ନେଇ ତାଙ୍କ ପିତା ନାକଟିଦେଉଳ ଥାନାରେ ଏତଲା ଦେଇଥିଲେ। ପୋକସୋ ଆଇନରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ବୟାନ ରେକର୍ଡ

**ପାଟଣାଗଡ଼, ୬।୩ (ସଚ୍ଚିଦାନନ୍ଦ ମହାକୁର)**

## ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

### ୩ ଘଣ୍ଟାର ଜେରା ଭିତରେ ୨୪୫ ପ୍ରଶ୍ନର ଉତ୍ତର ରଖିଲେ

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କ ବୟାନ ରେକର୍ଡ ଗୁରୁବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ହୋଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ଦିଆଯାଇଥିବା ସାକ୍ଷ୍ୟ ପ୍ରମାଣ, ଦଲିଲକୁ ଆଧାରକରି ମାନ୍ୟବର କୋର୍ଟ ପୁଞ୍ଜିଲାଲଙ୍କୁ ୩ ଘଣ୍ଟା ଜେରା କରିବା ଭିତରେ ୨୪୫ ଗୋଟି ପ୍ରଶ୍ନର ଉତ୍ତର ପଚାରିଥିଲେ। ପୁଞ୍ଜିଲାଲ ମଝିରେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ ମଧ୍ୟ ସେ ସମସ୍ତ ପ୍ରଶ୍ନର ଉତ୍ତର ଠିକ୍‌ଠାକ୍ ରଖିଥିଲେ। ଅପରପକ୍ଷରେ କୋର୍ଟ ତାଙ୍କୁ ସାକ୍ଷୀ ଦେବାକୁ ଇଚ୍ଛୁକ କି ବୋଲି ପ୍ରଶ୍ନ କରିବାରୁ ଏହାର ଉତ୍ତର ସେ ଦେବେ ବୋଲି କହିଥିଲେ। ଏହାକୁ ନେଇ କୋର୍ଟ ଆସନ୍ତା ୧୩ ତାରିଖକୁ ସମୟ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ଜଣାପଡ଼ିଛି। ଏପରିକି ସାକ୍ଷ୍ୟ ପ୍ରମାଣ ପରେ ଉଭୟ ପକ୍ଷର ଆର୍ଗୁମେଣ୍ଟ ଶୁଣିଲା ପରେ ଜଜ୍‌ମେଣ୍ଟ ହେବ ବୋଲି ଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।


ପୁଞ୍ଜିଲାଲ ସୁରକ୍ଷା କର୍ମୀଙ୍କ ସହ କୋର୍ଟରୁ ଫେରୁଛନ୍ତି।

ବଲାଙ୍ଗୀର ଜେଲରୁ ପୁଞ୍ଜିଲାଲଙ୍କୁ କଡ଼ା ସୁରକ୍ଷା ବଳୟ ଭିତରେ ପୂର୍ବାହ୍ନ ୧୧ଟା ୨୨ ମିନିଟ୍‌ରେ ପାଟଣାଗଡ଼ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲଙ୍କ ମୁଖ୍ୟ ଓକିଲ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ତାଙ୍କ ସହଯୋଗୀ ସୌମ୍ୟରଞ୍ଜନ ପଣ୍ଡା କୋର୍ଟରେ ଉପସ୍ଥିତ ଥିଲେ। କୋର୍ଟରେ ପୁଞ୍ଜିଲାଲଙ୍କ ସ୍ତ୍ରୀ ଓ ତାଙ୍କର ସାନପୁଅଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ବୟାନ ରେକର୍ଡ ସାରି କୋର୍ଟରୁ ପୁଞ୍ଜିଲାଲ ବାହାରକୁ ବାହାରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ କୌଣସି ପ୍ରଶ୍ନର ଉତ୍ତର ରଖି ନ ଥିଲେ। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁଅ ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହି ଆସୁଛନ୍ତି।

# ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା, ବ୍ୟାଙ୍କ କର୍ମଚାରୀ ଗିରଫ

**ଭୁବନେଶ୍ୱର,୬।୩(ସୂର୍ଯ୍ୟକାନ୍ତ ବେହେରା)**

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ତାଳଚେର ସଦର ଥାନା ଅଞ୍ଚଳର ସୁମନ୍ତ କୁମାର ଆଚାର୍ଯ୍ୟ(୨୫)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଅଭିଯୁକ୍ତ ଜଣକ ଏକ ବେସରକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିବାବେଳେ, ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ଅଟନ୍ତି। ୨୦୨୨ ଜୁନ ମାସରେ ପୀଡ଼ିତା ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ପରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା ଓ ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତଥା ମିଥ୍ୟା ପ୍ରତିଶ୍ରୁତି ଦେଇ ୨୦୨୩ ଅଗଷ୍ଟରେ ପ୍ରଥମ କରି ଶିଶୁବିହାରର ଏକ ଭଡ଼ା ଘରେ ତାଙ୍କ ଇଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ବିବାହ ବିଷୟରେ କହିବାରୁ ଅଭିଯୁକ୍ତ ଜଣଙ୍କ ତାଙ୍କ ପ୍ରସ୍ତାବକୁ ଏଡ଼ାଇ ଯାଇଥିଲେ।

# ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)**

## ଘରୁ ମିଳିଲା ୧୫.୫୫ ଲକ୍ଷ ନଗଦ ଟଙ୍କା, କେଜିଏ ସୁନା

ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଲମାଲ ଫ୍ଲାଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ ମାଣେ ଜାଗାରେ କରିଥିଲେ ଫାର୍ମ ହାଉସ। ଏବେ ବି ଏକ ବହୁତଳ ପ୍ରାସାଦ ନିର୍ମାଣ ଚାଲିଛି। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଯୁଗ୍ମ କମିଶନର(ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି ସୋମବାର ଭିଜିଲାନ୍ସ ଜାଲରେ ଧରା ପଡ଼ିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କଟକର ମୋଟ ୯ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ପ୍ରଦୀପଙ୍କ ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ବାସଭବନ, ଖୋର୍ଦ୍ଧା ଜିଲା ଟାଙ୍ଗିସ୍ଥିତ ପୈତୃକ ଘର, ପୁରୀ ଟାଉନସ୍ଥିତ ସମ୍ପର୍କୀୟଙ୍କ ଘର, କଟକସ୍ଥିତ ଅଫିସ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୯ଟି ଟିମ୍‌ରେ ୨ଜଣ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୨୫ ଏଏସ୍‌ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ପରିବାର ଓ ତାଙ୍କ ନାମରେ ଥିବା ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।


ପ୍ରଦୀପ କୁମାର ମହାନ୍ତି


ଜବତ ଟଙ୍କା

ଭିଜିଲାନ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ୨୪୦୦ ବର୍ଗଫୁଟରେ ଥିବା ବାସଭବନକୁ ଦେଖି ଭିଜିଲାନ୍ସ ତାଟକା ହୋଇଛି। ଏହି ଘରେ ଯାଞ୍ଚ ବେଳେ ନଗଦ ୧୫ ଲକ୍ଷ ୫୫ ହଜାର ଟଙ୍କା ମିଳିଛି। ଏଥିସହ ୧୦୦ ଗ୍ରାମ ଲେଖାଏ ୩ଟି ସୁନା ବିସ୍କୁଟ ସହ ୧.୫ କେଜି ସୁନା ଅଳଙ୍କାର ଠାବ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ରଘୁନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ୪ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ପ୍ରଦୀପ ନିକଟରେ ୧ କୋଟି ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ପୁରୀ ବାଲୁଖଣ୍ଡସ୍ଥିତ ଗୋଟିଏ ନିର୍ମାଣଧୀନ ୩ ମହଲା କୋଠା, ପୁରୀସ୍ଥିତ କ୍ରିଷ୍ଣା ସି ସାଇଡ୍‌ରେ ଦୁଇଟି ଏକ ମହଲା ବିଶିଷ୍ଟ କୋଠା ଠାବ ହୋଇଛି। ଏଗୁଡ଼ିକ ବେନାମୀ ସମ୍ପତ୍ତି ବୋଲି ଭିଜିଲାନ୍ସ ଜାଣିବାକୁ ପାଇ ଅଧିକ ଯାଞ୍ଚ ଜାରି କରୁଛି। ନୟାଗଡ଼ ଜିଲା କୁଶପଲ୍ଲାରେ ୧୪.୭୮ ଡିସିମିଲ୍ ପରିଧିରେ ଏକ ଫାର୍ମ ହାଉସ ସହ ଖୋର୍ଦ୍ଧା, ଭୁବନେଶ୍ୱର, ରଣପୁର, ନୟାଗଡ଼ରେ ପ୍ରଦୀପଙ୍କ ୧୧ଟି ବହୁମୂଲ୍ୟ ପ୍ଲଟ ଥିବା ଜଣାପଡ଼ିଛି। ତେବେ ବିକ୍ରି ସମ୍ପର୍କିତ ଦଲିଲ୍ ଅନୁଯାୟୀ ପ୍ଲଟ୍‌ଗୁଡ଼ିକର ମୂଲ୍ୟ ୨୯.୦୩ ଲକ୍ଷ ହୋଇଥିବା ବେଳେ ପ୍ରକୃତ ମୂଲ୍ୟ ଏହାଠୁ ଢେର ଅଧିକ ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ପକ୍ଷରୁ କୋଠା, ଫାର୍ମହାଉସ, ପ୍ଲଟ୍, ଫ୍ଲାଟ୍ ଆଦିର ହିସାବ କରାଯାଉଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତିଆ ବିରିକି ପାମ୍ପରା ବଡ଼ି**
**ପିତା ଶୁଖୁଆକୁ ଲୁଣ**
**ଛୋପରୀ କାନ୍ଦୁଛି ଛୋପରା ଆଗରେ**
**କାନ୍ଦିବାର କେଉଁ ଗୁଣ?**

ଗୁଣରେ ଏକୁ ଆରେକ। କେହି କାହାକୁ ଯେତେବେଳେ ମନ୍ଦ ନୁହନ୍ତି, ସେତେବେଳେ ଦେଖେଇ ଶିଖେଇ ହୋଇ କଥା କହିବାରେ କିଛି ମୂଲ୍ୟ ରହେନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛୋଟୀ ଗୋଡ଼ରେ ଝୁମୁକା ବଳା**
**କାଣୀ ଆଖିରେ କଜ୍ଜଳ କଳା।**

ଛୋଟୀ ଓ କାଣୀ ଦୁହେଁ ଶାରୀରିକ ସ୍ତରରେ ଭିନ୍ନକ୍ଷମ। ଏପରିସ୍ଥଳେ ଏହି ଦୁହିଁଙ୍କ ପାଇଁ ଉପର ବର୍ଣ୍ଣିତ ହୋଇଥିବା ଅଳଙ୍କାର ଓ ପରିପାଟୀ ଦେଖଣାହାରୀଙ୍କ ଆଖିରେ କେବେବି ଶୋଭନୀୟ ହୋଇପାରୁ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

## ସୁଧୀର ବେହେରା ହତ୍ୟା ମାମଲା

**ବଲାଙ୍ଗୀର,୬।୩ (ବୀରେନ୍ଦ୍ର କୁମାର ଝାଙ୍କର)**

୨୦୨୨ ମସିହାରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲିଠାରେ ସଂଘଟିତ ସୁଧୀର ବେହେରା ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବଲାଙ୍ଗୀର ଆଡିସନାଲ ସେସନ୍ସ ଜଜ୍ (ପ୍ରଥମ ଶ୍ରେଣୀ) ହିମାଂଶୁ ଶେଖର ସିଂ ଏହି ମାମଲାର ବିଚାରକରି ୩ ଅଭିଯୁକ୍ତ ସଞ୍ଜୀବ ମୁଗ୍ରୀ, ବିଶାଳ ସୁନା ଏବଂ ଶିବ ନାଗଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୨ ଜୁଲାଇ ୨ରେ ସୁଧୀର ତାଙ୍କର ସାଙ୍ଗମାନଙ୍କ ସହ ସଦାଇପାଲିକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେଠାରେ ଅଭିଯୁକ୍ତମାନେ ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ସୁଧୀରଙ୍କୁ ପରିବାର ଲୋକେ ସେଠାରୁ ଉଦ୍ଧାରକରି ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଏବଂ ପରେ ବୁର୍ଲା ଭିମ୍‌ସାର ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁଧୀରଙ୍କ ବୁର୍ଲା ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବଲାଙ୍ଗୀର ସଦର ଥାନା ପୋଲିସ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଆଡିସନାଲ ଜଜ୍ ଏହି ମାମଲାର ରାୟ ଶୁଣାଇଥିଲେ। ଏହି ମାମଲାକୁ ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ କୁମାର ପାଢ଼ୀ ପରିଚାଳନା କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର,୬।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଟମ୍ପରଗଡ଼ ତାଲିମାଲ ଗ୍ରାମରେ ଗତ ୨୦୨୦ରେ ଘଟିଥିବା ବିଲାସନ ମୁଣ୍ଡା ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ସେସନ୍ସ ବିଚାରପତି ପ୍ରଜ୍ଞା ପାଣିଗ୍ରାହୀ ଅଭିଯୁକ୍ତ ପ୍ରଶାନ୍ତ ମୁଣ୍ଡା(୩୬)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମୋଟ ୧୮ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ତାଲିମାଲର ପ୍ରଶାନ୍ତଙ୍କୁ ଦଫା ୩୦୨/୩୪ରେ ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୩୦୭/୩୪ରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ହଜାର ଟଙ୍କା ଜରିମାନା ଏବଂ ଅର୍ଥ ଅନାଦାୟ ଅଧିକ ୪ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଉଭୟ ଦଣ୍ଡବିଧାନକୁ ସମାନ୍ତରାଳ ଭାବେ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ମୃତ ବିଲାସନ ମୁଣ୍ଡାଙ୍କ ପିତା ଅମୁସ ମୁଣ୍ଡାଙ୍କ ଜମିରେ ଏକ କ୍ଲବଘର ନିର୍ମାଣ ପାଇଁ ଗ୍ରାମର ୱାର୍ଡସଭ୍ୟ ପ୍ରଶାନ୍ତ ମୁଣ୍ଡା ମନସ୍ଥ କରିଥିଲେ। ଏଥିପାଇଁ ଉକ୍ତ ଜମି ଦେବାକୁ ସେ ଆମୁସଙ୍କୁ କହିଥିଲେ। ମାତ୍ର ଅମୁସ ଏଥିରେ ରାଜି ହୋଇ ନ ଥିଲେ। ପରେ ଏହାକୁ ନେଇ ପ୍ରଶାନ୍ତ ଓ ଅମୁସଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ୨୦୨୦ ଜୁନ୍ ୧୭ରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ପ୍ରଶାନ୍ତ ତାଙ୍କ ସାନଭାଇ(ନାବାଳକ)ଙ୍କ ସହିତ ଏକ କୁରାଢ଼ିରେ ଅମୁସଙ୍କ ସ୍ତ୍ରୀ ଚଞ୍ଚଳା ମୁଣ୍ଡାଙ୍କୁ ଆକ୍ରମଣ କରିଥିଲେ। ମା'ଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ପୁଅ ବିଲାସନ ପ୍ରଶାନ୍ତ ଓ ତାଙ୍କ ସାନଭାଇଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଚଞ୍ଚଳା ଓ ବିଲାସନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ବିଲାସନଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଯୁଯୁମୁରା ଥାନା ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ନାବାଳକ ସାନଭାଇଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରିଥିଲା। ସରକାରଙ୍କ ପକ୍ଷରୁ ଦିପ୍ତୀରଞ୍ଜନ ଷେଣ୍ଢେ ଏହି ମାମଲା ପରିଚାଳନା କରିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫ୍ରିଜ୍ ହେଲା ୫୧ ସନ୍ଦିଗ୍ଧ ବ୍ୟାଙ୍କ ଜମାର ୮୧.୨ କୋଟି

**ସମ୍ବଲପୁର,୬।୩(ପ୍ରମୋଦ ବହିଦାର)**

## ଏମ୍‌ସିଏକ୍ସ-ସିଟି ଟ୍ରେଡିଂ ଠକେଇ ଘଟଣା

ସମ୍ବଲପୁରର ବହୁଚର୍ଚ୍ଚିତ ଏମ୍‌ସିଏକ୍ସ-ସିଟି ଟ୍ରେଡିଂ ଠକେଇ ମାମଲାରେ ପୋଲିସ ୫୧ଟି ସନ୍ଦିଗ୍ଧ ବ୍ୟାଙ୍କ ଜମାଖାତା ସହ ଏଥିରେ ଥିବା ପ୍ରାୟ ୮୧ କୋଟି ୨୦ଲକ୍ଷ ଟଙ୍କାକୁ ଫ୍ରିଜ୍ କରିଛି। ମାଜିଷ୍ଟ୍ରେଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଘଟଣାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଆଚାର୍ଯ୍ୟ(୪୨)ଙ୍କ ଧନୁପାଲି ଥାନା କୁଲୁଥକାନୀ ମାଉଲିନଗରସ୍ଥିତ କୋଠାର ଖାନତଲାସୀ କରାଯାଇଥିଲା। ସେଠାରୁ ଆଚାର୍ଯ୍ୟଙ୍କ ନାମରେ ଥିବା ୫୪ଟି ଟଙ୍କା ଜମା ରସିଦ, ମୋବାଇଲ, ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କମ୍ପ୍ୟୁଟର, ପ୍ରିଣ୍ଟର, ୨ଟି ଟଙ୍କା ଗଣା ମେସିନ, ୯୬ଟି ବଣ୍ଡପତ୍ର, ୨୩ଟି ବିଭିନ୍ନ ବ୍ୟାଙ୍କର କ୍ୟାନ୍‌ସେଲ୍ ଚେକ୍, ଏମ୍‌ସିଏକ୍ସ କମୋଡିଟିକ୍ ଟ୍ରେଡିଂ କମ୍ପାନୀର ଗୋଟିଏ ଓ ଟେଡେକ୍ସ ଏଣ୍ଟରପ୍ରାଇଜ୍ ନାମରେ ଥିବା ୩ଟି ବଡ଼ ଫ୍ଲେକ୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କର ୬ଟି ଜମା ରସିଦ, ଏମ୍‌ସିଏକ୍ସ କମୋଡିଟିକ୍ ଟ୍ରେଡିଂ କମ୍ପାନୀ ନାମରେ ୨୬ଟି ଗ୍ରାହକ କେୱାଇସି, ଗୋଟିଏ ଡାଏରି ଜବତ ହୋଇଛି। ଏହା ପରେ ଅଭିଯୁକ୍ତଙ୍କ କୋଠାକୁ ସିଲ୍ କରାଯାଇଛି ବୋଲି ଏସ୍‌ପି ମୁକେଶ ଭାମ୍ରୁ କହିଛନ୍ତି। ଏହି ଘଟଣାରେ ଏମ୍‌ସିଏକ୍ସ-ସିଟି ଟ୍ରେଡିଂ କମ୍ପାନୀର କେତେଜଣ ଜମାକାରୀ ମଧ୍ୟ ସନ୍ଦେହଘେରରେ ରହିଥିବା ସେ କହିଛନ୍ତି।


ପୋଲିସ ସିଲ୍ କରିଥିବା କୁଲୁଥକାଲନୀସ୍ଥିତ ଅଭିଯୁକ୍ତଙ୍କ ଘର।

ଜିଲା ପୋଲିସ ମୁଖ୍ୟାଳୟରେ ଗୁରୁବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ଉପସ୍ଥିତିରେ ଏସ୍‌ପି ଭାମ୍ରୁ କହିଛନ୍ତି, ଗତ ଫେବୃଆରୀ ୧୬ରେ ଧନୁପାଲି ଥାନାରେ ଏହି ସଂସ୍ଥାର ଅନ୍ୟତମ ନିବେଶକାରୀ ଦେବବ୍ରତ ପାଣିଗ୍ରାହୀ ଓ ଅନ୍ୟ ୪ଜଣଙ୍କ ଏତଲାକ୍ରମେ ଏକ ମାମଲା (ନଂ.୪୧/୨୫)ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଫେବୃଆରୀ ୨୫ରେ ଠକେଇର ମୁଖ୍ୟ ଅଭିଯୁକ୍ତ ଆଚାର୍ଯ୍ୟଙ୍କୁ ପୋଲିସ ଗିରଫ କରିଥିଲା। ମାର୍ଚ୍ଚ ୪ରେ ପୋଲିସ ତାଙ୍କୁ ୨ଦିନିଆ ରିମାଣ୍ଡରେ ନେଇଥିଲା। ତାଙ୍କ ବୟାନ ଅନୁସାରେ ସେ ଗତ ୨୦୧୩ ମସିହାରୁ ଏମ୍‌ସିଏକ୍-ସିଟି ନାମରେ ଏହି ସଂସ୍ଥା ଖୋଲି ମାସିକ ୩ରୁ ୭ ପ୍ରତିଶତ ସୁଧର ଲୋଭ ଦେଖାଇ ଲୋକଙ୍କୁ ତାଙ୍କ ସଂସ୍ଥାରେ ନିବେଶ ପାଇଁ ଆକୃଷ୍ଟ କରୁଥିଲେ। ତେବେ ପ୍ରାଥମିକ ତଦନ୍ତରୁ ବେଙ୍ଗାଲୁରୁରେ ଥିବା ଏମ୍‌ସିଏକ୍ସ ସଂସ୍ଥା ସହିତ ଆଚାର୍ଯ୍ୟଙ୍କ ଏମ୍‌ସିଏକ୍ସ-ସିଟି ସଂସ୍ଥାର କୌଣସି ସମ୍ପୃକ୍ତି ନ ଥିବା ପ୍ରମାଣିତ ହୋଇଛି। ଅପରପକ୍ଷରେ ନିବେଶକାରୀଙ୍କ ଅର୍ଥକୁ ସେ ଅନ୍ୟ କେଉଁଠାରେ ନିବେଶ କରି ନ ଥିଲେ। ବରଂ ନୂତନ ଜମାକାରୀଙ୍କ ଟଙ୍କାକୁ ସୁଧ ଆକାରରେ କେତେଜଣ ନିବେଶକଙ୍କୁ ଫେରସ୍ତ କରି ଆସୁଥିଲେ। ପରବର୍ତ୍ତୀ କାଳରେ ଟଙ୍କା ପରିଚାଳନାରେ ବିଫଳ ହେବା ସହ ଅନ୍ୟାନ୍ୟ କ୍ଷେତ୍ରରେ ନିଜସ୍ୱ ଆବଶ୍ୟକତା ପୂରଣରେ ଅର୍ଥକୁ ବିନିଯୋଗ କରିବାରୁ ୨୦୨୪ ଫେବୃଆରୀ ପରଠାରୁ ଜମାକାରୀଙ୍କୁ ସୁଧ ଟଙ୍କା ଫେରସ୍ତ କରିବାରେ ସେ ବିଫଳ ହୋଇଥିଲେ। ଅଦ୍ୟାବଧି ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ ପାଖାପାଖି ୫ଶହ ଜମାକାରୀ ଏହି ଟ୍ରେଡିଂ କମ୍ପାନରେ ମୋଟା ଅଙ୍କର ଅର୍ଥ ନିବେଶ କରିଥିବା ଆକଳନ କରାଯାଉଛି। ନିବେଶକାରୀଙ୍କ ମଧ୍ୟରେ ଅଧିକାଂଶ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ର ବୋଲି କହିଛନ୍ତି ଏସ୍‌ପି ଭାମ୍ରୁ।

ଉତ୍ତରାଞ୍ଚଳ ଆଇଜି ଲାଲ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଏ ଦିଗରେ କେବଳ ତଦନ୍ତରେ ପୋଲିସ ସୀମିତ ରହିବ ନାହିଁ। ବରଂ ଲୋକଙ୍କୁ ଏଭଳି ଲୋଭନୀୟ ଯୋଜନାର ବଶବର୍ତ୍ତୀ ହୋଇ ଠକେଇର ସମ୍ମୁଖୀନ ନ ହେବା ପାଇଁ ସଚେତନ କରିବା ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଇଜି ଲାଲ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲିଅନ କୋଚ୍ ଫନସେକା ୯ ମାସ ବାସନ୍ଦ


ରେଫରି ଓ କୋଚ୍ ଫନ୍‌ସେକା ମୁହାଁମୁହିଁ।

**ପ୍ୟାରିସ୍,୬।୩(ଏପି):** ଫ୍ରେଞ୍ଚ୍ ଲିଗ୍ ମ୍ୟାଚ୍ ବେଳେ ରେଫରିଙ୍କ ସହ ମୁହାଁମୁହିଁ ହେବାରୁ ଲିଅନ କୋଚ୍ ପାଉଲେ ଫନସେକାଙ୍କୁ ୯ ମାସ ପାଇଁ ବାସନ୍ଦ କରାଯାଇଥିବା ଫ୍ରେଞ୍ଚ୍ ଲିଗ୍ ପକ୍ଷରୁ କୁହାଯାଇଛି। ଏହି ବାସନ୍ଦାଦେଶ ଯୋଗୁ ସେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ମ୍ୟାଚ୍ ବେଳେ ଖେଳାଳିଙ୍କ ନିକଟକୁ ଯାଇପାରିବେ ନାହିଁ ଏବଂ ଦଳୀୟ ଲକରରୁମ୍‌ରେ ମଧ୍ୟ ପ୍ରବେଶ କରିପାରିବେ ନାହିଁ। ଏହି ବାସନ୍ଦାଦେଶ କେବଳ ଘରୋଇ ମ୍ୟାଚ୍‌ରେ ଲାଗୁହେବ। ଫଳରେ ୟୁଇଫା ଦ୍ୱାରା ଆୟୋଜିତ ୟୁରୋପା ଲିଗ୍‌ରେ ଫନସେକା କାର୍ଯ୍ୟ କରିପାରିବେ। ଗତ ରବିବାର ବ୍ରେଷ୍ଟ ଡିପ୍ ବିପକ୍ଷ ମ୍ୟାଚ୍‌ରେ ଫନସେକା ରେଫରି ବେନୋଇଟ ମିଲଟଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏପରିକି ଲିଅନ ଅଧିନାୟକ କୋରେଣ୍ଟିନ ଟୋଲିସୋଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହାପରେ ଫନସେକା ଅବଶ୍ୟ ଦ୍ୱିତୀୟଥର ପାଇଁ ଉକ୍ତ ରେଫରିଙ୍କ ସହ ମୁହାଁମହିଁ ହେବାକୁ ଉଦ୍ୟମ କରିଥିଲେ। ହେଲେ ଲିଅନ ଦଳର କେତେଜଣ ଖେଳାଳି ତାଙ୍କୁ ରୋକିଥିଲେ।

# ପାକିସ୍ତାନ ପାଇଁ ଜାଭେଦ ଓ ଚୟନକର୍ତ୍ତା ଦାୟୀ

**କରାଚୀ, ୬।୩(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏହାର ପୂର୍ବତନ ରେଡ୍‌ବଲ୍ ମୁଖ୍ୟ କୋଚ୍ ଆକ୍ୱିବ ଜାଭେଦ ଓ ଜାତୀୟ ଚୟନକର୍ତ୍ତାଗଣ ଉତ୍ତରଦାୟୀ ରହିବା ଉଚିତ। ଏହା ପାକିସ୍ତାନର ପୂର୍ବତନ ରେଡ୍‌ବଲ ମୁଖ୍ୟ କୋଚ୍ ଜାସନ ଗିଲେସ୍ପି ପ୍ରକାଶ କରିଛନ୍ତି। ଆୟୋଜକ ଦେଶ ନ୍ୟୁଜିଲାଣ୍ଡ ଓ ଭାରତଠାରୁ ସେମାନଙ୍କ ଗ୍ରୁପ୍ ମ୍ୟାଚ୍‌ରେ ପରାସ୍ତ ହୋଇ ଦଳ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ଗିଲେସ୍ପି ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି, ଆକ୍ୱିବ ଟିମ୍ ବ୍ୟାପାର ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହିଁଥିଲେ। ଜାତୀୟ ଚୟନକର୍ତ୍ତାମାନେ ଖେଳାଳି ମନୋନୟନ ଦାୟିତ୍ୱରେ ରହିଥିଲେ। ସେମାନେ ମଧ୍ୟ ଅନେକାଂଶରେ ପାକିସ୍ତାନର ଖରାପ ପ୍ରଦର୍ଶନକୁ ନେଇ ଦାୟୀ ରହିବା ଉଚିତ। ଗିଲେସ୍ପି କହିଛନ୍ତି, ସେ ଯେତେବେଳେ ମୁଖ୍ୟ କୋଚ୍ ଥିଲେ, ପାକିସ୍ତାନ କ୍ରିକେଟ୍‌ର ପ୍ରଚ୍ଛଦପଟେ କିଛିନା କିଛି ଚାଲିଥିବା ସେ ଅନୁଭବ କରିଥିଲେ। ତେଣୁ ଆକ୍ୱିବଙ୍କୁ ଯେତେବେଳେ କୋଚ୍ କରାଗଲା ସେଥିରେ ସେ ଆଶ୍ଚର୍ଯ୍ୟ ନ ଥିଲେ। ଆକ୍ୱିବ କେବଳ ତାଙ୍କୁ ନୁହେଁ, ହ୍ୱାଇଟ୍ ବଲ୍ କୋଚ୍ ଗ୍ୟାରି କର୍ଷ୍ଟେନଙ୍କୁ ମଧ୍ୟ ହେୟଜ୍ଞାନ କରୁଥିଲେ। ଆକ୍ୱିବ ମୁଖ୍ୟ ଚୟନକର୍ତ୍ତା ହେବାକୁ ଚାହୁଁଥିଲେ। ଏହାଦ୍ୱାରା ପାକିସ୍ତାନ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିପାରିବ ବୋଲି ସେ ମନେକରୁଥିଲେ। ଶେଷରେ ତାହା ହିଁ ହେଲା। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଗିଲେସ୍ପି ଓ କର୍ଷ୍ଟେନଙ୍କୁ ମୁଖ୍ୟ କୋଚ୍ ଭାବେ ୨ ବର୍ଷିଆ ଚୁକ୍ତି କରିଥିଲା। ମାତ୍ର ପିସିବି ଓ ବିଦେଶୀ କୋଚ୍‌ଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ନିଯୁକ୍ତିର ୬ରୁ ୮ମ ମାସ ମଧ୍ୟରେ ଦୁଇ ବିଦେଶୀ କୋଚ୍ ପଦ ତ୍ୟାଗକରି ଚାଲିଯାଇଥିଲେ। ବାଂଲାଦେଶ ବିପକ୍ଷ ଏକ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ ୨-ରେ ହାରିଯିବା ପରେ ଫଳତଃ ପିସିବି ଏକ ନୂଆ ସିଲେକ୍ସନ କମିଟି ଗଠନ କରିଥିଲା। ଏଥିରେ ଆକ୍ୱିବ ସିନିୟର ସିଲେକ୍ଟର ରହିଥିଲେ। କମିଟିରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ଆଝାର ଅଲି, ଅସାଦ ଶାଫିକ୍, ଅଲିମ ଦାର ଓ ହସନ ଚିମା। ୨୦୨୪ ଶେଷରେ ଦୁଇ ବିଦେଶୀ ବିଶେଷଜ୍ଞ ଜଣକ ପରେ ଜଣେ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଚୟନକର୍ତ୍ତାମାନେ ସେମାନଙ୍କୁ ଅନ୍ଧାରରେ ରଖିବା ସହ ସେମାନଙ୍କଠାରୁ କ୍ଷମତା ପ୍ରତ୍ୟାହାର କରିନେଇଥିବା ସେମାନେ ଅଭିଯୋଗ କରିଥିଲେ।


ଆକ୍ୱିବ ଜାଭେଦ ଓ ଜାସନ ଗିଲେସ୍ପି।

# ଫାଇନାଲରେ ପାରାମାଉଣ୍ଟ

**ଭୁବନେଶ୍ୱର, ୬।୩(ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ୨୩ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୩୩.୪ ଓଭରରେ ୧୮୮ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦେବାଶିଷ ସାମନ୍ତରାୟ ସର୍ବାଧିକ ୭୧ ଓ ସୁଦର୍ଶନ ସ୍ୱାଇଁ ୩୮ ରନ୍ କରିଥିଲେ। ବିପକ୍ଷ ଦଳର ସୁଶୀଲ ବାରିକ ୫ ଉଇକେଟ ସଫଳତା ପାଇଥିବାବେଳେ ଶୁଭମ୍ ଶତ୍ରୁଜିତ ଓ ସୌମ୍ୟରଞ୍ଜନ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୯ ରନ ବିଜୟ ଲକ୍ଷ୍ୟ ନେଇ ସହିଦ ସ୍ପୋର୍ଟିଂ ପୂରା ୩୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅବିନାଶ ଦାସ ୪୪ ଓ ସୁଶୀଲ ବାରିକ ୪୦ ରନ୍ କରିଥିଲେ। ବିଜୟୀ ଦଳର ସାଇ ଶୁଭମ୍ ଓ ସ୍ୱୟଂ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦେବାଶିଷ ସାମନ୍ତରାୟଙ୍କୁ ଟାଉନ୍ କ୍ଲବର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ପାରା ଭଲିବଲ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ):** ରାଜ୍ୟ ପାରା ଭଲିବଲ ଚୟନ ଟ୍ରାଏଲ୍ସ ଚଳିତ ମାସ ୮ ଓ ୯ ତାରିଖରେ ନୟାପଲ୍ଲୀସ୍ଥିତ କ୍ରୀଡ଼ା ବିଭାଗର ପୁରୁଣା ଅଫିସ୍ ପରିସରରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ଟ୍ରାଏଲ୍ସରୁ ଜାତୀୟ ସିନିୟର ମହିଳା ଓ ପୁରୁଷ ସିଟିଂ ଭଲିବଲ ଚାମ୍ପିୟନଶିପ୍ ପାଇଁ ଖେଳାଳି ମନୋନୀତ ହେବେ। ଟ୍ରାଏଲ୍ସ ପାଇଁ ଶୁକ୍ରବାରକୁ ଏଣ୍ଟ୍ରିର ଶେଷଦିନ ଧାର୍ଯ୍ୟ କରାଯାଇଛି।

# ଟାଇମ୍ଡ ଆଉଟ୍ ହେଲେ ସୌଦ ଶକିଲ



**ରାୱଲପିଣ୍ଡି,୬।୩(ପି.ଟି.):** ନିକଟରେ ଚାମ୍ପିୟନ୍ସ ଟ୍ରଫିରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର ସୌଦ ଶକିଲ ପ୍ରଥମଶ୍ରେଣୀ ଟୁର୍ନାମେଣ୍ଟର ପ୍ରେସିଡେଣ୍ଟ୍ସ କପ୍ ଫାଇନାଲରେ ଟାଇମ୍ଡ ଆଉଟ ହୋଇଛନ୍ତି। ନିଜ ପାଳି ଲାଗି ଅପେକ୍ଷା କରିଥିବା ବେଳେ ସେ ଡ୍ରେସିଂରୁମ୍‌ରେ ଶୋଇପଡ଼ିଥିଲେ। ସେ ପାକିସ୍ତାନ କ୍ରିକେଟ୍‌ର ପ୍ରଥମ ଓ ମୋଟ୍ ଉପରେ ସପ୍ତମ ବ୍ୟାଟର ଭାବେ ଟାଇମ୍ଡ ଆଉଟ୍ ହୋଇଛନ୍ତି। ଏହି ମ୍ୟାଚ୍ ମଙ୍ଗଳବାର ରାତିରେ ଷ୍ଟେଟ ବ୍ୟାଙ୍କ ଓ ପିଟିଭି ମଧ୍ୟରେ ଖେଳାଯାଇଥିଲା। ରମ୍‌ଜାନ ମାସ ଚାଲିଥିବାରୁ ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ରୂପେ ଫ୍ଲଡ୍‌ଲାଇଟ୍ସରେ ହୋଇଥିଲା। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରୁ ବିଳମ୍ବିତ ରାତି ୨ଟା ୩୦ ପର୍ଯ୍ୟନ୍ତ ଖେଳାଯାଉଛି। ପାକିସ୍ତାନ ଘରୋଇ କ୍ରିକେଟ ଇତିହାସରେ ପ୍ରଥମଥର ଏଭଳି ମ୍ୟାଚ୍ ଖେଳାଯାଉଛି। ଫାଇନାଲରେ ଶକିଲ ଷ୍ଟେଟ୍ ବ୍ୟାଙ୍କ ଲାଗି ଖେଳୁଥିଲେ ଏବଂ ତାଙ୍କ ଦଳ ବ୍ୟାଟିଂ କରୁଥିବା ବେଳେ ସେ ତାଙ୍କ ପାଳି ଲାଗି ଅପେକ୍ଷା କରି କରି ଶୋଇପଡ଼ିଥିଲେ। ଫଳରେ କ୍ରିଜ୍‌ରେ ପହଞ୍ଚିବା ଲାଗି ତାଙ୍କୁ ଧାର୍ଯ୍ୟ ୩ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ଜଣେ ନୂଆ ବ୍ୟାଟରଙ୍କ ଲାଗି କ୍ରିଜ୍‌ରେ ପହଞ୍ଚି ଗାର୍ଡ ନେବା ଲାଗି ୩ ମିନିଟ୍ ସମୟ ଦିଆଯାଇଛି। ଶକିଲ କ୍ରିଜ୍‌ରେ ପହଞ୍ଚିବା ପରେ ପିଟିଭି ଦଳର ଅଧିନାୟକ ଅମାଦ ଭଟ୍ଟ ଅମ୍ପାୟରଙ୍କ ନିକଟରେ ଟାଇମ୍ଡ ଆଉଟ୍ ଅପିଲ କରିଥିଲେ। ଶକିଲ ପାଭିଲିଅନ ଫେରିବା ପରେ ପାକିସ୍ତାନ ସୀମିତ ଓଭର କ୍ରିକେଟ୍ ଦଳର ସଦସ୍ୟ ଇର୍ଫାନ ଖାନ୍ ନିଆଜି କ୍ରିଜ୍‌କୁ ଆସିଥିଲେ। ତାଙ୍କୁ ପ୍ରଥମ ବଲରେ ବୋଲ୍ଡ କରି ମହମ୍ମଦ ଶେହଜାଦ ନିଜର ହାଟ୍ରିକ ପୂରଣ କରିଥିଲେ। ସୂଚନା ଯେ, ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଶ୍ରୀଲଙ୍କାର ଭେଟେରାନ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କୁ ଟାଇମ୍ଡ ଆଉଟ ଦିଆଯାଇଥିଲା।

**Classified Everyday**
0674-2580101, 9692975378


**REAL ESTATE**
**SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Gated community triplex in Jaydurganagar, Bhubaneswar 2.30 cores. Call- 8917520527. D-3175

**3 Storied 5 Bedroom new construction individual duplex house sale at NH-5, Goharia Chhak, Bhubaneswar, cost @ 1cr. 25lakh (final price)- 9938867397.** D-3181

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**44 Dcml. (1920Sqft.) Gharabadi Boundary wall plot sale at Bhaktamadhu Nagar, near ITER College, Jagamara. Price 95 Lakh, negotiable. Only Genuine buyer call for details: 9438220432/ 8144658008.** D-3180

**LEASE**

Sharing of a commercial plot 10000sft. at NH side of Nakhara-Niali Road for apartment. 7809525452. D-76426

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Full body massage by odia therapist in homely atmosphere. 9556498382. D-75363

Positively health benefited spa by expert therapist. 7750040475. D-76199

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated 24.02.2025, I, Jatindra Kumar Panda, Address: At/P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my Son's name from Robert Panda to Roneet Panda. Henceforth, he shall be known as Roneet Panda for all purposes. D-3182

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Dharmasala, dated 03.03.2025, I, Kamala Dei, Address: At-Choramuhan, P.O./P.S.-Dharmasala, Dist.-Jajpur, Odisha-755008 declare that I have changed my name from Kamala Behera to Kamala Dei. Henceforth, I shall be known as Kamala Dei for all purposes. D-3183

By virtue of an affidavit sworn before the Executive Magistrate, Dharmasala, dated 27.02.2025, I, Arati Roul, Address: At-Alarpur, P.O.-Kotapur, P.S.-Dharmasala, Dist.-Jajpur, Odisha-755008 declare that I have changed my son's name from Provoujite Roul to Prabhujit Roul. Henceforth, he shall be known as Prabhujit Roul for all purposes. D-3184

By virtue of an affidavit sworn before the Notary Public, Deogaon, I, Shusanta Mahakur, R/o- At./P.O.- Udar, Via- Jarasingha, P.S.- Deogaon, Dist.- Balangir, PIN-767067, Odisha declare that I have changed my name from Shusanta Mahakur to Susanta Kumar Mahakur. Now onwards I shall be known as Susanta Kumar Mahakur for all purposes. D-3189

By virtue of an affidavit sworn before Executive Magistrate, Khorda Aff. No.- 598, Dt. On 5.3.2025, I Manju Dei, W/o- Bhimsen Behera, At/P.O.- Kaipadar, P.S.-Khordha sadar, Dist.-Khordha, 752056, declare that I have changed my name from Manjulata Behera to "Manju Dei". Henceforth, I shall be known as Manju Dei for all purposes. D-73577

By virtue of an affidavit sworn before Executive Magistrate, Puri on dated 21.Feb.2025, Miss SASMITA SWAIN, C/o- DEBADUTTA SWAIN at Khandia Bandha, P.O.- Gopinathpur, PIN- 752002, Dist.- Puri, D.O.B 30.06.1997 changed my name Sasmita Sasmal, D/o- Bhimasen Sasmal at Dhanikera, P.O.- Basudevpur, PIN- 752013. Both Sasmita Sasmal and Sasmita Swain belong to one and same person. Henceforth, I shall be known as Sasmita Sasmal for all purposes. D-3186

By virtue of an affidavit sworn before the Executive Magistrate, kujang, Jagatsinghpur, I, Soumendra Kumar Barik, Village- Jhampulakuda, Post- Bishnupur, P.S.- Nimapada, Dist.- Puri, at present NA/296, Nuabazar, Paradip, Dist.- Jagatsinghpur. My son's Birth Certificate mentioned Soumendra Barik. That both the name are one and same person. Henceforth, I shall be known as Soumendra Kumar Barik for the all future purposes. D-3179

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

By virtue of an affidavit No.- 1577, dtd. 05.03.2025 sworn before Executive Magistrate, Dhenkanal, I, Diptimayee Mohanty, W/o- Subhransu Prasad Mohanty, Vill- Kunjakanta, P.S.-Town, Dist.-Dhenkanal declare that I have change my daughter's name from Swatee Souprava Mohanty to Swatee Swayamprava Mohanty & my husband's name from Subhrunsu Prasad Mohanty to Subhransu Prasad Mohanty. Henceforth, my daughter will be known as Swatee Swayamprava Mohanty and my husband will be known as Subhransu Prasad Mohanty for all purposes.
Diptimayee Mohanty. D-75495

By virtue of an affidavit before Notary Public, Kantabanji, bearing No.- 502 on dtd.06.03.2025, that before my marriage I known as "Mamata Bhoi", D/o-Paramanand Bhoi" which is mentioned in my Educational Certificates and after marriage to "Himanshu Sekhar Sahoo" of Village: P.O.-Kanut, P.S.- Belpara, Dist.- Bolangir, I known as Mamata Sahoo, W/o-Himanshu Sekhar Sahoo which is also recorded in my Aadhaar Card. Whereas Mamata Bhoi and Mamata Sahoo, W/o- Himanshu Sekhar Sahoo is one and same and my native name "Mamata Bhoi" is to be update in my Aadhaar Card in place of Mamata Sahoo. D-3178

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

FORM No.-1-A
SUMMONS/NOTICES FOR SERVICE BY ADVERTISEMENT IN NEWSPAPER (Order-5 Rule-20)
IN THE HON'BLE COURT OF THE CIVIL JUDGE, SENIOR DIVISION, KORAPUT.

Between

CS 49/2011

Bhagaban Khillo & another .....Plaintiffs
VS
K. Satyanarayan & oth .....defendants

To
1. Namita Rani Haldar, aged about 51 years, W/o- Late Khirod Chandra Haldar, Vill: P.O./P.S.- Narayanpana, Dist.- Koraput, 2. Debabrata Haldar, aged about 36 years, S/o- Late Khirod Chandra Haldar, Vill: P.O./P.S.- Narayanpatna, Dist.- Koraput

WHEREAS the plaintiffs have instituted against you.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such question on the 24th day of March 2025 at 10.30.A.M to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that in default of your appearance on the day before mentioned, the suit will be hard and determined in your absence.

Given under my hand and seal of the Court, this 04th day of Mar. 2025

Sd./- Civil Judge, (Sr. Division), Koraput.
D-3176

## ସଂକ୍ଷେପରେ

### ଶିଶୁମନ୍ଦିରର ୩୦ତମ ବାର୍ଷିକ ଉତ୍ସବ

**କୋମନା,୬।୩ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ମୁଖ୍ୟ ଅତିଥି, ଦକ୍ଷିଣ ପଶ୍ଚିମ ସମ୍ଭାଗ ସମ୍ପାଦକ ପ୍ରାଧ୍ୟାପକ ରୁଦ୍ରମାଧବ ବାରିକ ମୁଖ୍ୟବକ୍ତା ଓ ଭାଜପାର ଅଭିନନ୍ଦନ ପଣ୍ଡା, କଣ୍ଡେତରା ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନ ସୁନ୍ଦର ହୋତା, ଯୁବରାଜ ପଟେଲ, ଦିଗମ୍ବର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ବାରିକ ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ଶାରୀରିକ, ମାନସିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

**ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ବାତିଲକୁ ବିରୋଧ**

**ଭବାନୀପାଟଣା,୬।୩(ଉତ୍ତମ କୁମାର ଦାଶ)**



ପ୍ରତିବାଦ ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ବାତିଲ ଓ ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ପ୍ରସଙ୍ଗଙ୍କୁ ନେଇ ଗୁରୁବାର କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଶତାଧିକ ବିଜେଡି କର୍ମକର୍ତ୍ତା ଯୋଗଦେଇ ମୋହନ ସରକାରଙ୍କୁ ସମାଲୋଚନା କରିବା ସହିତ ଆଗାମୀ ଦିନରେ ପଞ୍ଚାୟତିରାଜ ଦିବସର ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ମାର୍ଚ୍ଚ ୫ ପଞ୍ଚାୟତିରାଜ ଦିବସରେ ସରକାରୀ ଛୁଟିକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ଏହାସହିତ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ। ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ବିଜୁବାବୁଙ୍କ ଅବଦାନ ପାଇଁ ତାଙ୍କ ଜନ୍ମଦିନରେ ୧୯୯୩ ମସିହାଠାରୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା। ହେଲେ ବର୍ତ୍ତମାନର ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇ ଜଣେ ସମ୍ମାନାସ୍ପଦ ମହାନ୍ ରାଷ୍ଟ୍ରନାୟକଙ୍କୁ ଅସମ୍ମାନ କରିଛନ୍ତି ବୋଲି ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ କହିଛନ୍ତି।

୧୯୬୧ ମସିହାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳରେ ମାନବ ସମ୍ବଳ ଓ କୁଟୀର ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୦ରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ ସେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳଦୁଆ ପକାଇଥିଲେ ଏବଂ ଜିଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ରାଜ୍ୟ ବିଧାନସଭାରେ ବିଲ ପାରିତ କରିଥିଲେ। ବିଜୁବାବୁଙ୍କ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ନିଷ୍ପତ୍ତି ୧୯୯୨ ମସିହାରେ ସମ୍ବିଧାନର ୭୪ତମ ସଂଶୋଧନ ମାଧ୍ୟମରେ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ବିଜୁବାବୁଙ୍କ ଦୂରଦର୍ଶୀ ନିଷ୍ପତ୍ତି ଫଳରେ ଏହି ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହୋଇପାରିଥିଲା। ତାଙ୍କର ଏହି ଅବଦାନକୁ ସ୍ମରଣୀୟ କରିବା ପାଇଁ ରାଜ୍ୟରେ ବିଜୁବାବୁଙ୍କ ଜନ୍ମଦିନରେ ଅର୍ଥାତ୍ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ହୋଇଆସୁଛି। ହେଲେ ଏହାକୁ ବାତିଲ କରିବା ଦୁର୍ଭାଗ୍ୟଜନକ ବୋଲି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଜିଲା ବିଜେଡି ସଭାପତି ସିଂହଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଦୁଷ୍ମନ୍ତ ନାଏକ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର, ପ୍ରଦୀପ ମୁଣ୍ଡ, ଜାକିର ହୁସେନ, ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ପ୍ରଶାନ୍ତ ନାଏକ, ଟିକେଲାଲ ସାହୁଙ୍କ ସମେତ ଭବାନୀପାଟଣା ମ୍ୟୁନିସିପାଲିଟିର ସମସ୍ତ ବିଜେଡି କାଉନସିଲର ଯୋଗଦେଇଥିଲେ।

### ଛଞ୍ଚାଣବାହାଲିରେ ବ୍ଲକ୍‌ସ୍ତରୀୟ ଖେଳ ପ୍ରତିଯୋଗିତା

**ବେହେରା,୬।୩(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଛଞ୍ଚାଣବାହାଲି ଗ୍ରାମ ଖେଳ ପଡ଼ିଆରେ ୨ଦିନ ଧରି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଆୟୋଜନକ୍ରମେ ଛଞ୍ଚାଣବାହାଲି ଠାକୁରାଣୀ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ଫୁଟ୍‌ବଲ, କବାଡ଼ି, ୧୦୦ ମି. ଦୌଡ଼, ବ୍ୟାଡ୍‌ମିଣ୍ଟନ, ସ୍ଲୋ ସାଇକ୍ଲିଂ ଆଦି ଖେଳ ଆୟୋଜନ ହୋଇଥିଲା। ଏଥିରେ ଧର୍ମଗଡ଼ ବ୍ଲକ୍‌ର ବିଭିନ୍ନ ଯୁବ ଅନୁଷ୍ଠାନର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ଜୋନ୍ ୨ ଜିଲା ପରିଷଦ ଶଙ୍କର ପ୍ରସାଦ ଜୁଏଡ ଓ ସମ୍ମାନିତ ଅତିଥି ଭାବରେ ଛଞ୍ଚାଣବାହାଲି ସମିତି ସଭ୍ୟ ଚର୍ଚ୍ଚିକା ଗୋପାଳ, ଠାକୁରାଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିହର ପାଣିଗ୍ରାହୀ, ଖେଳ ଶିକ୍ଷକ ହେମନ୍ତ ମୁନିଆ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ମହେଶ୍ୱର ଜୁଏଡ, ଗୋଲାପ ଚନ୍ଦ୍ର ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମା' ଠାକୁରାଣୀ ସାଂସ୍କୃତିକ ସଙ୍ଗଠନର ସଭାପତି, ସମ୍ପାଦକ ଓ ସଦସ୍ୟ ସହଯୋଗ କରିଥିଲେ।

### ଡିକି ଖୋଲି ଲୁଟିନେଲେ ୪ ଲକ୍ଷ

**ଧର୍ମଗଡ଼,୬।୩(ଆକାଶ କୁମାର ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ରେ ପୁଣି ଲୁଟେରା ଗ୍ୟାଙ୍ଗର ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ଟିଟିଆ ଗ୍ରାମର କାଳିଆ ସତନାମୀଙ୍କ ଡିକି ଖୋଲି ୪ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ସୂଚନା ଅନୁଯାୟୀ ସତନାମୀ ଧର୍ମଗଡ଼ ଷ୍ଟେଟ ବ୍ୟାଙ୍କରୁ ୪ଲକ୍ଷ ଟଙ୍କା ଉଠାଇ ଡିକିରେ ରଖି ସହର ଭିତରେ ଥିବା ଏକ ଫଳ ଦୋକାନରୁ କିଛି ଫଳ କିଣିବା ସହ ଘରୋଇ ସାମଗ୍ରୀ କିଣିଥିଲେ। ବଜାର ସାରି ସେ ନିଜ ଘରକୁ ଫେରି ଡିକି ଖୋଲିବା ବେଳକୁ ଏହା ପୂର୍ବରୁ ଖୋଲାଯାଇଥିବା ଓ ଏଥିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଲୁଟେରାମାନେ ତାଙ୍କୁ ବ୍ୟାଙ୍କରୁ ତାଙ୍କୁ ଅନୁଶରଣ କରିବା ସହ ସୁଯୋଗ ଦେଖି ଟଙ୍କା ଲୁଟ କରିଥିବା ଅନୁମାନ କରାଯାଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# 'ଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିବ 'ସମର୍ଥ' ଛାତ୍ରୀବୃତ୍ତି'

**ଭବାନୀପାଟଣା,୬।୩ (ଉତ୍ତମ କୁମାର ଦାଶ)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଳାହାଣ୍ଡି ଜିଲାରେ ନାରୀ ଶିକ୍ଷାର ବିକାଶ ପାଇଁ କଲ୍ୟାଣୀ ଟ୍ରଷ୍ଟ, ଭବାନୀପାଟଣାସ୍ଥିତ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ମାଧ୍ୟମରେ କାର୍ଯ୍ୟ କରିଆସୁଛି। କେତେକ କ୍ଷେତ୍ରରେ ନାରୀ ଶିକ୍ଷା ପ୍ରତି ପାତରଅନ୍ତର ନୀତି ଓ ଅର୍ଥ ସମସ୍ୟା କାରଣରୁ ଅନେକ ଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ନାରୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅନୁଷ୍ଠାନର ଜନସମ୍ପର୍କ ଅଧିକାରୀ (ପିଆରଓ) ଘରକୁ ଘର ବୁଲି ବୁଝାଇଥାନ୍ତି। ଛାତ୍ରୀଙ୍କ ଶିକ୍ଷାରେ ଆର୍ଥିକ ସମସ୍ୟା ଦୂର କରିବା ପାଇଁ 'ସମର୍ଥ' ଛାତ୍ରୀବୃତ୍ତି ମେଧାବୀ ଛାତ୍ରୀଙ୍କୁ ଦେଇଆସୁଛୁ ବୋଲି ଅନୁଷ୍ଠାନର ପରିଚାଳନା କମିଟି ଅଧ୍ୟକ୍ଷା ନମିତା ସାହୁ ଗୁରୁବାର ମହାବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଯୁକ୍ତ ୨ ଅଧ୍ୟକ୍ଷା ଦୀପା ସାହୁଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ 'ସମର୍ଥ' ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ବେହେରା ସୂଚନା ଦେଇ କହିଥିଲେ, ଆସନ୍ତା ୯ ତାରିଖ ସକାଳ ୯ଟାରେ ମହାବିଦ୍ୟାଳୟ ପରିସରରେ ୫୦ମାର୍କର ଲିଖିତ ଓ ୩୦ମାର୍କର ମୌଖିକ ପରୀକ୍ଷା ଆୟୋଜିତ ହେବ। ଏଥିରେ ଯୋଗ୍ୟ ବିବେଚିତ ଛାତ୍ରୀମାନଙ୍କୁ ବର୍ଷକୁ ୯୯,୦୦୦ଟଙ୍କା, ଦୁଇବର୍ଷକୁ ମୋଟ ୧,୯୮,୦୦୦ଟଙ୍କାର ଛାତ୍ରୀବୃତ୍ତି ପ୍ରଦାନ କରାଯିବ। ଫଳରେ ଛାତ୍ରୀମାନେ ମାଗଣାରେ ରହିବା, ଖାଇବା ସହ ପାଠ ପଢ଼ିପାରିବେ। ଖବରଦାତା ସମ୍ମିଳନୀରେ ଅଧ୍ୟାପିକା ହିମାଦ୍ରୀ ମହାରଣା ସହଯୋଗ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଳ,୬।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଅନ୍ତର୍ଗତ ଚଟରାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ପ୍ରଧାନ ଶିକ୍ଷକ ନବିନ ଚନ୍ଦ୍ର ଦାଶ, ସହକାରୀ ଶିକ୍ଷକ ଚକ୍ରଧର ନିଆଲ, ସହକାରୀ ଶିକ୍ଷକ ଶଙ୍କର ପ୍ରସାଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ନବିନ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁଭଦ୍ରା ଯୋଜନା ଉପରେ ପଥପ୍ରାନ୍ତ ସଭା


ଧର୍ମଗଡ଼ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ଧର୍ମଗଡ଼, ୬।୩ (ଆକାଶ କୁମାର ଜଗତ)**

ବାଦ ପଡ଼ିଥିବା ମହିଳା କିପରି ସୁଭଦ୍ରା ଯୋଜନାରେ ସାମିଲ ହେବେ ଏବଂ ଯେଉଁ ମହିଳା ଏହି ଯୋଜନାରେ ଟଙ୍କା ପାଇଛନ୍ତି ତାହାକୁ ଛୋଟ ବ୍ୟବସାୟରେ ବିନିଯୋଗ କରି ପରିବାର ପ୍ରତିପୋଷଣ କରିପାରିବେ ତାହାକୁ ନେଇ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଧର୍ମଗଡ଼ ବ୍ଲକ ଛିଲପାଗଡ଼ ପଞ୍ଚାୟତଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଓ ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାଏକ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ସମାଜସେବୀ ହିମାଂଶୁ ଶେଖର ପଣ୍ଡା, ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଯୋଗ ଦେଇଥିଲେ। ଅତିଥିମାନେ ମହିଳାମାନେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କା ଉପଯୋଗ କରି କିଭଳି ସ୍ୱାବଲମ୍ବୀ ହୋଇପାରିବେ ତାହାର ଉଦାହରଣ ଦେଇ ବୁଝାଇଥିଲେ। ମଞ୍ଚକୁ ସରପଞ୍ଚ ପ୍ରଧାନୀ ପରିଚାଳନା କରିଥିବା ବେଳେ ସିଡିପିଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଲୋକଦୃଷ୍ଟି କଲେଜର ବାର୍ଷିକୋତ୍ସବ

**ଖଡ଼ିଆଳ,୬।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗଡ଼ରାମୁଣ୍ଡାସ୍ଥିତ ଲୋକଦୃଷ୍ଟି କଲେଜର ୧୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କମିଟି ସଭାପତି ଅବନୀ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟ ବକ୍ତା, ମେଜର ଡ. ରାମ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ସାମୁଏଲ ଦାନୀ, ଡ. ଫଣୀନ୍ଦ୍ରମ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ତାପସ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅଧ୍ୟାପିକା ଶ୍ୱେତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୬।୩(ରମେଶ ଚନ୍ଦ୍ର ନାୟକ)**


ନୂଆ ଆପରାଧିକ ଆଇନ ବିଷୟରେ ସଚେତନ କରୁଛନ୍ତି ପୋଲିସ ଅଧିକାରୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ମସ୍କାପଦର ଗ୍ରାମରେ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ନୂତନ ଆପରାଧିକ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ନାଏବ ସରପଞ୍ଚ ଲଳିତ ସାହୁ, ୱାର୍ଡମେମ୍ବର ଡ୍ରିଙ୍କୁ ମାଝୀ, ଯୋଗାଣ ସହାୟକ ମିଥୁନ ମହାକୁଡ଼, ଗାଁ ଗୌନ୍ତିଆ ମାଲି ମାଝୀଙ୍କ ସମେତ ଗାଁର ମହିଳାପୁରୁଷ ଯୋଗଦେଇଥିଲେ। ନୂଆ ଆପରାଧିକ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ ସଂହିତା ୨୦୨୩ ଭାରତୀୟ ନ୍ୟାୟ ପଦ୍ଧତିକୁ ପ୍ରତିଫଳିତ କରି ଦଣ୍ଡମୂଳକ ଦୃଷ୍ଟିକୋଣରୁ ନ୍ୟାୟଭିତ୍ତିକ ଅଭିମୁଖ୍ୟ ଆଡ଼କୁ ପରିବର୍ତ୍ତନର ସୂଚନା ଦେଇଥାଏ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ଆପରାଧିକ ନ୍ୟାୟ ବ୍ୟବସ୍ଥା ସୃଷ୍ଟି କରିବା ଯାହା କେବଳ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରେ ନାହିଁ ବରଂ ଆଇନ ବ୍ୟବସ୍ଥାକୁ ମଧ୍ୟ ବଜାୟ ରଖେ। ଏହି ସଂସ୍କାର ଭାରତରେ ଏକ ସମାନ, ଆଧୁନିକ ଏବଂ ନ୍ୟାୟସମ୍ପନ୍ନ ଆଇନଗତ ଢାଞ୍ଚା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି ବୋଲି ଥାନା ଅଧିକାରୀ ବିଶ୍ୱାଳ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଥାନା ଏସ୍‌ଆଇ ଡୋଲାମଣି ବିଶି, ଏଏସ୍‌ଆଇ ବଳଭଦ୍ର ଗୌଡ଼, ଏଏସ୍‌ଆଇ ସ୍ୱର୍ଣ୍ଣଲତା ଗମାଙ୍ଗ, ଆଇଆର୍‌ବି ଇନ୍‌ଚାର୍ଜ ସମେତ ପୋଲିସ ସୁରକ୍ଷା ବଳ ସହଯୋଗ କରିଥିଲେ।

### ନୂତନ ଆପରାଧିକ ଆଇନ ସଚେତନତା କର୍ମଶାଳା

**କୋକସରା,୬।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଗ୍ରାମ ପଞ୍ଚାୟତ ପରିସରରେ କୋକସରା ପୋଲିସ ଦ୍ୱାରା ନୂତନ ଆପରାଧିକ ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନୂଆ ଆଇନର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ଆପରାଧିକ ନ୍ୟାୟ ବ୍ୟବସ୍ଥା ସୃଷ୍ଟି କରିବା, ଯାହା କେବଳ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରେ ନାହିଁ ବରଂ ଆଇନ ବ୍ୟବସ୍ଥାକୁ ମଧ୍ୟ ବଜାୟ ରଖେ, ସମସ୍ତଙ୍କ ପାଇଁ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରେ। ଏହି ସଂସ୍କାର ଭାରତରେ ଏକ ସମାନ, ଆଧୁନିକ ଏବଂ ନ୍ୟାୟସମ୍ପନ୍ନ ଆଇନଗତ ଢାଞ୍ଚା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି ବୋଲି ପୋଲିସ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। କୋକସରା ଥାନ ଆଇଆଇସି ସ୍ନିଗ୍ଧାରାଣୀ ସୁନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଲଡୁଗାଁ କହ୍ନେଇ ଚରଣ ଦାସ, ନାଏବ ସରପଞ୍ଚ ଶୋଭାଗିନୀ ଚଣ୍ଡି, ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲାଗି କାଜୁ ଫସଲ ନଷ୍ଟ



**କୋକସରା,୬।୩ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ନାଗପଡା ନିକଟରେ ଥିବା କାଜୁ ଜଙ୍ଗଲ ସମେତ ଆଖପାଖ ଚାଷଜମିରେ ଗୁରୁବାର ମଧ୍ୟାହ୍ନରେ କୌଣସି କାରଣବଶତଃ ନିଆଁ ଲାଗିଯାଇଥିଲା। ଫଳରେ କିଛି ସମୟ ମଧ୍ୟରେ ନିଆଁ କାଜୁ ଜଙ୍ଗଲକୁ ବ୍ୟାପୀ ଯାଇଥିଲା। ଏହା ଦେଖି ଗ୍ରାମର ଚାଷୀ ସୁଶିଲ ନାଗ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ଏଥିରେ ପାଖାପାଖି ୨ ଏକର ପରିମିତ ଜମିରେ ଥିବା କାଜୁ ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି।

# ପାରିଶ୍ରମିକ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଶ୍ରମିକ

**କେସିଙ୍ଗା,୬।୩ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ଚାଞ୍ଚେର ଗ୍ରାମ ନିକଟ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏକ ବସ୍ ଷ୍ଟପେଜ ନିର୍ମାଣ ୮।୧୧।୨୩ରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୧ବର୍ଷ ୪ମାସ ବିତିଯାଇଥିଲେ ମଧ୍ୟ ଶ୍ରମିକ, ମିସ୍ତ୍ରି, ଠିକାଦାରଙ୍କୁ ମୋଟ ୨ଲକ୍ଷ ୭୭ ହଜାର ଟଙ୍କା ମିଳିନାହିଁ। ଏହାକୁ ନେଇ ଶ୍ରମିକମାନେ ବୁଧବାର କେସିଙ୍ଗା ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଶ୍ରମିକମାନେ ଅଭିଯୋଗ କରିଛନ୍ତି, ନିଜେ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ବସ୍ ଷ୍ଟପେଜ ନିର୍ମାଣ କାମ କରାଇଛନ୍ତି। ହେଲେ କାମ ସମ୍ପୂର୍ଣ୍ଣ କରା ନ ଯାଇ ଟଙ୍କା ଉଠାଯାଇଛି। ପାରିଶ୍ରମିକ ପାଇଁ ବାରମ୍ବାର ବ୍ଲକ୍ ଅଫିସ ଯାଇ ନିରାଶ ହେବାକୁ ପଡ଼ିଛି। ଏପରି କି ୧୯ ସେପ୍ଟେମ୍ବର ୨୦୨୪ରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସୁଫଳ ନ ମିଳିବାରୁ ବିଡିଓଙ୍କୁ ଭେଟି ଗୁହାରି କରିଥିବା କହିଛନ୍ତି। ପାରିଶ୍ରମିକ ନ ମିଳିଲେ ସେମାନେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜୟଶ୍ରୀ ସନନ୍ଧ୍ୟାଙ୍କୁ ପଚାରିବାରୁ ସେ କୌଣସି ଶ୍ରମିକଙ୍କୁ ଚିହ୍ନିନାହାନ୍ତି, ସୁପରଭିଜନ କରି ପେମେଣ୍ଟ କରିଥିବା କହିଛନ୍ତି। ଏ ନେଇ କେସିଙ୍ଗା ବିଡିଓ ସିଦ୍ଧେଶ୍ୱର ମେହେରଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ।



ଚାଞ୍ଚେର ବସ୍ ଷ୍ଟପେଜ।

# କଳାହାଣ୍ଡିରେ ଭାଜପାର ଲୋକପ୍ରିୟତା ବଢୁଥିବା ଚର୍ଚ୍ଚା

**ଭବାନୀପାଟଣା,୬।୩(ଉତ୍ତମ କୁମାର ଦାଶ)**


ନେତୃବୃନ୍ଦଙ୍କ ଗହଣରେ ଦଳରେ ଯୋଗଦେଇଥିବା ବ୍ଲକ୍ ଅଧ୍ୟକ୍ଷ, ସମିତି ସଭ୍ୟ, ସରପଞ୍ଚମାନେ।

ରାଜ୍ୟରେ ଭାଜପା ସରକାର ଆସିବା ପରେ କଳାହାଣ୍ଡି ଜିଲାରେ ଦଳର ଲୋକପ୍ରିୟତା ବଢୁଥିବା ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ଅନ୍ୟ ଦଳର କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହେଉଛନ୍ତି। ଫଳରେ ଜିଲାରେ ପୂର୍ବାପେକ୍ଷା ଭାଜପା ଶକ୍ତିଶାଳୀ ହେବାରେ ଲାଗିଛି। ବୁଧବାର ବହୁସଂଖ୍ୟାରେ ଅନ୍ୟ ଦଳର ନେତା ଏକସଙ୍ଗେ ଭାଜପାରେ ସାମିଲହେବା ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଭବାନୀପାଟଣାସ୍ଥିତ ଟାଉନ ହଲ୍‌ରେ ଆୟୋଜିତ ମିଶ୍ରଣ ପର୍ବରେ ଭବାନୀପାଟଣା, କେସିଙ୍ଗା ଓ ଥୁଆମୂଳ ରାମପୁର ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୪୨ଜଣ ସମିତି ସଭ୍ୟାସଭ୍ୟ, ୧୨ ସରପଞ୍ଚ ଓ ୨୦ ୱାର୍ଡ ସଦସ୍ୟ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଏହାକୁ ନେଇ ଜିଲାରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଥିଲା। ଏହି ମିଶ୍ରଣ ପର୍ବରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡି ଲୋକ ସଭା ସଦସ୍ୟା ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ସଭାପତି ଯୁଗଳ କିଶୋର ପୋଢ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ଅନିରୁଦ୍ଧ ପ୍ରଧାନ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ବରିଷ୍ଠ ନେତା ରୂପେଶ ଜୈନ ପ୍ରମୁଖ ଯୋଗଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଜାପାନର ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବେ ବରଗଡ଼ ଝିଅ

**ବରଗଡ଼, ୬।୩(ପ୍ରେମାନନ୍ଦ ଖମାରୀ):** ବରଗଡ ଜିଲା ଭଟଲି ଥାନା ଅନ୍ତର୍ଗତ କେଶାଇପାଲି ଗ୍ରାମର ବିକ୍ରମ ପଧାନ ଓ ଆହ୍ଲାଦିନୀଙ୍କ ଝିଅ ଦିବ୍ୟାସା



ଜାପାନର ସାକୁରା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଦିବ୍ୟାସାଙ୍କ ପ୍ରକଳ୍ପ ମଲ୍ଟି ପ୍ରପୋଜ କେରିୟର୍ ଇନ ଟୁ ହୁଇଲର ଗତବର୍ଷ ସେପ୍ଟେମ୍ବର ମାସରେ ଦିଲ୍ଲୀରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ସେ ତାଙ୍କ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢିବା ସମୟରେ ସେହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଗୋଟିଏ ଛୋଟ ଗାଁରୁ ଜାପାନ ଭଳି ଦେଶରେ ଭାଗ ନେବାର ସୁଯୋଗ ପାଇ ଥିବାରୁ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି । ଦିବ୍ୟାସା ବର୍ତ୍ତମାନ ଟ୍ରଷ୍ଟ ଫଣ୍ଡ ହାଇୟର୍ ସେକେଣ୍ଡାରୀ ସ୍କୁଲ, ବରଗଡ଼ରେ ଦ୍ୱାଦଶ ଶ୍ରେଣୀ ପ୍ରଥମ ବର୍ଷରେ ଅଧ୍ୟୟନରତ । ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ପ୍ରଶଂସା କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରିଛନ୍ତି ।

### ଗଞ୍ଜାଡାବର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ପାଇକମାଳ,୬।୩(ବଢ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ଗଞ୍ଜାଡାବର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୟାନିଧି ବୁଡ଼େକଙ୍କ ସଭାପତିତ୍ୱରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ପାଇକମାଳ ଏବିଇଓ ରାଧେଶ୍ୟାମ, ମୁଖ୍ୟ ବକ୍ତା ଏବିଇଓ ଧଲେନ୍ଦ୍ର ବାରିକ ଓ ସମ୍ମାନିତ ଅତିଥି ଭାବରେ ଧନୁ ମାଝୀ, ସିଆର୍‌ସିସି ସନ୍ତୋଷ ମେହେର, ବସୁଦେବ କୁମ୍ଭାର, ବିକ୍ରମ କେଶରୀ ପଟେଲ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଚୋପସିଂ ମାଝୀ, ରାଜଶ୍ରୀ ମାଝୀ ସମେତ ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ତଥା ଗ୍ରାମବାସୀମାନେ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦୟାନିଧି ବୁଡ଼େକ ଧନ୍ୟବାଦ ଦେଇଥିଲେ ।

### ମୃତ୍ୟୁ ପରେ ଶରୀର ଦାନ କରିବେ ରାମବାଇ

**ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ) :** ଜଣେ ସଫଳ ମହିଳା ଚାଷୀଭାବେ ଜଣାଶୁଣା ବରଗଡ଼ ବ୍ଲକ ଜମୁର୍ଡ଼ା ଗ୍ରାମର ରାମବାଇ ମୃତ୍ୟୁପରେ ତାଙ୍କ ଶରୀର ଅଙ୍ଗଦାନ କରିବା ପାଇଁ ସ୍ଥିର କରିଥିବା କହିଛନ୍ତି । ଏଥିରେ ଆବଶ୍ୟକ କାଗଜାତ୍ କରିବାରେ ସହଯୋଗ କରିବା ପାଇଁ



ସେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କୁ କହିଛନ୍ତି । ରାମବାଇ ଶରୀର ଦାନ କଲେ ତାକୁ ନେଇ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ପାଠ ପଢ଼ି ପାରିବେ ବୋଲି ସେ କହିଛନ୍ତି । ରାମବାଇଙ୍କ ଜୀବନ ଆରମ୍ଭରୁ ସଂଘର୍ଷ ଥିଲା । ମାତ୍ର ତାଙ୍କ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍ ମାନିଥିଲା । ଗରିବ ଝିଅ ହେଲେ ମଧ ସେ ନିଜ ଉଦ୍ୟମରେ ଜଣେ ସଫଳ ଚାଷୀଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।

### ଲୋକଦୃଷ୍ଟି କଲେଜର ବାର୍ଷିକୋତ୍ସବ

**ଖଡ଼ିଆଳ,୬।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗଡ଼ରାମୁଣ୍ଡାସ୍ଥିତ ଲୋକଦୃଷ୍ଟି କଲେଜର ୧୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । କମିଟି ସଭାପତି ଅବନୀ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟ ବକ୍ତା, ମେଜର ଡ. ରାମ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ସାମୁଏଲ ଦାନୀ, ଡ. ଫଣୀନ୍ଦମ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ତାପସ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ ।



ବରଗଡ଼ ସହରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଆଗରେ ଧାରଣା ।





ସୋହେଲା ବ୍ଲକ ପରିସରରେ ବିଜେଡ଼ିର ପ୍ରତିବାଦ ସଭା ।

# ବିଜୁବାବୁଙ୍କ ପ୍ରତି ଭାଜପାର ହୀନ ମାନସିକତା: ବିଜେଡି

**ବରଗଡ଼/ସୋହେଲା,୬।୩ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)**

ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରମୁଖ ଭୂମିକା ରହିଥିଲା ।ଏଥିପାଇଁ ସେ ସାରାଦେଶରେ ଉଦାହରଣ ସାଜିଥିଲେ । ଏହି କ୍ରମରେ ରାଜ୍ୟରେ ବିଜୁବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସଭାବେ ପାଳନ କରାଯାଉଥିଲା ଏବଂ ସେହି ଦିନ ଛୁଟି ଘୋଷଣା ହେଉଥିଲା । କିନ୍ତୁ ରାଜ୍ୟର ଭାଜପା ସରକାର ପୂର୍ବ ଘୋଷିତ ଛୁଟି ବାତିଲ୍ କରିବା ସହିତ ଏହି ଦିନ ପଞ୍ଚାୟତିରାଜ ଦିବସ ପାଳନ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାର ଗର୍ବ, ଗୌରବ ତଥା ଓଡ଼ିଆ ଅସ୍ମିତାର ପ୍ରତୀକ ବିଜୁବାବୁଙ୍କ ପ୍ରତି ରାଜ୍ୟର ଭାଜପା ସରକାରଙ୍କ ଏହା ଏକ ଅପମାନ ଏବଂ ହୀନ ମାନସିକତାର ପରିଚୟ ବୋଲି ଗୁରୁବାର ବରଗଡ଼ ସହରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭା ଏବଂ ଧାରଣାରେ ବିଜେଡ଼ି ନେତୃବୃନ୍ଦ ମତପ୍ରକାଶ କରିଛନ୍ତି । ସରକାର ଏହା ପୁନର୍ବିଚାର ନ କଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଭାଜପା ସରକାର ବିରୋଧରେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ । ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ

**ବିଜୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ପାଳନ କରା ନ ଯିବା ପ୍ରସଙ୍ଗ**

**ଭାଜପା ବିରୋଧରେ ଆନ୍ଦୋଳନ ତୀବ୍ରତର ହେବ**

ଆଚାର୍ଯ୍ୟ, ବରଗଡ଼ ପୌରାଧକ୍ଷା କଳ୍ପନା ମାଝି, ଉପାଧକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ପୌର ପରିଷଦର କାଉନସିଲରବୃନ୍ଦ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ଏବଂ ରାଜ୍ୟର ଭାଜପା ସରକାରଙ୍କ ସେଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ ସହିତ ସମାଲୋଚନା କରିଥିଲେ ।

ସେହିପରି ସୋହେଲା ବ୍ଲକ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗଣତନ୍ତ୍ର ପ୍ରଧାନ ସଭାପତିତ୍ୱ କରିଥିଲେ । ସୁବ୍ରତ ବେହେରା ସଭା ସଂଯୋଜନା କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବିଜେଡି ନେତା ସୁଶାନ୍ତ ମିଶ୍ର, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ସରୋଜ ମହାପାତ୍ର, ଅଶୋକ ବାରିକ, ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହି ରାଜ୍ୟର ଭଜପା ସରକାରଙ୍କ ସେଭଳି ମାନସିକତାକୁ ସମାଲୋଚନା କରିଥିଲେ । ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ, ଠାକୁରାମ ପଟେଲ, କୁଳମଣି ଦୁଆଁନ, ପହିଲ ଭୋଇ, ଗୌରୀଶଙ୍କର ଅଗ୍ରୱାଲ, ମଣ୍ଟୁ ବଡ଼େଇ, ପର୍ଶୁରାମ ପାଣ୍ଡେ, ବିନୋଦ ସା, ସଞ୍ଜୟ ଚୌହାନ, ଦିଲ୍ଲୀପ ଭୋଇ, ଦିଲ୍ଲୀପ ଚୌହାନ, ତହସିଲ ନାଏକ, ଲିଙ୍ଗରାଜ ବାରିକ, ଗଜାନନ ସା ପ୍ରମୁଖ ଉପସ୍ଥିତ ଥିଲେ । ଭେଡ଼େନ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା ସଭାପତିତ୍ୱ କରିଥିଲେ । ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟା ପିଙ୍କି ବଡ଼େଇ, ପଦ୍ମିନୀ ଗଡ଼ତିଆ, ଜିଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀମାନେ ଉପସ୍ଥିତ ଥିଲେ ଏବଂ ରାଜ୍ୟର ଭାଜପା ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ ।

## ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ପ୍ରଦାନ

**ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)**

ସୁଭଦ୍ରା ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟର ୫୦୦୦ ଟଙ୍କା ଲେଖାଏ ଗୁରୁବାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ଡିଏସ୍‌ଡବ୍ଲ୍ୟୁଓ ସନ୍ଧ୍ୟାରାଣୀ ନେପାକଙ୍କ ସମେତ ଅନେକ ସୁଭଦ୍ରା ହିତାଧିକାରୀ, ସାମାଜିକ କର୍ମୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଜିଲା ମୁଖ୍ୟାଳୟର ଓସ୍‌ୱାନ ହଲ୍‌ଠାରୁ ଏହି ସମାରୋହକୁ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ସୂଚନାଥାଉ କି, ବର୍ତ୍ତମାନ ସୁଦ୍ଧା ବରଗଡ଼ ଜିଲାରୁ ମୋଟ ୩ ଲକ୍ଷ ୯୫ ହଜାର ୩୫୨ ଜଣ ଆବେଦନକାରୀଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୫୪୨ ହିତାଧିକାରୀ ପ୍ରଥମ କିସ୍ତିର ଟଙ୍କା ନିଜ ବ୍ୟାଙ୍କଖାତାରେ ପାଇ ସାରିଛନ୍ତି । ଅବଶିଷ୍ଟ ହିତାଧିକାରୀଙ୍କୁ ଆସନ୍ତା ରାଖୀ ପୂର୍ଣ୍ଣିମାରେ ଏକ ସଙ୍ଗେ ୩ଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ ସେଥିପାଇଁ ଘରେ ଘରେ ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ।

# ବିଜେଡିର ପ୍ରତିବାଦ ସଭାରେ ରାଜ୍ୟପାଳଙ୍କୁ ଦାବିପତ୍ର

**ପାଇକମାଳ, ୬।୩(ବଢ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଇକମାଳ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସକୁ ସରକାରୀ ଛୁଟିରୁ ବାତିଲ କରିଥିବାରୁ ଗୁରୁବାର ଧାରଣା ଦିଆଯାଇଥିଲା । ବିଜେଡିର ବରିଷ୍ଠ କର୍ମୀ ଟାଇଲ ଚନ୍ଦ୍ର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାକୁ ମୁଖ୍ୟ ଅତିଥି ଭାବେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରି ଭାଜପା ଉପରେ ବର୍ଷିଥିଲେ । ବରିଷ୍ଠ ସୁସଂଗଠକ ଗୌତମ ସିଂ, ହୃଦାନନ୍ଦ ବାରିକ, ନନ୍ଦଲାଲ ମହାପାତ୍ର, ନବକିଶୋର ସାହୁ, ରଜନୀ



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି ।

ସାହୁ, ସୂର୍ଯ୍ୟ ହୋତା,ବିଜୟ କୁମାର ସ୍ୱାଇଁ ବିଜୟ ପ୍ରଧାନ, ନୃସିଂହ ବନଛୋର, କ୍ଷମାନିଧି ପଟେଲ, ବନିତା ମହାନନ୍ଦ, ସସ୍ମିତା ବାରିକ ଯୋଗଦାନ କରିଥିଲେ । ପାଇକମାଳ ବିଡିଓଙ୍କ ଜରିଆରେ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ଓ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡୁ ଏହି ଦାବିପତ୍ର ରାଜ୍ୟପାଳଙ୍କ ପାଖକୁ ପଠାଇ ଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଡିକି ଖୋଲି ଲୁଟିନେଲେ ୪ ଲକ୍ଷ

**ଧର୍ମଗଡ଼,୬।୩(ଆକାଶ କୁମାର ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ରେ ପୁଣି ଲୁଟେରା ଗ୍ୟାଙ୍ଗର ଆତଙ୍କ ଦେଖିବାକୁ ମିଳିଛି । ବୁଧବାର ଟିଟିଆ ଗ୍ରାମର କାଳିଆ ସତନାମୀଙ୍କ ଡିକି ଖୋଲି ୪ଲକ୍ଷ ଟଙ୍କା ଲୁଟିନେଇଛନ୍ତି । ସୂଚନା ଅନୁଯାୟୀ ସତନାମୀ ଧର୍ମଗଡ଼ ଷ୍ଟେଟ ବ୍ୟାଙ୍କରୁ ୪ଲକ୍ଷ ଟଙ୍କା ଉଠାଇ ଡିକିରେ ରଖି ସହର ଭିତରେ ଥିବା ଏକ ଫଳ ଦୋକାନରୁ କିଛି ଫଳ କିଣିବା ସହ ଘରୋଇ ସାମଗ୍ରୀ କିଣିଥିଲେ । ବଜାର ସାରି ସେ ନିଜ ଘରକୁ ଫେରି ଡିକି ଖୋଲିବା ବେଳକୁ ଏହା ପୂର୍ବରୁ ଖୋଲାଯାଇଥିବା ଓ ଏଥିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ । ଲୁଟେରାମାନେ ତାଙ୍କୁ ବ୍ୟାଙ୍କରୁ ତାଙ୍କୁ ଅନୁଶରଣ କରିବା ସହ ସୁଯୋଗ ଦେଖି ଟଙ୍କା ଲୁଟ କରିଥିବା ଅନୁମାନ କରାଯାଉଛି ।

## ଝାରବନ୍ଧରେ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ

**ଝାରବନ୍ଧ,୬।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପ୍ରସ୍ତାବିତ ମହିମା ମଣ୍ଡପଠାରେ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଛି । ଗୋପପୁର ମହିମା ମଠର ସାଧୁ ମାଖନ ଦାସ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଯଜ୍ଞର ଶୁଭାରମ୍ଭ କରିଥିଲେ । ଛତିଶଗଡ଼ ସୀମାନ୍ତରେ ଯଜ୍ଞ ହେଉ ଥିବାରୁ ହଜାର ହଜାର ଭକ୍ତମାନଙ୍କ ସମାଗମ ହୋଇଥିଲା । ବୈତାଳି, ଝାରବନ୍ଧ, ସଲଡ଼ିହି, ସଂକ୍ରିର ଭଜନ ମଣ୍ଡଳୀ ଯୋଗଦାନ କରି ଅହୋରାତ୍ର ଆଠ ଭଜନ ପରିବେଷଣ କରିଥିଲେ । ନୃସିଂହନାଥ ମହିମା ମଠର ଅଧିଷ୍ଠାତା ସାଧୁ ପ୍ରଫୁଲ୍ଲ ଦାସ,ମହଗାଁର ସାଧୁ ନୀଳମ୍ବର ଦାସ, କଟଙ୍ଗପାଲିର ସାଧୁ ପ୍ରହ୍ଲାଦ ଦାସ, ଗୋପପୁର ଆଶ୍ରମର ଜୀବନାନନ୍ଦ ବାବା, ଲେରଗାଁର ବାସୁଦେବ ଭକ୍ତ, ଶ୍ୱେତକୁମାର ଭକ୍ତ ,ଡୁଡୁକିଦାଦର ମୁଞ୍ଜୁ ଭକ୍ତ, ଲୋହରସିଂହର ତେଜରାଜ ଭକ୍ତ, ଭଗବତୀ ମାତା, ସୁକାନ୍ତି ମାତା, ନିତ୍ୟାନନ୍ଦ ଭକ୍ତ, ଗୋବର୍ଦ୍ଧନ ଭକ୍ତ ପ୍ରମୁଖ ଯୋଗଦାନ କରିଥିଲେ । ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଆଧ୍ୟାତ୍ମିକ ସମାବେଶରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



ବିଜୁ ଜୟନ୍ତୀରେ ଉପସ୍ଥିତ ମହିଳାମାନେ ।

**ବରପାଲି,୬।୩(ଚିତ୍ତରଞ୍ଜନ ସାହୁ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ପାଳିତ ହୋଇଛି । ବରପାଲି ବ୍ଲକ ମହଦା କଲ୍ୟାଣ ମଣ୍ଡପଠାରେ ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମବାୟ ସମିତିର ଉପ ସଭାପତି ବୀରସନ ସାହୁ ଯୋଗଦାନ କରି ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଜୟନ୍ତୀ ସଭା ମହଦା ସରପଞ୍ଚ ତପସ୍ୱିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତ ତଥା ଆଖପାଖ ଗ୍ରାମରୁ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ ।

# ବିରଳ ରୋଗରେ ପୀଡ଼ିତ ଶିଶୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ବଘିଆପଡ଼ା,୬।୩(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଲି ଗ୍ରାମର ବାପା ହେରମ୍ବ ଗିରି ଓ ମାତା ବିଳାସ ଗିରିଙ୍କ ୭ ବର୍ଷ ପୂର୍ବେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ଜନ୍ମର ଏକ ବର୍ଷ ପରେ ଦେହ ପୋଡି ଯିବା ଭଳି ଦେଖା ଦେଇଥିଲା । ସୂର୍ଯ୍ୟ କିରଣ ପଡିଲେ ଦେହ ଜ୍ୱଳପୁଡ଼ା ହେଉଥିଲା । ଦେହରେ କ୍ଷତ ହୋଇ ଯାଉଛି ଏବଂ ଦେହର ଅଙ୍ଗ ପ୍ରତେଙ୍ଗ ପୋଡି ଯାଉଛି । ଏନେଇ ବୌଦ୍ଧ ମେଡିକାଲସହ ବୁର୍ଲା ମେଡିକାଲ, ଏମ୍ସ ମେଡିକାଲ ନେଇ ବାପା ହେରମ୍ବ ଝିଅର ଚିକିତ୍ସା କରିଥିଲେ । ଚିକିତ୍ସାରେ କିଛି ପରିବର୍ତ୍ତନ ହେବା ପରେ ପୁଣି ପୂର୍ବ ଭଳି ଲକ୍ଷଣ ଦେଖାଦେଇଥିଲା । ଏହା ଦେଖି ମା' ବାପା ଚିନ୍ତାରେ ପଡ଼ିଯାଇଥିଲେ । ଅନ୍ୟପଟେ ଘରେ ଥିବା ସମସ୍ତ ସମ୍ପତ୍ତି ବିକି ଝିଅର ଚିକିତ୍ସାରେ ଖର୍ଚ୍ଚ କରିସାରିଲେ । ହେଲେ କିଛି ସୁଫଳ ମିଳିଲା ନାହିଁ । ଏଥିପାଇଁ ଗତ ନଭେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ପ୍ରକୋଷ୍ଠକୁ ଯାଇ ଝିଅର ଚିକିତ୍ସା ଲାଗି ପୀଡ଼ିତ ଶିଶୁଙ୍କ ମା' ବାପା ଅଭିଯୋଗ କରିଥିଲେ । ଏ ନେଇ ଏକ ସ୍ୱତନ୍ତ୍ର ଟିମ କଟକ ମେଡିକାଲରେ ଏକ ମାସ ଚିକିତ୍ସା କରିଥିଲେ । ଝିଅର ଚିକିତ୍ସାରେ କିଛି ପରିବର୍ତ୍ତନ ନହେବାରୁ ଫେବୃଆରୀ ୩ରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକଷ୍ଟରେ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ସହିତ ଆଲୋଚନା କରି ଝିଅର ଚିକିତ୍ସା ପାଇଁ ତୁରନ୍ତ ୫ ଲକ୍ଷ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଥିଲେ । ଏଥିସହ ଘର ଯୋଗାଇ ଦେବାସହ ଏକ ଏସି ଦେବାକୁ ପ୍ରତିଶ୍ରୁତି ଦେଇଥିବା ହେରମ୍ବ ସୂଚନା ଦେଇଛନ୍ତି । ଗୁରୁବାର ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଉପ ଜିଲାପାଳ ପ୍ରବୀଣ ବଣୁଆ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଡ଼ିଓ ଯୁଧିଷ୍ଠିର ମେହେର, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ସହ ବହୁ ଅତିଥି ଗୁଡ଼ିଆଲି ଗ୍ରାମକୁ ପହଞ୍ଚି ହେରମ୍ବଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଚେକ ଆଧାରରେ ପ୍ରଦାନ କରିଛନ୍ତି । ଏଥିପାଇଁ ହେରମ୍ବଙ୍କ ମୁଖ୍ୟମନ୍ତ୍ରୀ, ବୌଦ୍ଧ ବିଧାୟକ, ଜିଲା ପ୍ରଶାସନଙ୍କୁ ସାଧୁବାଦ ଜଣାଇଛନ୍ତି ।

# ବିପଜ୍ଜନକ ହେଉଛି କ୍ଷେତ ନିଆଁ

**ପଦ୍ମପୁର,୬।୩(ପ୍ରଦୀପ୍ତ ଦାଶ)**

ଜଙ୍ଗଲ ନିଆଁରୁ ଅଧିକ ଭୟଙ୍କର ହେଉଛି କ୍ଷେତ ନିଆଁ । ଜନସାଧାରଣ କିଛି ଲାଭ ପାଇଁ ମହୁଲ ସଂଗ୍ରହ ହେଉ କି କେନ୍ଦୁପତ୍ର ସଂଗ୍ରହ ହେଉ ବେପରୁଆ ଭାବରେ ଚାଷଜମି ଓ ଗ୍ରାମ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ଯାହା ଦ୍ୱାରା ବନ୍ୟପ୍ରାଣୀ ସମେତ ମୂଲ୍ୟବାନ ଗଛଲତା ପୋଡ଼ିଯାଉଛି । ବର୍ତ୍ତମାନ ପତ୍ର ଝଡ଼ିବା ସହିତ ଚାଷଜମିରେ ନଡ଼ା ଥିବାରୁ ଆଖିପିଛୁଳାକେ ନିଆଁ ମାଡ଼ିଯାଉଛି । ଯାହାକୁ ରୋକିବା ବନ ବିଭାଗ ପାଇଁ ମଧ ଏକ ବଡ ଆହ୍ୱାନ ପାଲଟିଛି । ବନ ବିଭାଗ ତରଫରୁ ବନାଗ୍ନି ନିରାକରଣ ସଚେତନତା ଅଭିଯାନ କରାଯାଇଥିଲା । ଏହା ସତ୍ତ୍ୱେ ଲୋକେ ମାନୁନାହାନ୍ତି । ଗତ ଦୁଇଦିନ ତଳେ ବୁଡେନ ଥାନା ଦର୍ଲିଗୁଡ଼ା, ଦହିଗାଁ, ବ୍ରାହ୍ମଣଡିହୀ ଗ୍ରାମର ଚାଷଜମିରେ ନିଆଁ ଲାଗି ଗ୍ରାମ ଜଙ୍ଗଲକୁ ମାଡ଼ିଯାଇଥିଲା । ପ୍ରତିଦିନ ଏପରି ଅନେକ ଖବର ସାମ୍ନାକୁ ଆସୁଛି । ବନ ବିଭାଗ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବିହେଉଛି ।



ପଦ୍ମପୁର ବନ ବିଭାଗ ଦ୍ୱାରା ସଚେତନତା ସୃଷ୍ଟି ଓ ନିଆଁକୁ ଆୟତ୍ତ କରାଯାଉଛି ।

# ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ଉନ୍ନତିକୁ ଗୁରୁତ୍ୱ

**ବରଗଡ,୬।୩(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ଉନ୍ନତି ପାଇଁ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ ସହିତ ଭାଷା, ସାହିତ୍ୟ ଏବଂ ସଂସ୍କୃତି ପ୍ରେମୀଙ୍କ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି । ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆସରରେ ଲୋକକବି ପଦ୍ମଶ୍ରୀ ଡଃ ହଳଧର ନାଗ, ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ, କଥାକାର ଧନପତି ମହାପାତ୍ର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାର ଅଲେଖ ସାହୁଙ୍କ ଭଳି ବର୍ଷୀୟାନ ସାଂସ୍କୃତିକ ଦିଗଦର୍ଶକମାନଙ୍କ ସମେତ ବରଗଡ଼ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମ୍ବଲପୁରୀ ସାହିତ୍ୟିକ, କଳାକାର ଓ ସଂଗଠକ ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସର୍ବସମ୍ମତିକ୍ରମେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଲାଗି ଆନ୍ତରିକ ଉଦ୍ୟମ, ଏହାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ପ୍ରଦାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କିମ୍ବା ପୁରସ୍କାର ପାଇଁ ମନୋନୟନ କ୍ଷେତ୍ରରେ ସମ୍ବଲପୁରୀ ସାହିତ୍ୟିକମାନଙ୍କୁ ସାମିଲ କରିବା, ଏକାଡେମୀ ସମ୍ବଲପୁରୀ ପୁସ୍ତକ ପ୍ରକାଶନ ପ୍ରତି ଗୁରୁତ୍ୱ ଦେବା ଅଥବା ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବା, ପ୍ରାଥମିକ ଶିକ୍ଷାରେ ସମ୍ବଲପୁରୀ ସାହିତ୍ୟର ପ୍ରଚଳନ, ହଳଧର ଗବେଷଣା କେନ୍ଦ୍ର କାର୍ଯ୍ୟକ୍ଷମ କରିବା, ସମ୍ବଲପୁରୀ ଦିନ ପାଳନ ପାଇଁ ଗୁରୁ ଦାୟିତ୍ୱ ନେବା, ସମ୍ବଲପୁରୀ ସାହିତ୍ୟ ଆସର ଆୟୋଜନ ଲାଗି ସାହିତ୍ୟ ସଙ୍ଗଠନମାନଙ୍କୁ ସହାୟତା ଦେବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ସମ୍ବଲପୁରୀ ବହି କିଣିବା ପାଇଁ ଅର୍ଥ ବ୍ୟବସ୍ଥା, ନୂଆଁଖାଇ ପର୍ବ ଦିନକୁ ଜାତୀୟ ଛୁଟି ଘୋଷଣା ପାଇଁ ଦୃଢ଼ ଦାବି ଉପସ୍ଥାପିତ କରାଯାଇଛି । ନିଷ୍କର୍ଷରେ ପହଞ୍ଚି ପ୍ରତ୍ୟେକ ପ୍ରସଙ୍ଗରେ ସକାରାତ୍ମକ ମନ୍ତବ୍ୟ ଦେବା ସହିତ ଏ ସଂକ୍ରାନ୍ତରେ ଅତି ଶୀଘ୍ର ଭଲ ଖବର ଆସିବ ବୋଲି ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିତ୍ରଶିଳ୍ପୀ ଗୌରଚରଣ ପ୍ରଧାନ, ସଙ୍ଗଠକ ଅଶୋକ ପୂଜାହାରୀ, ଦିଲ୍ଲୀପ କୁମାର ଦେବତା, ତେଜରୁ ବାରିକ, ସୁରେଶ ଚନ୍ଦ୍ର ଭୋଇ, ଲଳିତ କୁମାର ସାହୁ, ନିମେଇଁ ପଧାନ, କ୍ରାନ୍ତିକବି ହରିଲାଲ ସାହୁ, ହାସ୍ୟକବି ଦେବେନ୍ଦ୍ର କୁମାର ସାହୁ, ଶିଶୁ ସାହିତ୍ୟିକ ବିକାଶ ଚନ୍ଦ୍ର ସାହୁ , ଗବେଷକ ଦେବାର୍ଚ୍ଚନ ନାଏକ, ବ୍ୟଙ୍ଗକବି ନରେନ୍ଦ୍ର କୁମାର୍ ମହାନ୍ତି, ଅଧ୍ୟାପକ ନାରାୟଣ ଭୋଇ, କଳାକାର ରମେଶ ଗୁର୍ଲା, ମହେନ୍ଦ୍ର ଶେଠ,କବି ଲକ୍ଷ୍ମଣ ମଲ୍ଲିକ, ଗୁଣନିଧି ଭୋଇ, ସୁଶାନ୍ତ ଭୂସାଗର, ମୋହନ ମହାନନ୍ଦ, ଗୋପାଳ ଭେସ୍ରା, ଜଟାଧାରୀ ପ୍ରଧାନ, ଯୁବରାଜ ସାହୁ, ଧନପତି ମାଝୀ ପ୍ରମୁଖ ଯୋଗ ଦେଇଥିଲେ । କବି ଉମେଶ ପଧାନ ସ୍ୱାଗତ କରିଥିବା ବେଳେ କବୟିତ୍ରୀ ଅହଲ୍ୟା ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ଚିନ୍ତନ ବୈଠକରେ ଭଟଲି ବିଧାୟକ ଓ ସାହିତ୍ୟ, ସଂସ୍କୃତିପ୍ରେମୀବୃନ୍ଦ ।

## ସଂକ୍ଷେପରେ

### ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

**ଲହୁଣୀପଡା,୬।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ପିତାଗାଁ ଗ୍ରାମରେ ସ୍ୱାମୀ ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ମୋନିକା ଟପ୍ପୋ। ଘଟଣାରେ ଅଭିଯୁକ୍ତ ସ୍ୱାମୀ ଜଗନ୍ନାଥ ଟପ୍ପୋଙ୍କୁ ପୋଲିସ ଗିରଫ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନାରୁ ପ୍ରକାଶ, ଜଗନ୍ନାଥ ମୋନିକାଙ୍କୁ ପ୍ରେମ ବିବାହ କରିଥିଲେ। ବଡ଼ ପୁଅ ହଷ୍ଟେଲରେ ରହି ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାନପୁଅ ନିଜ ପିଉସୀ ଘରେ ରହି ପାଠ ପଢୁଛନ୍ତି। ଘରେ କେବଳ ସ୍ୱାମୀ ସ୍ତ୍ରୀ ୨ ଜଣ ରହୁନ୍ତି। ଜଗନ୍ନାଥ ବେଦବ୍ୟାସ ଅଞ୍ଚଳରେ ଶ୍ରମିକଭାବେ କାର୍ଯ୍ୟକରନ୍ତି। ଗତ ୪ ତାରିଖ ଦିନ ନିଜର ଜମିକୁ ବନ୍ଧା ପକେଇ ୭ ହଜାର ଟଙ୍କା ଜଗନ୍ନାଥ ଆଣିଥିଲେ। ସନ୍ଧ୍ୟାରେ ମଦ୍ୟପାନ କରି ଘରକୁ ଫେରିବା ପରେ ସ୍ତ୍ରୀଙ୍କ ସହ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଗନ୍ନାଥ ମୋନିକାଙ୍କୁ ଏକ ବାଡି ସାହାଯ୍ୟରେ ପ୍ରବଳ ମାର୍‌ପିଟ କରିଥିଲେ। ଘଟଣା ସ୍ଥଳରେ ହିଁ ମୋନିକାଙ୍କ ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ କୌଣସି ସୂତ୍ରରୁ ବିଳମ୍ବିତ ରାତିରେ ଖବର ପାଇ ପିତାଗାଁ ଗ୍ରାମରେ ପହଞ୍ଚି ଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଡ୍ରଗ୍ସ ଚାଲାଣ ଅଭିଯୋଗରେ ୩ ଗିରଫ

**ରାଉରକେଲା,୬।୩(ସଙ୍ଗୀତା ଜେନା):** ଡ୍ରଗ୍ସ ଚାଲାଣ ଅଭିଯୋଗରେ ପ୍ଲାଣ୍ଟସାଇଟ୍ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର ପୂର୍ବାହ୍ନ ୧୦ଟାରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାମରାନ୍ ଖାନ(୩୬), ସୈଫ୍ ଅଲ୍ଲୀ(୨୮) ଓ ଏମ୍‌ଡ଼ି ଆରିଫ୍(୩୬)। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୭/୨୫) ରୁଜୁ କରିଛି। ସେମାନଙ୍କଠାରୁ ୧୫ ଗ୍ରାମ ୫୮ ମିଲିଗ୍ରାମ ହେରୋଇନ୍, ଗୋଟିଏ ବାଇକ, ୩ଟି ମୋବାଇଲ ଓ ୧୦ ହଜାର ୭ଶହ ଟଙ୍କା ନଗଦ ଜବତ ହୋଇଛି। ବୁଧବାର ଅପରାହ୍ନରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବଣିଆ ଗେଟ୍ ନିକଟରେ ଦୁର୍ବୃତ୍ତମାନେ ଡ୍ରଗ୍ସ ଚାଲାଣ କରୁଥିଲେ। ଏହି ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା।

### ମୃତ୍ୟୁ ପରେ ଶରୀର ଦାନ କରିବେ ରାମବାଇ

**ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ) :** ଜଣେ ସଫଳ ମହିଳା ଚାଷୀଭାବେ ଜଣାଶୁଣା ବରଗଡ଼ ବ୍ଲକ ଜମୁର୍ଡ଼ା ଗ୍ରାମର ରାମବାଇ ମୃତ୍ୟୁପରେ ତାଙ୍କ ଶରୀର ଅଙ୍ଗଦାନ କରିବା ପାଇଁ ସ୍ଥିର କରିଥିବା କହିଛନ୍ତି। ଏଥିରେ ଆବଶ୍ୟକ କାଗଜାତ୍ କରିବାରେ ସହଯୋଗ କରିବା ପାଇଁ



ସେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କୁ କହିଛନ୍ତି। ରାମବାଇ ଶରୀର ଦାନ କଲେ ତାକୁ ନେଇ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ପାଠ ପଢ଼ି ପାରିବେ ବୋଲି ସେ କହିଛନ୍ତି। ରାମବାଇଙ୍କ ଜୀବନ ଆରମ୍ଭରୁ ସଂଘର୍ଷ ଥିଲା। ମାତ୍ର ତାଙ୍କ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍ ମାନିଥିଲା। ଗରିବ ଝିଅ ହେଲେ ମଧ ସେ ନିଜ ଉଦ୍ୟମରେ ଜଣେ ସଫଳ ଚାଷୀଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

# ପଞ୍ଚାୟତିରାଜ ଦିବସ ପୁନଃ ନିର୍ଦ୍ଧାରଣ ବିରୋଧରେ ବିଜେଡିର ପ୍ରତିବାଦ

**ସୁନ୍ଦରଗଡ଼,୬।୩(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଚାୟତିରାଜ ଦିବସକୁ ମାର୍ଚ୍ଚ ୫ରୁ ଏପ୍ରିଲ ୨୪କୁ ପୁନଃ ନିର୍ଦ୍ଧାରଣ କରିବା ବିରୋଧରେ ଗୁରୁବାର ବିଜୁ ଜନତା ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଏବଂ ପ୍ରତିବାଦ ସଭା କରିଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ଡିଆରଡିଏ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ର ବିଧାୟକ ଯୋଗେଶ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ, ସୁକାନ୍ତ ପତି, ସରୋଜ ପଟ୍ଟନାୟକ, କୁନୁ ବିଶକର୍ମା, ନିର୍ମଳ ବୋସ, ଅନିଲ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସୁନିଲ ମହାପାତ୍ର, ନରେଶ ସିଂହ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ରିତେଶ ସିଂହ, ଗୌରାଙ୍ଗ ଧଳ, ଅଶୋକ ମହାନ୍ତି, ଅଶୋକ ସ୍ୱାଇଁ, ସୁମନ୍ତ ସାହୁ ଏବଂ ହେମନ୍ତ ମେହେର ଏହି ପ୍ରତିବାଦ ସଭାରେ ଯୋଗଦାନ କରି



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀ।

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକୁ ଦୃଢ ନିନ୍ଦା କରିଥିଲେ। ବିଜେଡିର ମହିଳା ଶାଖା ମଧ ଏହି ପ୍ରତିବାଦରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ପୂର୍ବତନ ପୌରାଧକ୍ଷା ରଞ୍ଜନା ପଣ୍ଡାଙ୍କ ନେତୃତ୍ୱରେ ଏହି ଶାଖାର ଅନ୍ୟାନ୍ୟ ସଦସ୍ୟ ତଥା ପୂର୍ବତନ କାଉନସିଲର ବୀଣା ସାହୁ, ସୁଶୀଲା ନାଗ, ରାଜନୀ ରୋହିଦାସ, ଅନିତା ଶର୍ମା, ରୀତା ସାହୁ, ଚିରସ୍ମିତା ଜୋଶୀ ଏବଂ ଦୁଶୀଳା ଦଣ୍ଡସେନା ନିଜର ସ୍ୱର ଉଠାଇଲେ। ବିଜେଡିର ଯୁବ ଶାଖା ମଧ ଏହି ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପୂର୍ବତନ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ନେତୃତ୍ୱରେ ନରଦିପ ସିଂ, ମୁକେଶ ପୁରୋହିତ, କୈଳାଶ ତନ୍ତି, ହେମନ୍ତ ପାଢ଼ି, ଶିବାଜୀ ନାୟକ, ଉମେଶ ଶର୍ମା, ରୋଶନ ସାହୁ, ମଙ୍ଗଳ ପ୍ରଜାପତି ଏବଂ ସୁକାନ୍ତ ରୋହିଦାସ ମଧ ଯୋଗଦେଇଥିଲେ। ପ୍ରତିବାଦ ସଭାରେ ଓଡିଶା ବାସୀଙ୍କ ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ରହିଥିବା ଅମଳିନ ସ୍ମୃତିକୁ ହଟାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରାଯାଇଥିଲା। ବିଗତ ୩ ଦଶନ୍ଧି ହେଲା ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା ବେଳେ ଏହି ପ୍ରଥାକୁ ପରିବର୍ତ୍ତନ କରିବାର କାରଣ କ'ଣ ବୋଲି ନେତୃବୃନ୍ଦ ପ୍ରଶ୍ନ କରି ସରକାର ବିଜୁ ବାବୁଙ୍କ ଅବଦାନକୁ ଅପମାନ କରିବାର ଅଭିଯୋଗ କରିଥିଲେ। ଏହାସହିତ ମାର୍ଚ୍ଚ ୫ର ସାର୍ବଜନିନ ଛୁଟିକୁ ହଟାଇବାର ନିଷ୍ପତ୍ତିକୁ ନିର୍ବୋଧ ଏବଂ ଦୁଃଖଦ ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ସେହି ଛୁଟି ପୁନଃସ୍ଥାପନ ଏବଂ ମାର୍ଚ୍ଚ ୫କୁ ପୁନଃ ପଞ୍ଚାୟତି ରାଜ ଦିବସ ଭାବେ ଘୋଷଣା କରିବା ପାଇଁ ଦାବି କରିଥିଲେ।

ଏହି ପ୍ରତିବାଦରେ ଦଳୀୟ କର୍ମୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସେମାନଙ୍କ ଭିତରେ ଏହି ନିଷ୍ପତ୍ତି ପ୍ରତି ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା ସଭାପରିଚାଳନା କରିଥିଲେ।



ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳିମାନେ।

# ତେଲଙ୍ଗାନା ୭୧ ରନରେ ବିଜୟୀ

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**

**ଜାତୀୟ ସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ସୁନ୍ଦରଗଡ ଭବାନୀଭବନ ଷ୍ଟାଡିୟମରେ ଚାଲିଥିବା ଜାତୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୯ରାଜ୍ୟର ହ୍ୱିଲଚେୟାର କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ତେଲେଙ୍ଗାନା ଓ ଗୁଜରାଟ ଦଳ ମଧ୍ୟରେ ହୋଇଥିଲା। ଏଥିରେ ତେଲେଙ୍ଗାନା ଦଳ ୩ ଉଇକେଟ ବିନିମୟରେ ୧୫୮ରନ ସଂଗ୍ରହ କରିଥିବା ବେଳେ ଗୁଜରାଟ ଦଳ ୪ ଉଇକେଟ ବିନିମୟରେ ୮୭ରନ ସଂଗ୍ରହ କରିଥିଲା। ତାମିଲନାଡୁ ଦଳ ୭୧ରନରେ ବିଜୟୀ ହୋଇଛି। ଉଦ୍‌ଯାପପନୀ ସମାରୋହରେ ଅତିରିକ୍ତ ଜିଲାପାଳ ରବିନାୟଣ ସାହୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ, ଡାକ୍ତର ଦିଲିପ କୁମାର ଷଡ଼ଙ୍ଗୀ, ପିଏ ଆଇଟିଡିଏ ଧୀରେନ୍ଦ୍ର ସେଠୀ, ସମାଜସେବୀ ସ୍ନେହଲତା ପଟେଲ, ଅବସରପ୍ରାପ୍ତ ପ୍ରଶାସକ ଦୁର୍ଗା ମାଧବ ପଟେଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ପ୍ରୟାସ ଇଣ୍ଡିଆ ଚ୍ୟାରିଟୀ ଫାଉଣ୍ଡେଶନର ସଂସ୍ଥାପକ ପ୍ରବୀଣ ସିଂହ ସେଙ୍ଗାର, ସଙ୍ଗୀତା ସାହାଣୀ, ଓଡ଼ିଶା ଅଧ୍ୟାୟର ଯଶୋବନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ତାମିଲନାଡୁର ଆର କୋଟେଶ୍ୱର, ଗୁଜରାଟର ଧୀରଜଙ୍କୁ ପୁରସ୍କୃତ କରାଯାଇଥିଲା।

# ବିପଜ୍ଜନକ ହେଉଛି କ୍ଷେତ ନିଆଁ

**ପଦ୍ମପୁର,୬।୩(ପ୍ରଦୀପ୍ତ ଦାଶ)**

ଜଙ୍ଗଲ ନିଆଁରୁ ଅଧିକ ଭୟଙ୍କର ହେଉଛି କ୍ଷେତ ନିଆଁ। ଜନସାଧାରଣ କିଛି ଲାଭ ପାଇଁ ମହୁଲ ସଂଗ୍ରହ ହେଉ କି କେନ୍ଦୁପତ୍ର ସଂଗ୍ରହ ହେଉ ବେପରୁଆ ଭାବରେ ଚାଷଜମି ଓ ଗ୍ରାମ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଯାହା ଦ୍ୱାରା ବନ୍ୟପ୍ରାଣୀ ସମେତ ମୂଲ୍ୟବାନ ଗଛଲତା ପୋଡ଼ିଯାଉଛି। ବର୍ତ୍ତମାନ ପତ୍ର ଝଡ଼ିବା ସହିତ ଚାଷଜମିରେ ନଡ଼ା ଥିବାରୁ ଆଖିପିଛୁଳାକେ ନିଆଁ ମାଡ଼ିଯାଉଛି। ଯାହାକୁ ରୋକିବା ବନ ବିଭାଗ ପାଇଁ ମଧ ଏକ ବଡ ଆହ୍ୱାନ ପାଲଟିଛି। ବନ ବିଭାଗ ତରଫରୁ ବନାଗ୍ନି ନିରାକରଣ ସଚେତନତା ଅଭିଯାନ କରାଯାଇଥିଲା। ଏହା ସତ୍ତ୍ୱେ ଲୋକେ ମାନୁନାହାନ୍ତି। ଗତ ଦୁଇଦିନ ତଳେ ବୁଡେନ ଥାନା ଦର୍ଲିଗୁଡ଼ା, ଦହିଗାଁ, ବ୍ରାହ୍ମଣଡିହୀ ଗ୍ରାମର ଚାଷଜମିରେ ନିଆଁ ଲାଗି ଗ୍ରାମ ଜଙ୍ଗଲକୁ ମାଡ଼ିଯାଇଥିଲା। ପ୍ରତିଦିନ ଏପରି ଅନେକ ଖବର ସାମ୍ନାକୁ ଆସୁଛି। ବନ ବିଭାଗ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଗଞ୍ଜାଡାବର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ପାଇକମାଳା,୬।୩(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ଗଞ୍ଜାଡାବର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୟାନିଧି ବୁଡ଼େକଙ୍କ ସଭାପତିତ୍ୱରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପାଇକମାଳ ଏବିଇଓ ରାଧେଶ୍ୟାମ, ମୁଖ୍ୟ ବକ୍ତା ଏବିଇଓ ଧଲେନ୍ଦ୍ର ବାରିକ ଓ ସମ୍ମାନିତ ଅତିଥି ଭାବରେ ଧନୁ ମାଝୀ, ସିଆରସିସି ସନ୍ତୋଷ ମେହେର, ବସୁଦେବ କୁମ୍ଭାର, ବିକ୍ରମ କେଶରୀ ପଟେଲ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଚୋପସିଂ ମାଝୀ, ରାଜଶ୍ରୀ ମାଝୀ ସମେତ ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ତଥା ଗ୍ରାମବାସୀମାନେ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦୟାନିଧି ବୁଡ଼େକ ଧନ୍ୟବାଦ ଦେଇଥିଲେ।

### ଜାପାନର ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବେ ବରଗଡ଼ ଝିଅ

**ବରଗଡ଼, ୬।୩(ପ୍ରେମାନନ୍ଦ ଖମାରୀ):** ବରଗଡ ଜିଲା ଭଟଲି ଥାନା ଅନ୍ତର୍ଗତ କେଶାଇପାଲି ଗ୍ରାମର ବିକ୍ରମ ପଧାନ ଓ ଆହ୍ଲାଦିନୀଙ୍କ ଝିଅ ଦିବ୍ୟାସା ଜାପାନର ସାକୁରା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଦିବ୍ୟାସାଙ୍କ ପ୍ରକଳ୍ପ ମଲ୍ଟି ପ୍ରପୋଜ କେରିୟର୍ ଇନ ଟୁ ହୁଇଲର ଗତବର୍ଷ ସେପ୍ଟେମ୍ବର ମାସରେ ଦିଲ୍ଲୀରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ସେ ତାଙ୍କ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢିବା ସମୟରେ ସେହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଗୋଟିଏ ଛୋଟ ଗାଁରୁ ଜାପାନ ଭଳି ଦେଶରେ ଭାଗ ନେବାର ସୁଯୋଗ ପାଇ ଥିବାରୁ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଦିବ୍ୟାସା ବର୍ତ୍ତମାନ ଟ୍ରଷ୍ଟ ଫଣ୍ଡ ହାଇୟର୍ ସେକେଣ୍ଡାରୀ ସ୍କୁଲ, ବରଗଡ଼ରେ ଦାଦଶ ଶ୍ରେଣୀ ପ୍ରଥମ ବର୍ଷରେ ଅଧ୍ୟୟନରତ। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ପ୍ରଶଂସା କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରିଛନ୍ତି।



ଗୃହସ୍ଥୀର ନୂତନ ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରାଯାଉଛି।

# ଗୃହସ୍ଥୀ ଡାଏରୀର ନୂତନ ଆଉଟଲେଟ୍ ଉଦ୍‌ଘାଟିତ

**ରାଉରକେଲା,୬।୩(ଦିନେଶ ମିଶ୍ର)**

ବାସନ୍ତୀ କଲୋନିସ୍ଥିତ ଫୁଡ୍‌କୋର୍ଟ ପରିସରରେ ଥିବା ଦୋକାନ ସଂଖ୍ୟା ୧୪ରେ ଗୃହସ୍ଥୀ ଡାଏରୀର ଏକ ନୂତନ ଆଉଟଲେଟ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ ଓ ଏମ୍‌ଡି ଗୋକୁଳ ଆନନ୍ଦ ବାଗେଡିଆ ଅତିଥି ଭାବେ ଉପସ୍ଥିତ ରହି ଏହି ନୂତନ ଆଉଟଲେଟ୍‌କୁ ଉଦ୍‌ଘାଟନ କରିଥିଲେ। ଗୃହସ୍ଥୀ ଡାଏରୀ କେବଳ ଏକ ବ୍ୟବସାୟ ନୁହଁ। ଏହା ଏକ ଅଭିଯାନ ଯାହା ଲୋକଙ୍କୁ ଶୁଦ୍ଧ ମିଶ୍ରଣମୁକ୍ତ ଦୁଗ୍ଧ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। ଆମର ପାରମ୍ପରିକ ମୂଲ୍ୟବୋଧ ଓ ନୀତି ଆମକୁ ଅନ୍ୟମାନଙ୍କୁଠାରୁ ଅଲଗା କରେ ଓ ଏହାର ଗୁଣବତ୍ତା ଓ ଶୁଦ୍ଧତା ଜାରି ରଖିବୁ ବୋଲି ସିଏମ୍‌ଡି ବାଗେଡିଆ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସିଏମ୍‌ଡି ବାଗେଡିଆଙ୍କ ସମେତ ସିଇଓ ଅମିତ ଅଗ୍ରୱାଲ, ହିସାବରକ୍ଷକ ସୀତାରାମ ବାଗେଡିଆ, ସେଲ୍ସ ମ୍ୟାନେଜର ଶୁଭାଶ୍ରୀ ରାୟ ଦରବାରରେ ଗୋମାତା, ଗୁରୁମାତା ଓ ପୂର୍ବଜନମାନଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗୃହସ୍ଥୀର ଏହି ନୂତନ ଆଉଲେଟ୍ ଶପ୍‌ରେ ଘିଅ, ଦହି, କ୍ଷୀର, ରାବିଡ଼ି, ବିଭିନ୍ନ ପ୍ରକାର ମିଠା ଭଳି ଖାଦ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଅମିତ ଅଗ୍ରୱାଲ, ଶୁଭାଶ୍ରୀ ରାୟ, ପ୍ରଫୁଲ ପତ୍ର, ଅବିନାଶ ମିଶ୍ର, ମୁକେଶ ଠାକୁର, ଟି. ପୁରୁଷୋତ୍ତମ ଓ ପ୍ରମିଳା ସାଣ୍ଡାଲ, ସପନା ମଗର, ମନୀଷା କେରକେଟ୍ଟା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମିତି ସଭ୍ୟା, ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ବଡ଼ଗାଁ, ୬।୩(ଅଶୋକ ଷଡ଼ଙ୍ଗୀ)**

**ଅଧକ୍ଷାଙ୍କ ମନମୁଖି ଅଭିଯୋଗ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତର ସମିତି ମେମ୍ବର ସଂଯୁକ୍ତା ସୋରେଙ୍ଗଙ୍କ ସହିତ ତଳିମୁଣ୍ଡା ଗ୍ରାମବାସୀ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମନମୁଖି କାର୍ଯ୍ୟ କରିଥିବା ଅଭିଯୋଗକରି ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଭାବେ ଜଣାଇଛନ୍ତି। ବିଗତ ସମିତି ଶେୟାର କାର୍ଯ୍ୟକୁ ସୂଚନା ନ ଦେଇ ଅନ୍ୟ ପଞ୍ଚାୟତକୁ ଆମ ପଞ୍ଚାୟତର କାର୍ଯ୍ୟ ଦିଆଯାଇଥିବା ଓ ସମିତି ଶେୟାର କାର୍ଯ୍ୟ ଦେବାରେ ଅସମାନତା କରାଯାଇଥିବା ଅଭିଯୋଗ ହୋଇଛି। ସମିତି ମେମ୍ବର ସଂଯୁକ୍ତା ସୋରେଙ୍ଗ, ୱାର୍ଡମେମ୍ବର କ୍ରେସେନସିଆ ହରୋ, ଗ୍ରାମର ଦମନିକ ଧନୁଆର, ଯାଷ୍ଟିନା କାଙ୍ଗାଡ଼ି, ଆନିମା ଧନୁଆର, ହେଲିନା କେରକେଟା, ପୁଷ୍ପା ଟପ୍ପୋ, ସୁଶୀଲା କାଙ୍ଗାଡି ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ଅଛି ଯେ, ବିଗତ ସମିତି ଶେୟାରର ଏକ କଂକ୍ରିଟ ରାସ୍ତାକାମକୁ ସୂଚନା ନ ଦେଇ ମନମୁଖି ପରିବର୍ତ୍ତନ କରାଯାଇଛି। ଆମ ସମିତି ଶେୟାର କାର୍ଯ୍ୟକୁ ତୁଡାଲଗା ପଞ୍ଚାୟତକୁ ଦିଆଯାଇଥିବା ଓ ଏହା ନିନ୍ଦନୀୟ କାର୍ଯ୍ୟ ବୋଲି ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓଙ୍କୁ ପୂର୍ବରୁ ଜଣାଇଥିଲେ ମଧ ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହାର ସମାଧାନ ପାଇଁ ଦାବି କରାଯାଇଛି। ଯଥାଶୀଘ୍ର ସମାଧାନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବୁ ଓ ଏଥିପାଇଁ ଅଧକ୍ଷା ଏବଂ ବିଡିଓ ଦାୟୀ ରହିବେ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଅଧକ୍ଷା ସୋରେଙ୍ଗଙ୍କୁ ପଚାରିବାରୁ ସେ କହିଛନ୍ତି, ବିପିଡିପିରେ ପ୍ରକଳ୍ପ ରଖାଯାଇଥିଲା। ଭୁଲ୍‌ବଶତଃ ତୁଡାଲଗା ପଞ୍ଚାୟତ ଛାଡ଼ି ହୋଇଯାଇଥିଲା। ତେଣୁ ବରଙ୍ଗାକଛାର ପଞ୍ଚାୟତରୁ ଗୋଟିଏ ପ୍ରକଳ୍ପ ତୁଡାଲଗା ପଞ୍ଚାୟତକୁ ଦିଆଯାଇଛି,ଯାହା ସମିତି ବୈଠକରେ ଅନୁମୋଦିତ ହୋଇଛି।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଜନପ୍ରତିନିଧି ଓ ଗ୍ରାମବାସୀ।

# ରାଉରକେଲାରେ ଏମ୍‌ଏସ୍‌ଏମ୍‌ଇ ଆଉଟ ରିଚ୍ କ୍ୟାମ୍ପ

**ରାଉରକେଲା,୬।୩(ସଙ୍ଗୀତା ଜେନା)**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଆନୁକୂଲ୍ୟରେ ଉଦ୍ୟୋଗୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ (ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ) ମାଧ୍ୟମରେ ଏକ ମେଗା ଆଉଟରିଚ୍ କ୍ୟାମ୍ପ ରାଉରକେଲା ଚାମ୍ବର ଅଫ୍ କମର୍ସ ଠାରେ ବୁଧବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଏମ୍‌ଏସ୍‌ଏମ୍‌ଇ ସହକାରୀ ନିର୍ଦ୍ଦେଶକ ଡି. କେ. ନାୟକ ମୁଖ୍ୟ ଅତିଥି ଯୋଗଦେଇ ଉଦ୍ୟୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ଏସଏମଇ ଦ୍ୱାରା ଆଶାୟୀଙ୍କୁ ଋଣଦେଇ ସ୍ୱାବଲମ୍ବୀ ହେବାର ସୁଯୋଗ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଆଶାୟୀ ନିଜେ ମାଲିକ ହୋଇପାରିବେ ବୋଲି ନାୟକ କହିଥିଲେ। ଚାମ୍ବର ସଭାପତି ପ୍ରଭାତ ଟିବ୍ରେୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କଗୁଡିକର ସରଳୀକରଣ ଋଣ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବ୍ୟାଙ୍କର ମହାପ୍ରବନ୍ଧକ ଶାନ୍ତନୁ ଦାଶ ଏମ୍‌ଏସ୍‌ଏମ୍‌ଇର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ଧର୍ମେନ୍ଦ୍ର ରାଜରିୟା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ, ସ୍ଥାନୀୟ ବ୍ୟବସାୟୀ, ଶିଳ୍ପପତି ଓ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ।



-ଚାମ୍ବର ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲା ମୁଖ୍ୟ ଡାକ୍ତରଖାନା ସୁରକ୍ଷା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**କଟା ଯାଇଥିବା ଦରମା ପ୍ରଦାନ ଦାବି**

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**

ବେନିୟମ ଭାବେ କଟାଯାଇଥିବା ଦରମା ପ୍ରଦାନ ଦାବିରେ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀମାନେ ଗୁରୁବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଡାକ୍ତରଖାନାରେ କାର୍ଯ୍ୟରତ ୯୩ଜଣ ସୁରକ୍ଷା କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୁରକ୍ଷା କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ଏକଜିକ୍ୟୁଟିଭ ସିକ୍ୟୁରିଟି ସାର୍ଭିସ ସଂସ୍ଥା ଅଧୀନରେ ସେମାନେ ଜିଲା ମୁଖ୍ୟ ଡାକ୍ତରଖାନାରେ ସୁରକ୍ଷା କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ହେଲେ ଏହି ସଂସ୍ଥା କର୍ମଚାରୀଙ୍କ ଦରମାରୁ ୭ହଜାରରୁ୧୦ହଜାର ଲେଖାଏଁ ଟଙ୍କା ମନ ଇଚ୍ଛା ବେନିୟମ ଭାବେ କାଟି ଦେଇଛନ୍ତି। କଟା ହୋଇଥିବା ଦରମା ଟଙ୍କା ପ୍ରଦାନ ପାଇଁ ବାରମ୍ବାର ଗୁହାରି ସତ୍ତ୍ୱେ ନ ଶୁଣିବାରୁ ପରିଶେଷରେ କର୍ମୀମାନେ ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଗତ ଜାନୁଆରୀ ୪ତାରିଖରେ ଶ୍ରମ ବିଭାଗ ସେହି ସଂସ୍ଥା ସହିତ ଆଲୋଚନା କରି ଯଥାଶୀଘ୍ର କଟାହୋଇଥିବା ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ସଂସ୍ଥା କଟାହୋଇଥିବା ଏହି ଦରମା ଟଙ୍କା ପ୍ରଦାନ ନ କରିବା ଓ କାହିଁକି ଟଙ୍କା କଟା ଯାଇଥିଲା ସେ ନେଇ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନଥିଲେ।



ଆନ୍ଦୋଳନରେ ଜିଲା ମୁଖ୍ୟ ଡାକ୍ତରଖାନା ସୁରକ୍ଷା କର୍ମୀ।

# ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)


ଜିଲାସ୍ତରୀୟ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଜିଲାସ୍ତରୀୟ ଜନ ଓ ମହିଳା ଆରୋଗ୍ୟ ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ**

**ସମ୍ମାନିତ ହେଲେ ଆଶା, ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସ୍ୱାସ୍ଥ୍ୟ ସମିତି**

ଝାରସୁଗୁଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନବ ଦାସ ଅଡିଟୋରିୟମଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲାସ୍ତରୀୟ ଜନ ଓ ମହିଳା ଆରୋଗ୍ୟ ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମଣ କୁମାର କର୍ମୀ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସ୍ୱାସ୍ଥ୍ୟ ସେବାକୁ ନିଜସ୍ୱ ଦୈନନ୍ଦିନ ଜୀବନର ଦିନଚର୍ଯ୍ୟା ବୋଲି ଭାବି କରିବା ସହ ନିଜ ଅଞ୍ଚଳରେ ରହି ସ୍ୱାସ୍ଥ୍ୟସେବା ଯୋଗାଇଦେବେ ତାହା ହେଲେ ସ୍ୱାସ୍ଥ୍ୟ ସେବା ଜନସ୍ୱାସ୍ଥ୍ୟ ସେବାର ପ୍ରକୃତ ଅର୍ଥରେ କାର୍ଯ୍ୟ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମଣ କୁମାର କର୍ମୀ ମତବ୍ୟକ୍ତ କରିଥିଲେ। ସମସ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଅଧିକାରୀ, ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସ୍ୱାସ୍ଥ୍ୟ ସମିତି, କାର୍ଯ୍ୟକ୍ରମ ଅଧିକାରୀ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଆରୋଗ୍ୟ ସ୍ୱାସ୍ଥ୍ୟ ସମିତିଙ୍କ ଜିଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ବୁଲୁନାଥ ସାହୁ ସ୍ୱାସ୍ଥ୍ୟସେବାରେ ଚାଲୁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁଲିତା ସାହୁ, ବିତ୍ତ ପରିଚାଳକ ଧୀରେନ୍ଦ୍ର କୁମାର ନନ୍ଦ, ତାଲପଟିଆ ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଚିରଞ୍ଜିବୀ ଖଟୁଆ, ଅର୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ତୋଷ୍ଣମୟୀ ପଟେଲ, ଜିଲା ଖଣିଜ ପ୍ରତିଷ୍ଠାନ ଗାରିମା ପାଣ୍ଡେ, ରୀନା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ଛୁଇଖାଞ୍ଜ ଗାଁ କଲ୍ୟାଣ ସମିତି, ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ହଣ୍ଡାତୁପା ଗାଁ କଲ୍ୟାଣ ସମିତି, କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଲରିଆପଲି ଗାଁ କଲ୍ୟାଣ ସମିତି, ମୁନ୍ଦ୍ରାଯୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ମୁରାଦିପାଳି ଗାଁ କଲ୍ୟାଣ ସମିତି, କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ହଣ୍ଡାତୁପା ଗାଁ କଲ୍ୟାଣ ସମିତିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ପରିଚାଳକ ଆଶା ଜିତେନ୍ଦ୍ର କୁମାର ପାଲ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ପରିଚାଳକ ଶୁଭକାନ୍ତ ପଣ୍ଡା, କ୍ୱାଲିଟି ପରିଚାଳକ ରଞ୍ଜନ ପରିଚ୍ଛା, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ରାଜେଶ ପଟେଲ, ଜିଲା କୁଷ୍ଠ ପରାମର୍ଶଦାତା ଡା ହରପ୍ରସାଦ ମହାପାତ୍ର, ମନୋଜ କୁମାର ବେରିହା, ସ୍ୱାଗତ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ ଓ ସ୍ୱେଜଲ୍ ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ବିରାଟ ରାଜା ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

# ବିଜୁବାବୁଙ୍କୁ ଅସମ୍ମାନ, ବିଜେଡିର ପ୍ରତିବାଦ ସଭା

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ରାଜ୍ୟ ସରକାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ କରି ଗୁରୁବାର ପୂର୍ବାହ୍ନ ୧୧ଟାରେ ଝାରସୁଗୁଡ଼ା ଜିଲା ବିଜୁ ଜନତା ଦଳ ପକ୍ଷରୁ ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ପ୍ରତିବାଦ ସଭାରେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇ ଭାଜପା ସରକାର ଉପରେ ବର୍ଷିଛନ୍ତି। ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆ ଏବଂ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି। ତାଙ୍କର ପ୍ରତିଭା ଓଡ଼ିଶା ତଥା ଭାରତବାସୀଙ୍କ ପାଇଁ ଗୌରବ ଆଣିଛି। ବିଜୁ ପଟ୍ଟନାୟକଙ୍କ ଜନ୍ମଦିନକୁ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା। ହେଲେ ବର୍ତ୍ତମାନର ସରକାର ହୀନ ରାଜନୀତି କରି ବିଜୁ ବାବୁଙ୍କ ଜୟନ୍ତୀଠାରୁ ପଞ୍ଚାୟତିରାଜ ଦିବସକୁ ଅଲଗା କରିଦେଇଛନ୍ତି। ଓଡ଼ିଶାର ଗର୍ବ ଗୌରବ ବିଜୁ ବାବୁଙ୍କ ପ୍ରତି ସରକାର ଅସମ୍ମାନ କରିଥିବା ବିଜେଡି ପକ୍ଷରୁ କୁହାଯାଇଛି। ପ୍ରତିବାଦ ସଭାରେ ଝାରସୁଗୁଡ଼ା ଜିଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ଦାମୋଦର ନାଥ, ବାସୁଦେବ ଭାଇଂସା, ରଘୁମନି ପଟେଲ, ପୌରଧ୍ୟକ୍ଷା ରାଣୀ ହାତୀ, ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀ, ପୂର୍ବତନ ପୌରାଧ୍ୟକ୍ଷ ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ଆଲୋକ ତ୍ରିପାଠୀ, ତୁଳସୀ ଦାସ, ଚିରଞ୍ଜିବୀ ପତି, ଭୁପାଲ ବେହେରା, ରୋଜାଲିନ ପଟେଲ, ନବନିତ କୋର ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରତିବାଦ ସଭାରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

## ସଂକ୍ଷେପରେ

### ବାଲି ଚୋରି କରି ନେଉଥିବା ହାଇୱା ଜବତ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଥାନା ନିକଟସ୍ଥ ସାହାପଡାଠାରେ ବଡ଼ମାଲ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଲି ଚୋରି କରି ନେଉଥିବା ଏକ ହାଇୱା ଜବତ କରିଛି। ବୁଧବାର ରାତି ପ୍ରାୟ ୯ଟାରେ ଝାରସୁଗୁଡାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ହାଇୱା (ନଂ.ଓଡି୨୩ବି ୧୯୦୦) ବାଲି ବୋଝେଇ କରି ଯାଉଥିବା ବେଳେ ବଡ଼ମାଳ ପୋଲିସ ବାଲି ଦେଖି ହାଇୱା ଅଟକ କରି କାଗଜ ପତ୍ର ଯାଞ୍ଚ କରିଥିଲା।ଡ୍ରାଇଭରନିଜପରିଚୟସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଭିକମପୁରର ଉଲସନ ହାଂସଦା ବୋଲି ପୋଲିସ ଆଗରେ ପ୍ରକାଶ କରିଥିଲା। ବଡ଼ମାଳ ପୋଲିସ ଏକ ମାମଲା ରୁଜୁ କରି ହାଇୱା ଜବତ କରି ଚାଲକଙ୍କୁ ଗିରଫ ଗୁରୁବାର କୋର୍ଟ ଚାଲାଣ କରିଛି।

### ବେଲପାହାଡ଼ରେ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଆରମ୍ଭ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡରେ ୫୪ତମ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅଖଣ୍ଡ ୨୪ ପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ସପତ୍ନୀକ ପ୍ରଫୁଲ୍ଲ ରଥ ଏବଂ ପଦ୍ମିନୀ ରଥ ଦାୟିତ୍ୱ ତୁଲାଉଥିବାବେଳେ ଉମ୍ବରୁଧର ମିଶ୍ର ଏବଂ ରାଜେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ଷଡ଼ ବୈଷ୍ଣବ ଭାବେ ବସନ୍ତ ପସାୟତ, ଦୁର୍ଗା ପ୍ରଧାନ, ବିରଞ୍ଚି କୁର୍ମି, ସୁରେନ୍ଦ୍ର ମେହେର, ପ୍ରଶାନ୍ତ ମିଶ୍ର, ଚକ୍ର ମେହେର ଦାୟିତ୍ୱ ତୁଲାଉଛନ୍ତି। ଜଗନ୍ନାଥ ମନ୍ଦିର ବେଲପାହାଡ଼ ସମଡ଼ା ପକ୍ଷରୁ କରାଯାଉଥିବା ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ପାଇଁ ଜିଲା ଏବଂ ଜିଲା ବାହାରୁ ମୋଟ ୧୨୦ କୀର୍ତ୍ତନ ମଣ୍ଡଳୀକୁ ନିମନ୍ତ୍ରଣ କରାଯାଇଛି। ଆସନ୍ତା ୯ ତାରିଖ ସକାଳେ ନାମ ସମାପନ, ମଧ୍ୟାହ୍ନରେ ନଗରଭ୍ରମଣ, ସନ୍ଧ୍ୟାରେ ଦଧିଭଞ୍ଜନ ସହ ପ୍ରସାଦ ସେବନ ପରେ ନାମଯଜ୍ଞ ସମାପନ ହେବ।

# ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ପୂର୍ବାହ୍ନ ୧୦ରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଅଳ୍ପଦିନ ପୂର୍ବେ ଯୋଗଦେଇଥିବା ବାରକୋଟ ବ୍ଲକ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାକ୍ତର ସିଦ୍ଧେଶ୍ୱର ନାୟକ ନିଜ ପକ୍ଷରୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗୋଷ୍ଠି ଉନ୍ନୟନ ଅଧିକାରୀ ନାୟକ ତାଙ୍କର ନିର୍ଦ୍ଦେଶନାମା (ଅଫିସ ଅର୍ଡର) ନଂ. ୧୧୬୫/ଇଏସ୍ଟିଟି, ତା-୦୩-୦୩-୨୦୨୫ରିଖ ଯୋଗେ ଉକ୍ତ ବ୍ଲକର ସମସ୍ତ କର୍ମଚାରୀ ସନ୍ଧ୍ୟା ୬ଟା ୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହାକୁ ଅମାନ୍ୟ କଲେ ଅନଧିକୃତ ଅନୁପସ୍ଥିତି ବୋଲି ଦର୍ଶାଯିବା ସହ ଦରମା ମଧ କାଟି ଦିଆଯିବ ବୋଲି ନିର୍ଦ୍ଦେଶନାମାରେ ରହିଥିବା ଜଣାପଡିଛି। ଏହି ନିର୍ଦ୍ଦେଶାନାମ ଜାରି ହେବା ପରେ ବ୍ଲକର କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ ଭାବେ ଏହାଦ୍ୱାରା ମହିଳା କର୍ମଚାରୀମାନେ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଥିବାରୁ ସେମାନେ ଚିନ୍ତିତ ହୋଇପଡିବା ସହ ଏହାକୁ ବେଆଇନ ବୋଲି ଦର୍ଶାଇବା ସହ ଗୋଷ୍ଠି ଉନ୍ନୟନ ଅଧିକାରୀ ଡାକ୍ତର ନାୟକ କେଉଁ କ୍ଷମତା ଓ ଅଧିକାର ବଳରେ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ତେବେ କେତେକ ବଡବଡିଆ କର୍ମଚାରୀ ହେଡକ୍ୱାର୍ଟରରେ ନ ରହି ଦେବଗଡ଼ରୁ ଯାତାୟାତ କରୁଥିବା ଏବଂ କାର୍ଯ୍ୟାଳୟରେ ବିଳମ୍ବରେ ପହଞ୍ଚି ଶୀଘ୍ର ଫେରି ଯାଉଥିବାରୁ ସେମାନଙ୍କୁ ନିୟନ୍ତ୍ରଣ ପାଇଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଡାକ୍ତର ନାୟକ ଏଭଳି ନିର୍ଦ୍ଦେଶନାମା ଜାରି ପାଇଁ ବାଧ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ବିଡିଓ ନାୟକଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏ ନେଇ ମତାମତ ନିମନ୍ତେ ଗୋଷ୍ଠି ଉନ୍ନୟନ ଅଧିକାରୀ ଡାକ୍ତର ନାୟକଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କର ମୋବଇଲ ସୁଇଚ ଅଫ୍ ଥିବାରୁ ମତାମତ ମିଳି ପାରିନାହିଁ।


OFFICE OF THE PANCHAYAT SAMITI, BARKOTE
mail id: ori-barkote@nic.in
No. 1165 /Estt, Dt. 03.03.2025

OFFICE ORDER

All the Block staffs should be present in the office till 6.30 PM, any deviation will be treated as un-authorized absent and salary of that day will be deducted.

Block Development Officer,
Barkote
03.03.2025

ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଚିଠି।

- **କର୍ମଚାରୀ ମହଲରେ ଅଶାନ୍ତି**
- **ବିଭିନ୍ନ ମହଲରେ ସ୍ୱାଗତ**
- **ପାୱାରର ଅପବ୍ୟବହାର**

# ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ତଥା ତିଲେଇବଣି ପୋଲିସ ଫାଣ୍ଡି ଅନ୍ତର୍ଗତ ଅଶୁରଖୋଳ ଗ୍ରାମ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ୩ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ଅଶୁରଖୋଳ ଗ୍ରାମର ଲବଣି ସ୍ୱାଇଁ। ସୂଚନା ଅନୁଯାୟୀ ସନ୍ଧ୍ୟା ପ୍ରାୟ ୬ ଟାରେ ଅଶୁରଖୋଳ ଗ୍ରାମର ଲବଣି ଓ ସମ୍ବଲପୁର ଜିଲା ବଣ୍ଡାବାହାଲ (କୁସୁମି)ଗ୍ରାମର ଗଣେଶ୍ୱର ସାହୁ ଏକ ବାଇକ୍ ଯୋଗେ ଚଟିବରଘାଟ ଛକ ଆଡକୁ ଯାଉଥିଲେ। ଏହି ସମୟରେ ବରଘାଟ ଛକ ଆଡୁ ତିଲେଇବଣି ଆଡକୁ ଭୁଲ ରାସ୍ତାରେ ଏକ ବାଇକ୍ ଆସୁଥିବା ତେଲିକୁସୁମ ଗ୍ରାମର ଜନ ବାର୍ଲା ଓ ଗୁଣ୍ଡେଇମରା ଗ୍ରାମର ରେଗାନ ନାୟକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରାସ୍ତା ଉପରକୁ ଛିଟିକି ପଡି ୪ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲବଣିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଗଣେଶ୍ୱର, ରେଗାନ ଓ ଜନଙ୍କୁ ବୁଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବର ପାଇ ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ୨ଟି ବାଇକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲା ବିଜେଡି ପକ୍ଷରୁ ପ୍ରତିବାଦ, ଧାରଣା

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

**ପଞ୍ଚାୟତିରାଜ ଦିବସ ପାଳନ ନ ହେବା ପ୍ରସଙ୍ଗ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନ ହେବା ପ୍ରସଙ୍ଗରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଗୁରୁବାର ପ୍ରତିବାଦ ସହ ଧାରଣା ଦିଆଯାଇଛି। ସମସ୍ତ ବିଜୁ ପ୍ରେମୀମାନେ ଏକାଠି ହୋଇ ସ୍ଥାନୀୟ ପ୍ରଧାନପାଟ ରାସ୍ତାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ତିଲେଇବଣି ବ୍ଲକ ଅଧ୍ୟକ୍ଷ ବିଭୁତି ଗଙ୍ଗଦେ, ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଯୁବ ନେତା ପ୍ରତାପ ଦେ, ଛାତ୍ର ନେତା ଭାନୀ ସାହୁ, ଚନ୍ଦ୍ର ଭୁକ୍ତା, ସମୀର ପ୍ରଧାନ ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତି ହୋଇଥିବା ଅପମାନର ତୀବ୍ର ବିରୋଧ କରିବା ସହ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ନିନ୍ଦା କରିଥିଲେ।


ପ୍ରଧାନପାଟ ରାସ୍ତାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ବାର୍ଷିକ ମାନ ନିର୍ଦ୍ଧାରଣ ସର୍ବେକ୍ଷଣ ପ୍ରଶିକ୍ଷଣ

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବାର୍ଷିକ ମାନ ନିର୍ଦ୍ଧାରଣ ସର୍ବେକ୍ଷଣ-୨୦୨୫ କ୍ଷେତ୍ର ଅନୁସନ୍ଧାନକାରୀମାନଙ୍କୁ ନେଇ ୨ ଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଗୌଡ଼ ଉଦଘାଟନ କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତତସହିତ ସର୍ବେକ୍ଷଣକୁ ସଫଳ କରିବା ନିମନ୍ତେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ପ୍ରଶିକ୍ଷିକା ପାର୍ଥିବୀ ପ୍ରିୟଦର୍ଶିନୀ କ୍ଷେତ୍ର ଅନୁସନ୍ଧାନକାରୀଙ୍କ ଦାୟିତ୍ୱ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମାନ ନିର୍ଦ୍ଧାରଣ ନିମନ୍ତେ ଟାଞ୍ଜେରିନ ଆପ ବ୍ୟବହାର ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ୫୦ଜଣ ଗୁରୁ ଛାତ୍ରୀଛାତ୍ର କ୍ଷେତ୍ର ଅନୁସନ୍ଧାନକାରୀ ଭାବେ ପ୍ରଶିକ୍ଷଣ ନେଇଥିଲେ। ଏଥି ନିମନ୍ତେ ପ୍ରତିଷ୍ଠାନ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


କର୍ମଶାଳାରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ୨ ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକରେ ଘଟିଥିବା ଏକ ଗଣବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ପି.କେ. ନାୟକ ୨ଜଣ ଅଭିଯୁକ୍ତ ହୃଦୟ ମହାନନ୍ଦ ଏବଂ ମନୋଜ ବାଗଙ୍କୁ ଦୋଷୀ ସବ୍ୟସ୍ତ କରି ୨୦ ବର୍ଷ ଲେଖାଁଏ ସଶ୍ରମ କାରା ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଶୁଣାଇଛନ୍ତି। ଜିଲା ଦୌରା ଜଜ୍ ନାୟକ ପୀଡିତାଙ୍କୁ ସରକାରୀ ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ ୨୦୧୭ ଫେବୃଆରୀ ୧୫ ତାରିଖରେ ସଦର ବ୍ଲକ ଲହଣ୍ଡାପୋଲ ନବୋଦୟ ବିଦ୍ୟାଳୟରୁ କାମସାରି ଫେରୁଥିବା ଜଣେ ବିଧବା ପୀଡ଼ିତା (୪୭)ଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକି ନେଇ ହୃଦୟ ଏବଂ ମନୋଜ ବଳାତ୍କାର କରିଥିଲେ। ୨୭ଟି ଦସ୍ତାବିଜ ଏବଂ ୨୦ଜଣଙ୍କ ସାକ୍ଷୀଙ୍କ ବୟାନ ଶୁଣି କୋର୍ଟ ମହାନନ୍ଦ ଏବଂ ବାଗଙ୍କୁ ଦୋଷୀ ସବ୍ୟସ୍ତ କରିଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରକାଶ ମହାନ୍ତି କେଶ ପରିଚାଳନା କରୁଥିଲେ।

# ବିଦ୍ୟୁତ୍ ଉପଭୋକ୍ତାଙ୍କ ପ୍ରତିବାଦ ସଭା

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପଞ୍ଚଗାଁ ପଲସଦା ଛକରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଶାଳ ପ୍ରତିବାଦ ସଭା ବୁଧବାର ଅନୁଷ୍ଠିତ ହୋଇଛି। ପ୍ରତିବାଦ ସଭାରେ ଝାରୁପଡ଼ା ଓ ଧୁଲୁଣ୍ଡା ଗ୍ରୀଡ଼ର ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇଥିଲେ। ହୀରାକୁଦ ବିସ୍ଥାପିତଙ୍କୁ ମାଗଣା ବିଦ୍ୟୁତ୍ ପ୍ରଦାନ, ବକେୟା ବିଦ୍ୟୁତ୍ ବିଲ ସମ୍ପୂର୍ଣ୍ଣ ଛାଡ଼, ସ୍ମାର୍ଟ ମିଟର ପ୍ରଥା ବନ୍ଦ ଆଦି ଦାବି କରିବା ଦାବି କରିଛନ୍ତି। ସରକାର ଯଦି ଦାବି ନ ଶୁଣନ୍ତି ତାହା ହେଲେ ଏହା ବିରାଟ ଜନ ଆନ୍ଦୋଳନର ରୂପ ନେବ ବୋଲି ପ୍ରତିବାଦ ସଭାରେ ବିଦ୍ୟୁତ୍ ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି। ପ୍ରତିବାଦ ସଭାରେ ସେବକରାମ ଭୋଇ ସଭାପତିତ୍ୱ କରିଥିବାବେଳେ ମହେନ୍ଦ୍ର କୁମାର ସାଏ ପରିଚାଳନା କରିଥିଲେ। ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷାବିଦ ସେବକରାମ ଭୋଇ, ସଭା ପରିଚାଳନା ମହେନ୍ଦ୍ର କୁମାର ସାଏ ଏବଂ ସଚ୍ଚିଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଡ. ଏନ୍. ଥିରୁମାଲା


ଛାତ୍ରୀଛାତ୍ରମାନଙ୍କ ସହ ଆଇଏଏସ୍ ଏନ. ଥିରୁମାଲା ଭାବର ଆଦାନପ୍ରଦାନ କରୁଛନ୍ତି।

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଗସ୍ତ କରିଛନ୍ତି ଡ଼. ଏନ୍ ଥିରୁମାଲା (ଆଇଏଏସ୍)। ଗୁରୁବାର ସେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ବାରକୋଟ ଓ ତିଲେଇବଣି ବ୍ଲକ ବୁଲି ଦେଖିଥିଲେ। ଜିଲାର କୃଷି ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ, ମତ୍ସ୍ୟ ବିଭାଗ, ପଶୁପାଳନ ବିଭାଗ, ଯୋଗାଣ ବିଭାଗ, ଗୋଷ୍ଠୀ ସହାୟତା କେନ୍ଦ୍ର ବାରକୋଟ, ପିଡିଏସ ଡ଼ଓଁରା, ସମେତ ବିଭିନ୍ନ ବିଭାଗ ଜରିଆରେ ନିର୍ମିତ ଓ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଦେଖିଥିଲେ। ପରେ ଏକଲବ୍ୟ ଆଦିବାସୀ ବିଦ୍ୟାଳୟ ଦେବଗଡ଼ ଯାଇ ଛାତ୍ରୀଛାତ୍ରମାନଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ଗସ୍ତ ଅବସରରେ ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାଉଁସିବହାଲ ଭାଟସିଂରେ ଫୁଲଚାଷ, ସ୍ୱୟଂ ସହାୟତା ଗୋଷ୍ଠୀ ଦ୍ୱାରା ଉତ୍ପାଦନ କେନ୍ଦ୍ର ଓ ବାରକୋଟ ଓ ତିଲେଇବଣି ବ୍ଲକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକ ଦେଖି ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଥିଲେ। ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପରକ୍ଷିତ ସାହୁ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଠିକାଦାର ସଂଘର ଧାରଣା ସାମୟିକ ଭାବେ ସ୍ଥଗିତ

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)



ଧାରଣା ସ୍ଥଗିତ ହେବା ପୂର୍ବରୁ ଜିଲା ଠିକାଦାର ସଂଘ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ।

**ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ, ଅନ୍ୟ କର୍ମଚାରୀ ନିଯୁକ୍ତି ଦାବି**

ଦେବଗଡ଼ ପୂର୍ତ୍ତ ବିଭାଗ ରାସ୍ତା ଓ ସୌଧ ବିଭାଜନରେ ଖାଲି ପଡିଥିବା ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀ ନିଯୁକ୍ତି ଦାବିରେ ଠିକାଦାର ସଂଘ ପକ୍ଷରୁ ଗତ ସୋମବାରଠାରୁ ଚାଲିଥିବା ଧାରଣା ଓ ତାଲାବନ୍ଦ ଆନ୍ଦୋଳନ ଗୁରୁବାର ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ବିଭାଗୀୟ ସମ୍ବଲପୁର ମଣ୍ଡଳର ସିସିଇ ହେମନ୍ତ ନାୟକ, ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିଭୁ ପ୍ରସାଦ ଲେଙ୍କା, ଏସ୍‌ଡିଓ ରାଜେନ୍ଦ୍ର ସୋରେନ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ ଓ ଜିଲାପାଳ କବୀନ୍ଦ୍ର ସାହୁଙ୍କ ସହିତ ଜିଲା ଠିକାଦାର ସଂଘ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ୧୫ ଦିନ ମଧ୍ୟରେ ନିୟମିତ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ପୂରଣ ସହିତ ଖାଲି ପଡିଥିବା ଅନ୍ୟାନ୍ୟ ପଦାବୀ ପୂରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଫଳରେ ସଂଘ କର୍ମକର୍ତ୍ତାମାନେ ଧାରଣା ଓ ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ରାଜି ହୋଇଥିଲେ। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରୋକଠୋକ ଶୁଣାଇଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପଦବୀ କାଳି ପଡିଥିବାରୁ ଜିଲାର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଦେବଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ ବଦଳି ପରେ ଏହି ଦାୟିତ୍ୱରେ ଥିବା ସମ୍ବଲପୁରର ଅଧୀକ୍ଷଣ ଯନ୍ତ୍ରୀ ଲେଙ୍କା ଦେବଗଡ଼ ଆସୁ ନ ଥିବା ଓ ଏଠାକାର ଠିକାଦାରମାନେ ସମ୍ବଲପୁର ଗଲେ ତାଙ୍କ ଦେଖା ମିଳୁ ନ ଥିବା ନେଇ ଠିକାଦାର ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାର୍ଚ୍ଚ ୨ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଲିଖିତ ଚେତାବନୀ ଦେଇଥିଲେ। ମାତ୍ର ମାର୍ଚ୍ଚ ୨ ତାରିଖ ମଧ୍ୟରେ ଦାବି ପୂରଣ ନ ହେବାରୁ ସଂଘ କର୍ମକର୍ତ୍ତାମାନେ ଗତ ୩ ତାରିଖରୁ ବିଭାଜନ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ସେଠାରେ ଧାରଣାରେ ବସିଥିଲେ।

ଧରିତ୍ରୀ 51 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ Bhubaneswar, Friday, March 7/ 2025

# ଚୟନ ନୀତିରେ ସ୍ୱଚ୍ଛତା ପାଇଁ ମନ୍ତ୍ରଣାଳୟର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୬।୩ (ପି.ଟି.)**

କ୍ରୀଡ଼ାକ୍ଷେତ୍ରରେ ଉତ୍ତରଦାୟିତ୍ୱ ଓ ଚୟନ ନୀତି ସ୍ଥିରତା ନିଶ୍ଚିତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନିକଟ ଅତୀତରେ ରେସଲିଂ, ଶୁଟିଂ ଓ ଅନ୍ୟ କିଛି ୱିଣ୍ଟର ସ୍ପୋର୍ଟ୍ସ ଇଭେଣ୍ଟରେ ଆଥଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଇଥିବା ବିବାଦ କାରଣରୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ଲାଗି ଜାତୀୟ ଫେଡେରେଶନକୁ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ନିର୍ଦ୍ଦେଶ ଦେଇଥିଲେ। ଚୟନ ନୀତିର ମାନଦଣ୍ଡ ସମ୍ପର୍କରେ ଆଥ୍‌ଲେଟଙ୍କୁ ଟ୍ରାଏଲ୍ସର ୧୫ ଦିନ ଆଗରୁ ସୂଚନା ଦେବା ସହ ଅନ୍ୟାୟ ହୋଇଥିବା ଭାବନାରୁ ସୃଷ୍ଟ ବିବାଦର ସମାଧାନ ପାଇଁ ଏକ କମିଟି ଗଠନକୁ ଜାତୀୟ ଫେଡେରେଶନ ଲାଗି ବାଧ୍ୟତାମୂଳକ କରାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓସି), ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ) ଗୁଡ଼ିକ ଲାଗି ଏକ ସର୍କୁଲାର ଜାରି କରାଯାଇଛି।



କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

ନୂଆ ନିର୍ଦ୍ଦେଶନାମାରେ ଏନ୍‌ଏସ୍‌ଏଫ୍‌ଗୁଡ଼ିକ ଲାଗି ନିଜ ନିଜର ୱେବ୍‌ସାଇଟ୍‌ରେ ଚୟନ ନୀତି ଅପଲୋଡ୍ କରାଯିବା ବାଧ୍ୟତାମୂଳକ। ଏକ ପ୍ରତିଯୋଗିତା ପୂର୍ବରୁ ୩ ମାସର ସମୟ ସୀମା ଥିଲେ, ଏହାକୁ କାର୍ଯ୍ୟକାରୀ କରାଯିବ। ଚୟନ ଶିବିରରେ ଭିଡିଓଗ୍ରାଫ କରିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଚୟନ ଶିବିରର ଭିଡିଓ ରେକର୍ଡିଂକୁ ସାଇ ନିକଟକୁ ପଠାଯିବା ଦରକାର। ପ୍ରତ୍ୟେକ ଚୟନ ଶିବିର ପୂର୍ବରୁ ମନ୍ତ୍ରଣାଳୟକୁ ଅବଗତ କରାଇବାକୁ ପଡ଼ିବ। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ, ଏସିଆନ ଗେମ୍ସ, ପାରା ଏସିଆନ ଗେମ୍ସ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଭଳି ପ୍ରତିଯୋଗିତା ଲାଗି ୨ ବର୍ଷ ଆଗରୁ ଚୟନର ମାନଦଣ୍ଡ ପ୍ରକାଶିତ କରିବାକୁ କୁହାଯାଇଛି। କୌଣସି ବଡ଼ ଟୁର୍ନାମେଣ୍ଟ ଲାଗି ଘୋଷିତ ଦଳରେ ମନ୍ତ୍ରଣାଳୟକୁ ନ ଜଣାଇ ଆଥଲେଟ୍ସ, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅଧିକାରୀଙ୍କୁ ସାମିଲ କରିହେବ ନାହିଁ। ପ୍ରସ୍ତାବିତ ନାମ ପଛରେ ଉପଯୁକ୍ତ କାରଣ ମଧ୍ୟ ଦେବାକୁ ପଡ଼ିବ। ଲମ୍ବା ତାଲିକାରେ ନାମ ସାମିଲ କରିବାର ଅନ୍ତିମ ଦିନର ୩୦ ଦିନ ପୂର୍ବରୁ ଲମ୍ବା ତାଲିକାର ସବିଶେଷ ତଥ୍ୟ ମନ୍ତ୍ରଣାଳୟ କିମ୍ବା ସାଇ ନିକଟରେ ଦାଖଲ କରାଯିବ। ଅନ୍ୟାୟ ହୋଇଥିବା ଭାବନରୁ ଆଥ୍‌ଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଉଥିବା ବିବାଦର ସମାଧାନ ଲାଗି ଅଭିଯୋଗ ସମାଧାନ କମିଟି କିମ୍ବା ଅପିଲ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟି ଅଭିଯୋଗର ୭ ଦିନ ମଧ୍ୟରେ ଗଠନ କରାଯିବା ଦରକାର। ଏହି କମିଟିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍ ରହିବା ଆବଶ୍ୟକ, ଯିଏକି ଅତିକମ୍‌ରେ ୪ ବର୍ଷ ପୂର୍ବରୁ ସକ୍ରିୟ ଖେଳରୁ ଅବସର ନେଇସାରିଥିବେ। ଚୟନ କମିଟିରେ କୌଣସି ସଦସ୍ୟ ଅପିଲ କମିଟିର ସଦସ୍ୟ ହୋଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

### ଫେଡେରେଶନ ସଭାପତି ଚୟନ କମିଟି ବାଛିବ

ଚୟନ କମିଟି ବାଛିବାର ଶକ୍ତି କେବଳ ଫେଡେରେଶନର ସଭାପତିଙ୍କୁ ଦିଆଯାଇଛି। ପୂର୍ବରୁ ଏହି ଶକ୍ତି ଫେଡେରେଶନ ନିକଟରେ ଥିଲା। ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ହାଇ ପରଫର୍ମାନ୍ସ ଡାଇରେକ୍ଟର କିମ୍ବା ମୁଖ୍ୟ କୋଚ୍ କିମ୍ବା ବିଦେଶୀ କୋଚ୍ କିମ୍ବା ମେଜର ଧ୍ୟାନଚାନ୍ଦ ଖେଳରତ୍ନ କିମ୍ବା ଅର୍ଜୁନ ସମ୍ମାନ ପାଇଥିବା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଚୟନ କମିଟିର ସଭାପତିତ୍ୱ କରିବା ଦରକାର। ନୂଆ ଗାଇଡ୍‌ଲାଇନ ଅନୁଯାୟୀ, ମନ୍ତ୍ରଣାଳୟ ଓ ସାଇ ଦ୍ୱାରା ନିଯୁକ୍ତ ଅବଜର୍ଭର ପୂର୍ବଭଳି ଚୟନ ପ୍ରକ୍ରିୟାର ଅଂଶ ହେବେନାହିଁ। ସେମାନେ ସେମାନଙ୍କ ଅନୁସନ୍ଧାନ ରିପୋର୍ଟ ସାଇ ଓ ମନ୍ତ୍ରଣାଳୟ ନିକଟରେ ଦାଖଲ କରିବେ।

### କଳଙ୍କିତ ବ୍ୟକ୍ତିଙ୍କୁ କୋଚ୍ ଭାବେ ଚୟନ କରାଯାଇପାରିବ ନାହିଁ

କୋଚ୍ ଚୟନ ସମ୍ପର୍କିତ ନିୟମରେ ମନ୍ତ୍ରଣାଳୟ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ଏନ୍‌ଏସ୍‌ଏଫ୍‌କୁ ପରାମର୍ଶ ଦିଆଯାଇଛି ଯେ, ସପୋର୍ଟ ଷ୍ଟାଫ୍‌ଙ୍କୁ ଥରେ ଚୟନ କରାଗଲା ପରେ ଏସିଆନ କିମ୍ବା ଅଲିମ୍ପିକ ଗେମ୍ସ ଶେଷ ନ ହେବା ପର୍ଯ୍ୟନ୍ତ ବଦଳା ଯାଇପାରିବ ନାହିଁ। କୌଣସି କଳଙ୍କିତ ରେକର୍ଡ ଥିବା ବ୍ୟକ୍ତିଙ୍କୁ କୋଚିଂ ଦଳର ସଦସ୍ୟ ଭାବେ ଚୟନ କରାଯାଇପାରିବ ନାହିଁ। ଭିଜା ଯୋଗୁ ଅନ୍ତିମ ମିନିଟ୍‌ରେ ସମସ୍ୟାର ସମାଧାନ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଦଳର ଯାତ୍ରା କରିବାର ଅତିକମ୍‌ରେ ୪୫ ଦିନ ପୂର୍ବରୁ ଚୟନ ପ୍ରକ୍ରିୟା ଶେଷ କରିବାକୁ ଏନ୍‌ଏସ୍‌ଏଫ୍‌କୁ କୁହାଯାଇଛି।

## ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ମୁଲ୍ଡର

**ହାଇଦ୍ରାବାଦ,୬।୩(ପି.ଟି.)**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ଲାଗି ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ଦକ୍ଷିଣ ଆଫ୍ରିକାର ୱିଆନ ମୁଲ୍ଡରଙ୍କୁ ଇଂଲଣ୍ଡର ବ୍ରାଇଡନ କାର୍ସିଙ୍କ ବଦଳ ଖେଳାଳି ଭାବେ ସାମିଲ କରାଯାଇଛି। ଇଂଲିଶ ଅଲ୍‌ରାଉଣ୍ଡର ଗୋଇଠିଜନିତ ଇଞ୍ଜୁରିର ସମ୍ମୁଖୀନ ହୋଇଛନ୍ତି। ୨୭ ବର୍ଷୀୟ ମୁଲ୍ଡର ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ଖେଳିଥିଲେ। ସେ ଗତ ବର୍ଷର ରନରଅପ ଏସ୍‌ଆରଏଚ୍ ଦଳରେ ୭୫ ଲକ୍ଷ ଟଙ୍କାରେ ସାମିଲ ହୋଇଛନ୍ତି। କାର୍ସି ଇଞ୍ଜୁରି କାରଣରୁ ଆଗାମୀ ଆଇପିଏଲ୍‌ରୁ ବାଦ ପଡ଼ିଛନ୍ତି।





ତାଙ୍କ ବଦଳରେ ମୁଲ୍ଡରଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରାଯାଇଛି ବୋଲି ଆଇପିଏଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ମୁଲ୍ଡର ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଲାଗି ଅନ୍ତର୍ଜାତୀୟ ସ୍ତରରେ ୧୮ ଟେଷ୍ଟ, ୧୫ ଦିନିକିଆ ଓ ୧୧ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

## ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ ଭାରତ

**କଲମ୍ବୋ, ୬।୩(ପି.ଟି.):** ମହିଳା ୫୦ ଓଭର କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଶ୍ରୀଲଙ୍କାରେ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଗୁରୁବାର ଏ ନେଇ ସୂଚନା ଦେଇଛି। ଏପ୍ରିଲ ୨୭ରୁ ମେ'୧୧ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଶ୍ରୀଲଙ୍କା ବ୍ୟତୀତ ଭାରତ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଏହା ସ୍ଥାନୀୟ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ପ୍ରତ୍ୟେକ ଦଳ ୪ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମେ'୧୧ ଫାଇନାଲକୁ ଉନ୍ନୀତ ହେବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ହେବାକୁଥିବା ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ।

# ରିଫେଲ, ଇଲିଙ୍ଗୱର୍ଥ ଫାଇନାଲରେ ଅମ୍ପାୟର ଦାୟିତ୍ୱ ତୁଲାଇବେ

**ଦୁବାଇ,୬।୩(ପି.ଟି.)**

ଆସନ୍ତା ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆର ପଲ ରିଫେଲ ଓ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଅନ-ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଏହି ମ୍ୟାଚ ଲାଗି ଶ୍ରୀଲଙ୍କାର ରଞ୍ଜନ ମାଦୁଗଲେଙ୍କୁ ମ୍ୟାଚ ରେଫରୀ ଭାବେ ନିଯୁକ୍ତ କରାଯାଇଛି।

**ଚାମ୍ପିୟନ୍ସ ଟ୍ରଫି**

ଅଷ୍ଟ୍ରେଲିଆର ପୂର୍ବତନ ଫାଷ୍ଟ ବୋଲର ୫୮ ବର୍ଷୀୟ ରିଫେଲ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଇଂଲଣ୍ଡର ପୂର୍ବତନ ବାମହାତୀ ସ୍ପିନର ୬୧ ବର୍ଷୀୟ ଇଲିଙ୍ଗୱର୍ଥ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଇଥିବା



ଅମ୍ପାୟର ରିଚାର୍ଡ ଇଲିଙ୍ଗୱର୍ଥ

ପ୍ରଥମ ସେମିଫାଇନାଲର ପରିଚାଳନା ଦାୟିତ୍ୱରେ ଥିଲେ। ୪ ଥର ବର୍ଷର ଶ୍ରେଷ୍ଠ ଆଇସିସି ଅମ୍ପାୟାର ପୁରସ୍କାର ପାଇଥିବା ଇଲିଙ୍ଗୱର୍ଥ ଭାରତରେ ଖେଳାଯାଇଥିବା ୨୦୨୩ ଦିନିକିଆ ବିଶ୍ୱକପ୍ ଓ ୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ ମ୍ୟାଚରେ ମଧ୍ୟ ସେ ଅମ୍ପାୟରିଂ କରିଥିଲେ।

## ଶାମିଙ୍କୁ ଅପରାଧୀ କହିଲେ ମୌଲାନା ରାଜ୍‌ଭି

**ନୂଆଦିଲ୍ଲୀ,୬।୩:** ମୁସଲମାନ୍‌ମାନଙ୍କ ପବିତ୍ର ର୍‌ମଜାନ ମାସରେ ଉପବାସ ନ କରି ଭାରତୀୟ କ୍ରିକେଟର ମହମ୍ମଦ ଶାମି ପାପ କରିଥିବା ସର୍ବଭାରତୀୟ ମୁସ୍‌ଲିମ୍ ଜମାତର ଜାତୀୟ ସଭାପତି ମୌଲାନା ଶାହାବୁଦ୍ଦିନ ରାଜ୍‌ଭି ବରେଲଭି କହିଛନ୍ତି। ଶାରିଆ ଆଇନ ଦୃଷ୍ଟିରୁ ସେ ଜଣେ ଅପରାଧୀ। ସେ ଏହା କରିବା ଉଚିତ ନ ଥିଲା। ଶାରିଆ ଆଇନ ପାଳନ କରିବା ସମସ୍ତ ମୁସଲମାନ୍‌ଙ୍କ ଦାୟିତ୍ୱ। ମୁସଲମାନ୍ ଧର୍ମରେ ଉପବାସ ବାଧ୍ୟତାମୂଳକ। ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଉପବାସ କରୁନାହିଁ, ତେବେ ମୁସଲମାନ ଆଇନ ଅନୁଯାୟୀ, ତାଙ୍କୁ ପାପୀ ଭାବେ ଗଣାଯିବ ବୋଲି ରାଜ୍‌ଭି କହିଛନ୍ତି। ଗତ ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଶାମି ବୋତଲରୁ କିଛି ପିଉଥିବା ଦେଖିବାକୁ ମିଳିଥିଲା। ରାଜଭିଙ୍କ ମନ୍ତବ୍ୟ ଉପରେ ଶାମିଙ୍କ ସମ୍ପର୍କୀୟ ଭାଇ ମହମ୍ମଦ କୈଫ ପ୍ରତିକ୍ରିୟା ରଖି କହିଛନ୍ତି, ପ୍ରତ୍ୟେକ ମୁସଲମାନ୍‌ଙ୍କ ପାଇଁ ନାମାଜ ପାଠ କରିବା ଭଳି ରୋଜା ରଖିବା ବାଧ୍ୟତାମୂଳକ।

**ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍**

# କିଟ୍, ଓଜିପି ବିଜୟୀ



ଓଜିପି ଓ ଫାଲ୍‌କନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୬।୩ (ବିଜୟ ରଣା)**

ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ରେ ଗୁରୁବାର କିଟ୍/କିସ୍ ଓ ଓଜିପି ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କିଟ୍/କିସ୍ ୭-୦ ଗୋଲ୍‌ରେ ଫାଓ ଏକାଡେମୀକୁ ହରାଇ ଦେଇଛି। କିଟ୍ ତରଫରୁ ବଦଳ ଖେଳାଳି ଶ୍ରଦ୍ଧାଞ୍ଜଳୀ ହେରନା ୪ଟି ଗୋଲ୍ (୬ଷ୍ଠ, ୧୩ତମ, ୨୯ତମ ଓ ୪୦ ତମ ମିନି) ସ୍କୋର କରିଥିବା ବେଳେ ପ୍ରିୟା ଧାରୁଆ (୩୩ତମ ଓ ୩୫ତମ) ଦୁଇଟି ଏବଂ ରଶ୍ମିତା ସିଂ (୩୮ତମ) ଗୋଟିଏ ଗୋଲ ଦେଇଥିଲେ। ସେହିପରି ଫାଲକନ ଗର୍ଲ୍ସ ଫୁଟ୍‌ବଲ କ୍ଲବ ୟୁନିଟ-୨କୁ ମଧ୍ୟ ସମାନ ୭-୦ ଗୋଲ୍‌ରେ ଓଜିପି ହରାଇ ଦେଇଛି। ଦଳ ତରଫରୁ ରୁଲି ସେନାପତି (୯ମ, ୨୬ତମ, ୩୭ତମ,୩୮ତମ ଓ ୩୯ତମ ମିନିଟ) ୫ଟି ଗୋଲ ଦେଇଥିବା ବେଳେ ଆଶାରାଣୀ ବିଶୋଇ (୬ଷ୍ଠ) ଓ ଅସ୍ମିନ ସାହୁ (୧୪ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

# ଟେନିସ୍ ଖେଳାଳି ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ

**ମେଲବୋର୍ନ,୬।୩(ଏପି)**

ଦୁଇଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଓ ୩ ଥରର ଡେଭିସ୍ କପ୍ ବିଜୟୀ ଦଳର ସଦସ୍ୟ ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ ଘଟିଛି। ଏ ନେଇ ଟେନିସ୍ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର କୁହାଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖେଳାଳି ଭାବେ ସଫଳ କ୍ୟାରିୟର ଶେଷ କରିବା ପରେ ସେ କୋଚ୍ ଓ ଅଷ୍ଟ୍ରେଲିଆର ନାଇନ୍ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ।



ଟେନିସ୍ ଅଷ୍ଟ୍ରେଲିଆର ସିଇଓ କ୍ରେଗ୍ ଟିଲେ ତାଙ୍କ ସମ୍ପର୍କରେ କହିଛନ୍ତି ଯେ, ଟେନିସ୍ ଉପରେ ତାଙ୍କ ପ୍ରଭାବ ସର୍ବଦା ମନେରହିବ। ତାଙ୍କ ଅବଦାନ ଦେଖିବାକୁ ସୌଭାଗ୍ୟ ପାଇଥିବା ଲୋକେ ତାଙ୍କୁ ସର୍ବଦା ମନେରଖିବେ। ଅଷ୍ଟ୍ରେଲିଆ ଡେଭିସ୍ କପ୍ ଦଳର ଜଣେ ଷ୍ଟାର ସଦସ୍ୟ ଭାବେ ଫ୍ରେଡ୍ ପେସାଦାର ଟେନିସ୍‌ରୁ ଅବସର ନେବା ପରେ ଜଣେ କୋଚ ଓ କମେଣ୍ଟେଟର ଭାବେ ଟେନିସ୍ ସହ ଯୋଡ଼ିହୋଇ ରହିଥିଲେ। ଷ୍ଟୋଲ ତାଙ୍କ କ୍ୟାରିୟରର ପ୍ରଥମ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ। ଏଥିରୁ ୪ ଥର ତାଙ୍କୁ ନିଜ ଦେଶର ରୟ ଏମରସନ ପରାସ୍ତ କରିଥିଲେ। ସେ ଟୋନି ରୋଚେଙ୍କୁ ପରାସ୍ତ କରି ୧୯୬୫ ଫ୍ରେଞ୍ଚ ଓପନ ଜିତିଥିଲେ। ଏହାର ପରବର୍ଷ ସେ ୟୁଏସ୍ ଓପନ ଟାଇଟଲ ଜିତିବା ସହ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ